# ଧରିତ୍ରୀ DHARITRI

ଢେଙ୍କାନାଳ, ରବିବାର, ୨୩ ଫେବୃୟାରୀ, ୨୦୨୦ (୧୬ ପୃଷ୍ଠା + ଛୁଟିଦିନ) Dhenkanal, Sunday, 23 February, 2020 ★★★★★

୧୬ଶ ଭାଗ ୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






**GODREJ INTERIO STORE:** Bhubaneshwar: Opp. Alok Bharti Bldg,Shaheed Nagar - 0674 - 2546682, 0674-2541366, 7873078751/9861623655The Living Concept: Plot -246, Lewis Road, Near Shree Hospital - 0674-2433318, 9438881835.Sanvi Furniture& Furnishing: Patrapada, Aeigenia Chowk-0674-2470085, 8280041182.
**FURNITURE DEALER:** Angul: Radiant Agencies, Opp hotel prasanti, Turang - 06764-230511, 9040060801, 9776032222. Pankaj Enterprises- Anand bazaar, karadagadia, near petrol pump -9348332693, 9938223420. Talcher: Pradhan Enterprises, Hatatota - 06760-240377, 8249288177. Dhenkanal:Patra Interiors, Nua Sasan Chhak, Chandan Bazar- 8249405032. Bargarh: Chandan brothers, Goshala Road - 06646-231155, 9437056011. Bhawanipatna: Jain Furniture, Near Kesinga Check Gate- 9348331703, 9337220039.Bolangir: Janta Iron Stores, Main Road - 06652-233088, 9438068892. Jharsuguda: Patra Interiors, Behermal Road- 7008903314. Kedia& Sons, Sarbahal Road - 9437058020. Rourkela: Ghar Sansar Mart (ANJ Enterprises) Kacheri Road–0661–6535808, 9937040221, 9040076761, Dua & Dua, BisraRoad - 0661-2511511,9437047394 / 8984117166. Sambalpur: Radiant Distributors, VSS Marg - 0663-2522204, 9437017101, 8249344833. Shree Goel Furniture, Ainthapali Chowk - 0663 – 2540169, 9437050406 / 9437058766. The Corporate Engineering- Pardhia Pali, Jharsuguda Highway Road- 7873078720. Sundargarh: Parida Brothers, Parade Ground - 06622-273044, 9437046708, 9040960097. Malkangiri: Sushma Enterprise, Main Road, D.N.K. –06861-231311, 9437030622, 9178467105. Nabarangpur: Ambica Stores, Main Road, Umerkote – 9437070461,9937387777. Shri Laxmi Traders, M.G. Road – 7008216327 / 9437206932. Rayagada: Sri Vinayaka Jointery, North RMC Check Gate- 9437234691, 7978777714, 8249572242.
**MATTRESS DEALER :** Jharsuguda : Mahendra, Brajrajnagar- 9938551331. Rourkela: Sobha Sadan, Kachery Road –7008624298, 9338217906. Kantabanjhi: Utkal Textile, Infront of Police Station- 9437210606.
For Home Furniture, EBO & Mattress Distribution Trade Enquiry: Pls contact @ 9977700361/7873940077/7873078753/7873078849.



ଆମଷ୍ଟରଡାମ୍: ନେଦରଲାଣ୍ଡସ ସରକାର ଇଥୋପିଆକୁ ୧୮ ଶତାବ୍ଦୀର ଏକ ସେରିମୋନିଆଲ୍ କ୍ରାଉନ୍ ଫେରାଇଛନ୍ତି। ସୁନାରେ ତିଆରି ଏହି ମୁକୁଟ ୨୧ ବର୍ଷ ତଳେ ୧୯୯୯ରେ ଏକ ଚର୍ଚ୍ଚରୁ ଚୋରି ହୋଇଯାଇଥିଲା। ଏହାକୁ ଧାର୍ମିକ ଉତ୍ସବରେ ପାଦ୍ରୀଙ୍କ ଦ୍ୱାରା ବ୍ୟବହୃତ କରାଯାଇଥାଏ। ଇଥୋପିଆର ଧାର୍ମିକ ମନୋଭାବକୁ ଦୃଷ୍ଟିରେ ରଖି ନେଦରଲାଣ୍ଡସ ସରକାର ଏକ ଉତ୍ସବର ଆୟୋଜନ କରି ଏହାକୁ ଫେରସ୍ତ କରିଛନ୍ତି। ଏହି ଉତ୍ସବରେ ଇଥୋପିଆ ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଯୋଗଦେଇ ମୁକୁଟକୁ ଗ୍ରହଣ କରିଛନ୍ତି।

# ଆରମ୍ଭ ହେଲା 'ୱାଶ୍‌ରୁମ୍ ଅନ୍ ହ୍ୱିଲ୍' ଅଭିଯାନ





**ପୁଣେ:** ମହାରାଷ୍ଟ୍ରରେ ପ୍ରଥମ କରି ମହିଳାଙ୍କ ସୁବିଧା ପାଇଁ 'ୱାଶ୍‌ରୁମ୍ ଅନ୍ ହ୍ୱିଲ୍' ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ପୁଣେ ପ୍ରଶାସନ ପକ୍ଷରୁ ୧୨ଟି ବସ୍‌କୁ ଶୌଚାଳୟରେ ପରିବର୍ତ୍ତନ କରାଯାଇଛି। ୫ ଟଙ୍କା ଶୁଳ୍କ ଦେଇ ମହିଳା ଏଠାରେ ଶୌଚ ହେବା ସହିତ ଛୋଟ ଛୁଆଙ୍କୁ ସ୍ତନ୍ୟପାନ ମଧ୍ୟ କରାଇପାରିବେ। ଏହି ଅନ୍ ହ୍ୱିଲ୍ ୱାଶ୍‌ରୁମ୍‌ରେ ସାନିଟାରୀ ନାପକିନ୍ ଏବଂ ଡାଏପର ମଧ୍ୟ କିଣିବା ପାଇଁ ଉପଲବ୍ଧ ହେଉଛି। ପ୍ରତିଦିନ ୨୦୦ରୁ ଅଧିକ ମହିଳା ଏହାକୁ ବ୍ୟବହାର କରୁଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ ହ୍ୱିଲ୍ ୱାଶ୍‌ରୁମ୍‌ରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସୁବିଧା ଲାଗି ଛାତରେ ସୋଲାର ସେଲ୍ ଲଗାଯାଇଛି। ଏହି ଅଭିଯାନକୁ ଅଳକା ସାଦଲକର ଏବଂ ରାଜୀବ ଖେର୍‌ଙ୍କ ଉଦ୍ୟମରେ ଆରମ୍ଭ କରାଯାଇଛି। ଅଗାମୀ ଦିନରେ ଦେଶରେ ଏଭଳି ୧୦୦୦ ଅନ୍ ହ୍ୱିଲ୍ ୱାଶ୍‌ରୁମ୍ କାର୍ଯ୍ୟ କରିବ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଏଭଳି ପ୍ରୟାସ କରାଯାଇଥିବା ଅଳକା ସାଦଲକର ଏବଂ ରାଜୀବ ଖେର୍ କହିଛନ୍ତି।


# ଫିଲ୍ମରେ ଘରୋଇ ହିଂସାକୁ ତାପସୀଙ୍କ ନାପସନ୍ଦ

**ମୁମ୍ବାଇ:** ବଲିଉଡ୍ ନାୟିକା ତାପସୀ ପନ୍ନୁଙ୍କ ଅଭିନୀତ ଫିଲ୍ମ 'ଥପ୍ପଡ' ଏବେ ରହିଛି ଚର୍ଚ୍ଚାରେ। ଏହାର ଟ୍ରେଲରଠାରୁ ଆରମ୍ଭ କରି ସୋସିଆଲ ମେସେଜ ପର୍ଯ୍ୟନ୍ତ ସବୁକିଛି ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛି ବୋଲି କୁହାଯାଉଛି। ନିକଟରେ ଏହାର ଏକ ଭିଡିଓ ଶେୟାର କରି ତାପସୀ ସମସ୍ତ ଫଲୋୟର୍ସଙ୍କୁ ଏକ ପିଟିଶନ ସାଇନ୍ କରିବାକୁ ଅନୁରୋଧ କରିଛନ୍ତି। ଏହି ଭିଡିଓ ମାଧ୍ୟମରେ ସେ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି)କୁ ମଧ୍ୟ ଅନୁରୋଧ କରିଛନ୍ତି। ଫିଲ୍ମରେ ଦେଖାଯାଉଥିବା ଘରୋଇ ହିଂସାକୁ ନେଇ ଡିସ୍‌କ୍ଲେମର ଦେବା ଉଚିତ ବୋଲି ସେ କହିଛନ୍ତି। ସେ କହିଛନ୍ତି , ଯଦି ଫିଲ୍ମରେ ସିଗାରେଟ୍ ଓ ମଦ ପାଇଁ ଡିସ୍‌କ୍ଲେମର ଦିଆଯାଉଛି ତେବେ ମହିଳାଙ୍କ ଉପରେ ହେଉଥିବା ଘରୋଇ ହିଂସା ପାଇଁ କାହିଁକି ଦିଆଯିବ ନାହିଁ। ଅବଶ୍ୟ ଏକଥାକୁ କେତେଜଣ ସମର୍ଥନ କରୁଛନ୍ତି ତାହା ତ ସମୟ କହିବ । ହେଲେ ତାପସୀ ଏହା ଶେୟାର କରିବା ପରେ କମେଣ୍ଟ ବକ୍ସରେ ତାଙ୍କୁ ଅନେକ ସମର୍ଥନ ମିଳିଥିବା ଦେଖାଯାଇଛି।



ତାପସୀ ପନ୍ନୁ

# ଫର୍ମରେ ଜାତି-ଧର୍ମ ଉଲ୍ଲେଖ ନ କରିବାରୁ ନାମଲେଖାରୁ ବଞ୍ଚିତ





ଥିରୁଭାନନ୍ତପୁରମ: କେରଳର ଏକ ସରକାରୀ ସ୍କୁଲରେ ଜଣେ ଛାତ୍ରଙ୍କ ଅଭିଭାବକ ଫର୍ମରେ ଜାତି-ଧର୍ମର ସ୍ତମ୍ଭ ପୂରଣ ନ କରି ଥିବାରୁ ପିଲାଟିର ନାମ ଲେଖିବାକୁ ମନା କରିଦେଲେ ସ୍କୁଲ କର୍ତ୍ତୃପକ୍ଷ। ଏମିତି ଏକ ଖବର ଏବେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ଘଟଣା ଜଣାପଡିବା ପରେ ଶିକ୍ଷା ବିଭାଗ ଓ ଶିକ୍ଷାମନ୍ତ୍ରୀ ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ନଜିମ ଓ ଧନ୍ୟା ତାଙ୍କ ପିଲାକୁ ଜାତି-ଧର୍ମଠାରୁ ବାହାରେ ରଖିବାକୁ ଚାହୁଁଥିବାରୁ ସେ ଏହି ସ୍ତମ୍ଭକୁ ପୂରଣ କରି ନ ଥିଲେ। ଏହାକୁ ଦେଖିବା ପରେ ସେଣ୍ଟ ମ୍ୟାରୀ ହାୟର ସେକେଣ୍ଡାରୀ ସ୍କୁଲ ତାଙ୍କ ପିଲାକୁ ନାମ ଲେଖିବାକୁ ଅନୁମତି ଦେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପିଲାଟି ଭଲ ପାଠ ପଢୁଥିବା ବେଳେ କେବଳ ଜାତି-ଧର୍ମକୁ ନେଇ ସ୍କୁଲରେ ପ୍ରବେଶ ନ ମିଳିବା ସବୁଠାରୁ ଦୁଃଖଦାୟକ ବୋଲି ପିଲାଟିର ଅଭିଭାବକ କହିଛନ୍ତି।

# ଫୁଟ୍‌ପାଥ୍‌ରେ ଚଳାଉଥିବା ଗାଡ଼ି ଚାଳକଙ୍କୁ ସାବାଡ୍

ପୁଣେ: ମହାରାଷ୍ଟ୍ରର ପୁଣେ ସହର। ଏଠାରେ ଅନେକ ମଲ୍ଟି ନ୍ୟାଶ୍‌ନାଲ୍ କମ୍ପାନୀ ରହିଛି। ଚାକିରି ଓ ବ୍ୟବସାୟ ପାଇଁ ଦେଶର ବିଭିନ୍ନ ପ୍ରାନ୍ତର ଲୋକେ ଆସି ଏଠାରେ ରହୁଛନ୍ତି। ତେଣୁ ଏଠାରେ ଟ୍ରାଫିକ୍ ସମସ୍ୟା ନୂଆ ନୁହେଁ। ହେଲେ ବେପରୁଆ କେତେକ ଗାଡ଼ି ଚାଳକଙ୍କ ଯୋଗୁ ଅନେକ ସମୟରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଏଥିରେ କେବଳ ଗାଡ଼ି ଜାମ୍ ହୋଇ ନ ଥାଏ ବରଂ ଚାଲି ଯାଉଥିବା ଲୋକଙ୍କୁ ମଧ୍ୟ ଅସୁବିଧାରେ ପକାଇଥାଏ। ତେବେ ଟ୍ରାଫିକ୍ ପରିଚାଳନା କରିବା କେବଳ ଟ୍ରାଫିକ୍ ପୋଲିସର କାମ ନୁହେଁ ବରଂ ନିୟମ ପ୍ରତି ସଚେତନ ହେବା ଏବଂ ଅନ୍ୟମାନଙ୍କୁ ସଚେତନ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଏହା ପୁଣେର ନିର୍ମଳା ଗୋଖିଲେ ନାମ୍ନୀ ସଚେତନ ବରିଷ୍ଠ ମହିଳା ପ୍ରମାଣିତ କରିଛନ୍ତି। ରାସ୍ତାରେ ଯିବା ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ସେ ସହ୍ୟ କରିପାରି ନ ଥିଲେ। ଆଗକୁ ଆସି ଫୁଟ୍‌ପାଥ୍‌ରେ ଗାଡ଼ି ଚଳାଉଥିବା କେତେକ ବାଇକ୍ ଚାଳକଙ୍କୁ ସାବାଡ୍ କରିବା ପାଇଁ ସେ ଚିନ୍ତା କରିଥିଲେ। ନିୟମ ଉଲ୍ଲଂଘନ କରି ଫୁଟ୍‌ପାଥ୍‌ରେ ଗାଡ଼ି ଚଳାଉଥିବା ଗାଡ଼ି ଚାଳକଙ୍କୁ ସାବାଡ୍ କରିଥିଲେ। ଗାଡ଼ି ଫୁଟ୍‌ପାଥ୍‌ରୁ ଓହ୍ଲାଇ ରାସ୍ତାରେ ଠିକ୍‌ଭାବେ ଚଲାଇବାକୁ ସେ ବାଧ୍ୟ କରିଥିଲେ। ଏପରିକି ନିର୍ମଳା ଶିକ୍ଷିତ ଲୋକଙ୍କ ଏଭଳି କାର୍ଯ୍ୟକୁ ସାମ୍ନାରେ ନିନ୍ଦା ମଧ୍ୟ କରିଥିଲେ। କିଛି ସମୟ ପରେ ନିର୍ମଳାଙ୍କ ଏଭଳି କାର୍ଯ୍ୟକୁ ଦେଖି ରାସ୍ତାରେ ଯାଉଥିବା ଅନେକ ଲୋକ ପ୍ରଶଂସା କରିବା ସହ ଲୋକଙ୍କୁ ସଚେତନ କରିବାରେ ତାଙ୍କୁ ସହଯୋଗ କରିଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବାବେଳେ ଅନେକ ଲୋକ ନିର୍ମଳାଙ୍କ ଏଭଳି ପଦକ୍ଷେପକୁ ସାବାସି ଜଣାଇଛନ୍ତି। ଏଥିସହ ହସି ଚାଲିଯାଉଥିବା ନିୟମ ଉଲ୍ଲଂଘନକାରୀ ବାଇକ୍ ଚାଳକଙ୍କୁ ନିନ୍ଦା ମଧ୍ୟ କରାଯାଇଛି।



ସାବାସ୍ ନିର୍ମଳା

# ଆୟୁଷ୍ମାନ୍ ଖୁରାନାଙ୍କ ଛାତି କୁଣ୍ଢେ ମୋଟ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଗସ୍ତ ପୂର୍ବରୁ ଆୟୁଷ୍ମନ୍ ଖୁରାନାଙ୍କ ଫିଲ୍ମ 'ଶୁଭ ମଙ୍ଗଳ ଜ୍ୟାଦା ସାବଧାନ'ର ତାରିଫ୍ କରିଛନ୍ତି। ସେ ଟୁଇଟ୍ କରି ଫିଲ୍ମକୁ ପ୍ରଶଂସା କରିଛନ୍ତି। ଏହାକୁ ନେଇ ଆୟୁଷ୍ମାନ୍‌ଙ୍କ ଛାତି କୁଣ୍ଢେମୋଟ ହୋଇଯାଇଥିବା ପ୍ରଶଂସକ କହୁଛନ୍ତି। ଏହି ଫିଲ୍ମ ୨୮ ତାରିଖରେ ରିଲିଜ୍ ହେଉଛି। ଫିଲ୍ମର ଷ୍ଟୋରୀ ଗେ ରୋମାନ୍ସ ଉପରେ ପର୍ଯ୍ୟବେଶିତ। ଏଥିରେ ଆୟୁଷ୍ମାନ୍‌ଙ୍କ ସହିତ ଜିତେନ୍ଦ୍ର କୁମାର, ନୀନା ଗୁପ୍ତା ଏବଂ ଗଜରାଜ ରାଓ ମୁଖ୍ୟ ଭୂମିକାରେ ରହିଛନ୍ତି।



# ଆଣ୍ଟାଙ୍କ କରୋନା ଟେଣ୍ଟ ତିଆରି କଲେ ମହିଳା

ଉହାନ: ଚାଇନାରେ କରୋନା ଆତଙ୍କ ସୃଷ୍ଟି କରିଛି। ଲୋକଙ୍କୁ ଘରୁ ବାହାରକୁ ନ ବାହାରିକୁ ସରକାର କଟକଣା ଜାରି କରିଛନ୍ତି। ଫଳରେ ପିଲାମାନଙ୍କ ସ୍କୁଲ ଯିବା ମଧ୍ୟ ବନ୍ଦ ହୋଇଯାଇଛି। ଏପରିସ୍ଥଳେ ହୁବେଇ ପ୍ରଦେଶର ଜଣେ ମହିଳା ତାଙ୍କ ୭ବର୍ଷ ଝିଅଙ୍କ ପାଇଁ ଏକ ଆଣ୍ଟି କରୋନା ଟେଣ୍ଟ୍ ତିଆରି କରିଛନ୍ତି। ଘରେ ନେଟୱାର୍କ ଆସୁ ନ ଥିବାରୁ ମହିଳା ଜଣଙ୍କ ବାହାରେ ଏକ ଟେଣ୍ଟ ତିଆରି କରି ଝିଅର ଅନ୍‌ଲାଇନ୍ କ୍ଲାସ୍ ଜାରି ରଖିଛନ୍ତି। ଏହା ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।



# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ୨୩ ଫେବୃୟାରୀ, ୨୦୨୦ | Dhenkanal, Sunday, 23 February, 2020 | ପୃଷ୍ଠା-୧




**ଜନ୍‌ଙ୍କ ଶାର୍ଟଲେସ ଫଟୋଶୁଟ୍**

ଡବୁଙ୍କ କ୍ୟାଲେଣ୍ଡରରେ ନଜରକୁ ଆସିଛନ୍ତି ଜନ ଆବ୍ରାହମ। ସେ ଶାର୍ଟଲେସ ସହ କ୍ଲିନ୍ ଶେଭ୍ ଲୁକ୍‌ରେ ମନ କିଣୁଛନ୍ତି। କେବଳ ସେ ଏକ ଟାୱେଲ ପିନ୍ଧିଛନ୍ତି। ଏଥିରେ ସେ ଖୁବ୍ ବୋଲ୍ଡ ଲାଗୁଛନ୍ତି।

୦୨

୧୩

**ଆଷ୍ଟନ ଅଗରଙ୍କ ହ୍ୟାଟ୍ରିକ**

ଦକ୍ଷିଣ ଆଫ୍ରିକା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲୀୟ ବୋଲର ଆଷ୍ଟନ ଅଗର ହ୍ୟାଟ୍ରିକ ଅର୍ଜନ କରିଛନ୍ତି।



# ଭାରତ ହେବ ବିଶ୍ୱ କ୍ରୀଡ଼ାର 'ସୁପରପାୱାର'



ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ।

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉଦ୍‌ଘାଟିତ

- ସଂସ୍କରଣ: ପ୍ରଥମ
- ବିଶ୍ୱବିଦ୍ୟାଳୟ : ୧୫୯
- ଆଥଲେଟ: ୩୪୦୦
- ବର୍ଗ: ୧୭
- ଟିମ୍ ଇଭେଣ୍ଟ:୬ (ରଗ୍‌ବୀ ସମେତ)

**କଟକ ଅଫିସ,୨୨।୨**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଲୋ ଇଣ୍ଡିଆ ୟୁନଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ ଶନିବାର ସନ୍ଧ୍ୟାରେ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସି ଜରିଆରେ ଏହି ମେଗା ଇଭେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଭାରତୀୟ କ୍ରୀଡ଼ା ନିମନ୍ତେ ଏହା ଏକ ସ୍ମରଣୀୟ ଦିବସ ବୋଲି ଅଭିହିତ କରିବା ସହିତ ଆଗାମୀ ଦିନରେ ଭାରତ ବିଶ୍ୱ କ୍ରୀଡ଼ାର ସୁପର ପାୱାର ହେବ ବୋଲି କହିଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଖ୍ୟାତନାମା କଳାକାରମାନେ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନ ମୋହିଥିଲେ। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳି ନିଜକୁ ନିଜର ସର୍ବଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରନ୍ତୁ। ମଇଦାନ ଉପରେ ଅଳ୍ପ ସମୟରେ ପ୍ରତିଯୋଗିତା ହୁଏ। ହେଲେ ନିଜ ସହ ଦୀର୍ଘ ସମୟର ପ୍ରତିଯୋଗିତା ହେବା ଉଚିତ। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତୀୟ କ୍ରୀଡ଼ା ଜଗତରେ ବେଶ୍ ପ୍ରଭାବ ପକାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଥମ ସଂସ୍କରଣରେ ୩,୫୦୦ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। ଦେଶର କ୍ରୀଡ଼ା ଭିତ୍ତିଭୂମିରେ ନିରନ୍ତର ବିକାଶ ଘଟୁଛି। ଖେଳାଳିମାନେ କେବଳ ନିଜର ଖେଳ ପ୍ରତି ଧ୍ୟାନ ଦିଅନ୍ତୁ। ଏବେ ଖେଳାଳିମାନଙ୍କ ପାଇଁ ଆଜୀବନ ପେନ୍‌ସନ ଯୋଜନା ହେଲାଣି ବୋଲି ମୋଦି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାବିତଙ୍କ ବିକାଶ ପାଇଁ ଖେଲୋ ଇଣ୍ଡିଆର ଏହି କାର୍ଯ୍ୟକ୍ରମକୁ ସେ ସାଧୁବାଦ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଐତିହାସିକ କଟକ ସହର ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ ଜଣାଉଛି ବୋଲି କହିଥିଲେ। ଆଗାମୀ ଦିନରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନର ଯୋଜନା ହେଉଛି। ଏହି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର କିଛି ମ୍ୟାଚ୍ ଓଡ଼ିଶାରେ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ପ୍ରତିଯୋଗୀମାନଙ୍କୁ ଶପଥପାଠ କରାଇଥିଲେ।

# ଆଖଡ଼ାଶାଳୀ ବନ୍ଦର ବାଟ ଫିଟିଲା

- କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର
- କେନ୍ଦ୍ର ସହଯୋଗରେ ହେବ ବନ୍ଦର ନିର୍ମାଣ
- ପାରାଦୀପ ପୋର୍ଟ ସହ ଖୁବ୍‌ଶୀଘ୍ର ଏମ୍‌ଓୟୁ
- ଖର୍ଚ୍ଚ ହେବ ୩ ହଜାର କୋଟି



**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ ପାଇଁ ବାଟ ଫିଟିଛି। ଆଖଡ଼ାଶାଳୀ ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡିବା ପରେ ରାଜ୍ୟ ସରକାର ଏହାର ନିର୍ମାଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ହାତରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସରକାର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ଏହି ବନ୍ଦର ନିର୍ମାଣ ସକାଶେ ବୁଝାମଣା ପତ୍ର (ଏମଓୟୁ)ପାଇଁ ପ୍ରସ୍ତୁତ ହେବାକୁ ଅନୁରୋଧ କରାଯାଇଛି। ଏ ନେଇ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମଧ୍ୟ ଏଥିରେ ପ୍ରସ୍ତାବ ଦିଆଯାଇଛି। ଅନ୍ୟ ଘରୋଇ କମ୍ପାନୀକୁ ଯେପରି ସରକାରୀ ଘରୋଇ ଭାଗୀଦାରି(ପିପିପି) ମୋଡରେ ରାଜ୍ୟର ଅନ୍ୟାନ୍ୟ ବନ୍ଦର ଦିଆଯାଉଛି ସେହି ଆଧାରରେ ଏମଓୟୁ ସ୍ୱାକ୍ଷର କରାଯିବ। ରାଜ୍ୟ ସରକାର ବନ୍ଦର ନିର୍ମାଣ ପାଇଁ ୪ ବର୍ଷ ସମୟ ଦେଉଥିବା ବେଳେ ଏହା କାର୍ଯ୍ୟକ୍ଷମ ହେବା ପରେ ପ୍ରଥମ ପର୍ଯ୍ୟାୟରେ ୩୦ ବର୍ଷ ଓ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟରେ ୧୦ ବର୍ଷ ଲେଖାଏ ଚୁକ୍ତି ଅବଧି ବଢାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହି ବନ୍ଦରରେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ବର୍ଥ ନିର୍ମାଣ ହେବ। ଏଥିରେ ପ୍ରାୟ ୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ତୁରନ୍ତ ଏମଓୟୁ ସ୍ୱାକ୍ଷର କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଆଖଡ଼ାଶାଳୀଠାରେ ରାଜ୍ୟର ଏକ ମାତ୍ର ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡ଼ିବା ପରେ ଏହାର ନିର୍ମାଣ ଦାୟିତ୍ୱ ହାତକୁ ନେବାକୁ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଆଗ୍ରହ ଦେଖାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଆଖଡ଼ାଶାଳୀ ବନ୍ଦର ନିର୍ମାଣ କରିବାକୁ ୨୦୧୯ ଫେବୃୟାରୀରେ ଟେଣ୍ଡର ଡକାଯାଇଥିଲା। ୪ଟି ଘରୋଇ ସଂସ୍ଥା ଟେଣ୍ଡର ଆବେଦନ କରିଥିଲେ। ତେବେ ପ୍ରି ବିଡିଂ ପରେ ସେହି କମ୍ପାନୀଗୁଡ଼ିକ ଆଉ ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିଲେ। ଫଳରେ ଟେଣ୍ଡର ଫେଲ୍ ମାରିଥିଲା। ଘରୋଇ ସଂସ୍ଥାଗୁଡ଼ିକର ଅନାଗ୍ରହକୁ ଦେଖି ରାଜ୍ୟ ସରକାର ସେହି ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଥିଲେ। ୨୦୧୯ ଜୁନ ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ ଗୋପାଳ କ୍ରିଷ୍ଣାଙ୍କୁ ଏହି ବନ୍ଦର ନିର୍ମାଣ କରିବାକୁ ତତ୍କାଳୀନ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ ମଧ୍ୟ କେନ୍ଦ୍ର ସରକାର ଗ୍ରହଣ କରିଥିଲେ। ଏହି ବନ୍ଦର ନିର୍ମାଣ କରିବାକୁ ପାରାଦୀପ ପୋର୍ଟ ଟ୍ରଷ୍ଟ(ପିପିଟି)ମଧ୍ୟ ପ୍ରସ୍ତୁତ ଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ନେଇ ୨୦୧୯ ଡିସେମ୍ବର ୨ରେ ମନ୍ତ୍ରଣାଳୟ ସଚିବ ଉକ୍ତ ବନ୍ଦର ନିର୍ମାଣ ଦାୟିତ୍ୱ ପିପିଟି ହାତରେ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ। ରାଜ୍ୟ ସରକାର ପ୍ରସ୍ତାବ ଦେବା ପରେ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତାବିତ ବନ୍ଦର ଅଧ୍ୟୟନ କରାଯାଇଥିଲା। ଏହି ନଦୀଭିତ୍ତିକ ବନ୍ଦର ଏକ ଲାଭଦାୟକ ପ୍ରକଳ୍ପ ହୋଇପାରିବ ବୋଲି ପିପିଟି ପକ୍ଷରୁ ମନ୍ତ୍ରଣାଳୟକୁ ଜଣାଇ ଦିଆଯାଇଥିଲା। ବନ୍ଦର ପ୍ରତିଷ୍ଠା ହେଲେ ଉଭୟ ରାଜ୍ୟ ସରକାର ଏବଂ ପାରାଦୀପ ବନ୍ଦର ଲାଭବାନ ହୋଇପାରିବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ପୂର୍ବରୁ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ପ୍ରସ୍ତାବିତ ବନ୍ଦର ପାଇଁ ୩୦୦ ଏକର ଜମିର ଆବଶ୍ୟକତା ରହିଛି ବୋଲି ରିପୋର୍ଟ ଦିଆଯାଇଥିଲା। ତେବେ ପିପିଟି ସର୍ଭେ ପରେ ଏଥିପାଇଁ ଅଧିକ ଜମି ଆବଶ୍ୟକ ହେବ ବୋଲି କୁହାଯାଇଛି। ଏଥିପାଇଁ ଯାହାକିଛି କରାଯିବ ତାହା ମିଳିତ ଭାବେ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା। ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ଅନୁଯାୟୀ ଜମିର ମୂଲ୍ୟ ଧାର୍ଯ୍ୟ କରାଯିବ। ଏହି ପ୍ରକଳ୍ପର ରିହାତି ଅବଧି (କନସେସନ ପିରିୟଡ) ୫୦ ବର୍ଷ କରିବାକୁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ☞ ପୃଷ୍ଠା−୨

# ୯ ଘଣ୍ଟା ପଡ଼ିରହିଲା ମୃତଦେହ

- ମହାପ୍ରୟାଣ ଗାଡ଼ି ପାଇଁ ପରିବାର ଲୋକଙ୍କ ନିକଟରେ ଟଙ୍କା ନାହିଁ
- ଏମ୍‌ପିଙ୍କ ସହାୟତା ପରେ ପୈତୃକ ଘରକୁ ଗଲା ବୃଦ୍ଧଙ୍କ ଶବ

**ଅନୁଗୋଳ ଅଫିସ, ୨୨।୨**

ଯୋଜନା ଆରମ୍ଭରୁ ଅନୁଗୋଳ ଜିଲାରେ ମାଗଣାରେ ମିଳୁଥିବା ମହାପ୍ରୟାଣ ସେବା ଏଣିକି ଆଉ ମିଳୁନି। ପୂର୍ବରୁ ଜିଲା ଖଣିଜ ପାଣ୍ଠିରୁ ଏଥିପାଇଁ ଅର୍ଥ ପ୍ରଦାନ କରାଯାଉଥିବା ବେଳେ ଗତବର୍ଷ ଶେଷଭାଗରେ ଜିଲା ପ୍ରଶାସନ ଏହା ଉପରେ ରୋକ୍ ଲଗାଇବା ସହ ମୃତକଙ୍କ ପରିବାରଠାରୁ କିଲୋମିଟର ପିଛା ୮ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲା। ପ୍ରଶାସନର ଏପରି ନିଷ୍ପତ୍ତି ଯୋଗୁ ଅନେକ ସମୟରେ ମେଡିକାଲରୁ ମୃତଦେହ ନେବାରେ ଗରିବ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଶନିବାର ଏପରି ଏକ ଘଟଣାରେ ଜଣେ ବୃଦ୍ଧଙ୍କ ମୃତଦେହ ୯ ଘଣ୍ଟା ପଡ଼ିରହିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସହାୟତା ପରେ ମୃତଦେହ ବୃଦ୍ଧଙ୍କ ଘରେ ପହଞ୍ଚିଥିବା ଜଣାପଡ଼ିଛି। ☞ ପୃଷ୍ଠା−୬

# କେବଳ ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ



ଏମ୍ସ ନିର୍ଦ୍ଦେଶିକାଙ୍କ ସହ ବିଜେଡି ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି ।

**ଭାଷା ବିବାଦକୁ ନେଇ ଭୁବନେଶ୍ୱର ଏମ୍ସର ସ୍ପଷ୍ଟୀକରଣ**

- ଓଡ଼ିଆରେ ହେବ ଫର୍ମ ପୂରଣ
- ପ୍ରଭାବିତ ହେବନି ରୋଗୀସେବା
- ନିର୍ଦ୍ଦେଶିକାଙ୍କୁ ଭେଟିଲେ ବିଜେଡି ପ୍ରତିନିଧି
- କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର
- ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ କେବଳ ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ ଭାଷା ବ୍ୟବହାର କରାଯିବ ବୋଲି ଏହାର ନିର୍ଦ୍ଦେଶିକା ଡକ୍ଟର ଗୀତାଞ୍ଜଳି ବି. କହିଛନ୍ତି। ସେହିପରି ସଂସ୍ଥାନରେ ହେଉଥିବା ଅଧିକାଂଶ ଦସ୍ତଖତ ଇଂଲିଶ ଅଥବା ଓଡ଼ିଆରେ ହୋଇଥାଏ। ତେଣୁ କର୍ମଚାରୀଙ୍କ ଉପରେ ହିନ୍ଦୀ ବ୍ୟବହାର ନେଇ ଲଦି ଦିଆଯାଉନାହିଁ। ଜାରି ହୋଇଥିବା ବିଜ୍ଞପ୍ତି କେବଳ ଆଭ୍ୟନ୍ତରୀଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ। ଏହା ଅଫିସିଆଲ ଲାଙ୍ଗୁଏଜ୍ ଆକ୍ଟ ରହିଥିବା ନିୟମ ଅନୁଯାୟୀ କରାଯାଉଥିବା ନିର୍ଦ୍ଦେଶିକା ଶନିବାର ସଫେଇ ଦେଇଛନ୍ତି।

ଗତ ଗୁରୁବାର ଭୁବନେଶ୍ୱରସ୍ଥିତ ଏମ୍ସର ସମସ୍ତ କର୍ମଚାରୀ ଓ ଫାକଲ୍ଟି ହିନ୍ଦୀ ଭାଷାରେ ଦସ୍ତଖତ କରିବା ସହ ରେକର୍ଡ ପ୍ରସ୍ତୁତ କରିବା ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। 'ଧରିତ୍ରୀ'ରେ ପ୍ରଥମେ ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହି ମର୍ମରେ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ଏମ୍ସ ନିର୍ଦ୍ଦେଶିକାଙ୍କୁ ଭେଟି ପ୍ରତିବାଦ ଜଣାଇଛନ୍ତି। ବିଜେଡିର ଅଭିଯୋଗ ସମ୍ପର୍କରେ ଜାଣିବା ପରେ କର୍ତ୍ତୃପକ୍ଷ ମଧ୍ୟ ଉପରୋକ୍ତ ଉକ୍ତି ଦ୍ୱାରା ନିଜ ପକ୍ଷ ରଖିଛନ୍ତି। ଏଥିସହିତ ଦଳ ପକ୍ଷରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମଧ୍ୟ ପ୍ରେରଣ କରାଯାଇଛି। ବିଜେଡି ପ୍ରତିନିଧି ଦଳରେ ସଂସଦୀୟ ଦଳ ନେତା(ଲୋକ ସଭା)ପିନାକୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଡକ୍ଟର ଅମର ପଟ୍ଟନାୟକ, ସରୋଜିନୀ ହେମ୍ବ୍ରମ୍ , ଡକ୍ଟର ସସ୍ମିତ ପାତ୍ର, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କେନ୍ଦ୍ରାପଡ଼ା ଏମ୍‌ପି ☞ ପୃଷ୍ଠା−୨

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଭିତରକନିକା ବଞ୍ଚାଅ

**ଆଜିର ମନ୍ତବ୍ୟ**

"ଆତଙ୍କବାଦ ଓ ସାଇବର ଅପରାଧ ଭଳି ସମସ୍ୟାର ସମାଧାନ ପାଇଁ ନ୍ୟାୟପାଳିକା ଉଦ୍ୟମ କରିବା ଉଚିତ।

–ଜଷ୍ଟିସ୍ ଏନ୍. ଭି. ରମନା, ସୁପ୍ରିମକୋର୍ଟ ବିଚାରପତି

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୩ ବିଲିୟନ ଡଲାର ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ୪୭୬ ବିଲିୟନ ଡଲାର ଛୁଇଁଛି।

– ରିଜର୍ଭ ବ୍ୟାଙ୍କ


Vencobb FRESH CHICKEN


22.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 42 | 83 | 93 |
| CTC | 43 | 84 | 94 |
| DKL | 44 | 85 | 95 |
| BDK | 47 | 89 | 99 |
| BLS | 49 | 92 | 102 |
| ANG | 45 | 87 | 97 |
| BMP | 42 | 83 | 93 |

*Conditions Apply

Issued in the Interest of Consumers





## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅନୁପଙ୍କ ରିମାଣ୍ଡ ଅବଧି ଶେଷ

**କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା**

- ପୋଲିସକୁ ଭୁଆଁ ବୁଲାଇଲେ
- ଅଧିକ ତଥ୍ୟ, ପ୍ରମାଣ ଯୋଗାଡ଼ରେ ପୋଲିସ ଫେଲ୍

**ଝାରସୁଗୁଡ଼ା ଅଫିସ,୨୨।୨**

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣାରେ ଛତିଶଗଡ଼ ପୋଲିସ ଏବେ ଚିନ୍ତାରେ ପଡିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଓ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ପୋଲିସ ନିକଟରେ ପ୍ରଥମେ ନିଜ ଦୋଷ ସ୍ୱୀକାର କରିଥିଲେ। ଏଣୁ ପୋଲିସ ଉଭୟଙ୍କୁ ରିମାଣ୍ଡରେ ଆଣି ସାମ୍ନାସାମ୍ନି ବସାଇ ପଚାରାଉଚରା କରିଥିଲା। ବର୍ଦ୍ଧନଙ୍କ ଦିନିକିଆ ରିମାଣ୍ଡ ଅବଧି ଶେଷ ପରେ ତାଙ୍କୁ ପୋଲିସ ଜେଲ ପଠାଇ ଦେଇଛି। ଶନିବାର ଅନୁପଙ୍କ ୩ ଦିନିଆ ରିମାଣ୍ଡ ସରିଛି। ହେଲେ ଏହି ରିମାଣ୍ଡ ସମୟ ଭିତରେ ଅନୁପ ପୋଲିସକୁ ସହଯୋଗ ନ କରି ଭୁଆଁ ବୁଲାଇଛନ୍ତି। ଅସୁସ୍ଥ ଆଳ ଦେଖାଇ ଅନୁପ ଅଧିକାଂଶ ପ୍ରଶ୍ନରେ ଚୁପ୍ ରହିଥିଲେ। ଏଣୁ ତାଙ୍କଠାରୁ ଅଧିକା ତଥ୍ୟ,ପ୍ରମାଣ ଯୋଗାଡ଼ କରିବାରେ ପୋଲିସ ଉଦ୍ୟମ ଶେଷରେ ଫେଲ୍ ମାରିଛି।

ଗତ ବୁଧବାର କୋର୍ଟ ଅନୁପଙ୍କୁ ୩ ଦିନ ଓ ବର୍ଦ୍ଧନଙ୍କୁ ଗୋଟିଏ ଦିନ ଲାଗି ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ଦେଇଥିଲେ। ଗୁରୁବାର ବର୍ଦ୍ଧନଙ୍କ ରିମାଣ୍ଡ ଅବଧି ଶେଷ ହୋଇଥିଲା। ଶନିବାର ଅନୁପଙ୍କ ରିମାଣ୍ଡ ଅବଧି ଶେଷ ହେବାରୁ ଅପରାହ୍ନରେ ପୋଲିସ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି। ତେବେ ଉଭୟ ବର୍ଦ୍ଧନ ଓ ଅନୁପଙ୍କଠାରୁ ରିମାଣ୍ଡ ଅବଧି ମଧ୍ୟରେ ପୋଲିସ କୌଣସି ନୂଆ ତଥ୍ୟ ପାଇ ନ ଥିବା ଆଲୋଚନା ହେଉଛି । ବରଂ ଅଭିଯୁକ୍ତଦ୍ୱୟ ପୋଲିସକୁ ବାଟବଣା କରିବାକୁ ଉଦ୍ୟମ କରିଥିଲେ, ଯାହା ଖୋଦ୍ ରାୟଗଡ ଏସ୍‌ପି ସନ୍ତୋଷ ସିଂ ସ୍ୱୀକାର କରିଛନ୍ତି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଆଉଥରେ ରିମାଣ୍ଡରେ ଆଣିବାକୁ ପୋଲିସ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ଅନୁପଙ୍କ ନାର୍କୋ ଟେଷ୍ଟ ପାଇଁ କୋର୍ଟରେ ଆବେଦନ କରାଯାଇଛି। ମଙ୍ଗଳବାର ଏହାର ଶୁଣାଣି ଅଛି। ପୋଲିସ ନିକଟରେ ଯାହା ତଥ୍ୟ ଓ ପ୍ରମାଣ ରହିଛି ତାହା ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଯାଉଛି ବୋଲି ସେ କହିଛନ୍ତି।

# ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖ: ଡିଜିପି

**ଭବାନୀପାଟଣା,୨୨।୨(ଡି.ଏନ.ଏ.)**



ସମୀକ୍ଷା ବୈଠକରେ ଡିଜିପି ଅଭୟଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ବୃନ୍ଦ ।

**ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ସମୀକ୍ଷା**

ଶନିବାର ପୋଲିସ ମହାନିର୍ଦ୍ଦେଶକ ଅଭୟ କଳାହାଣ୍ଡି ଜିଲା ଗସ୍ତରେ ଆସି ମାଓବାଦୀଙ୍କ ଦମନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଆବଶ୍ୟକ ଭିତ୍ତିଭୂମିର ବିକାଶ ଉପରେ ସେ ଜୋର ଦେଇଛନ୍ତି। ଭବାନୀପାଟଣାସ୍ଥିତ ରିର୍ଜଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ସେ ପୋଲିସର କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଡିଆଇଜି ସଫିନ ଅହମ୍ମଦ୍ ମାଓବାଦୀଙ୍କ ଦମନ ତଥା ପୋଲିସ ବିଭାଗର ତତ୍ପରତା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଲେ ଅବିଭକ୍ତ କଳାହାଣ୍ଡି ଜିଲାକୁ ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ପାହାଡ ପର୍ବତ ଘେରି ରହିଥିବାରୁ ମାଓବାଦୀଙ୍କ ପାଇଁ ଏହା ଭୂସ୍ୱର୍ଗ ପାଲଟିଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ, ଥୁଆମୂଳ ରାମପୁର, ଗୋଲାମୁଣ୍ଡା ଓ ମଦନପୁର ରାମପୁର ବ୍ଲକର ବିଭିନ୍ନ ଇଲାକାରେ ଅଧିକାଂଶ ସମୟରେ ମାଓବାଦୀମାନେ ପୋଷ୍ଟର ମାରି ଲୋକମାନଙ୍କୁ ଭୟଭୀତ କରୁଛନ୍ତି। ଠିକାଦାରଙ୍କ କ୍ୟାମ୍ପରେ ଅତର୍କିତ ଆକ୍ରମଣ କରିବା ସହିତ କେତେକ ସ୍ଥାନରେ ଅଗ୍ନିସଂଯୋଗ କରୁଛନ୍ତି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ସାଧାରଣ ଲୋକଙ୍କୁ ହତ୍ୟା ଧମକ ଦେବା ସହ ପ୍ରଜାକୋର୍ଟ ବସାଇ ହତ୍ୟା ଭଳି ଜଘନ୍ୟକାଣ୍ଡମାନ ଘଟାଇ ନିଜର ଉପସ୍ଥିତି ଜାହିର କରି ଆସୁଛନ୍ତି। ଏଭଳି ସ୍ଥିତିରେ ଜିଲା ପୋଲିସ ମଧ୍ୟ ମାଓବାଦୀମାନଙ୍କୁ ଉପଯୁକ୍ତ ଜବାବ ଦେବାରେ ବ୍ୟାପକ ପ୍ରସ୍ତୁତ ହୋଇ ରହିଛି। ମାଓବାଦୀମାନଙ୍କ ଗତିବିଧି ଉପରେ କଳାହାଣ୍ଡି ଜିଲା ପୋଲିସ ପ୍ରଶାସନର ତୀକ୍ଷ୍ଣ ନଜର ରହିଛି ବୋଲି ସେ ସ୍ପଷ୍ଟ କରିଥିଲେ।

ଉକ୍ତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲା ଏସ୍‌ପି ବାତୁଲା ଗଙ୍ଗାଧର, ଆଡିଶନାଲ ଏସ୍‌ପି ଗୋପାନାଥ ମଣିପାତ୍ର ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଣ୍ଟେଲିଜେଣ୍ଟ ପର୍ସନାଲ ଡିଜି ସତ୍ୟଜିତ ମହାନ୍ତି, ଏଡିଜି ବିନୟତୋଷ ମିଶ୍ର, ଆଇଜିପି ଅପରେଶନ୍ ଅମିତାଭ୍ ଠାକୁର, ଡିଆଇଜି ଅନିରୁଦ୍ଧ କୁମାର, ଡିଆଇଜି କୋରାପୁଟ ସଫିନ୍ ଅହମ୍ମଦ, ରାୟଗଡା ଏସ୍‌ପି ଡ. ଶରବଣା ବିବେକ ଏମ୍, କନ୍ଧମାଳ ଏସ୍‌ପି. ପ୍ରତୀକ ସିଂ ଓ କଳାହାଣ୍ଡି ଏସ୍‌ପି. ଗଙ୍ଗାଧର ପ୍ରମୁଖ ଯୋଗଦେଇ ଥିଲେ।

ପ୍ରଥମ ପୃଷ୍ଠାରୁ...

## କେବଳ

ଅନୁଭବ ମହାନ୍ତି, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସୁଶାନ୍ତ ରାଉତ ସାମିଲ ହୋଇ ଏମ୍ସ କର୍ତ୍ତୃପକ୍ଷଙ୍କୁ ଭେଟିଛନ୍ତି। କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ୫ଟି ବିଷୟ ଉଲ୍ଲେଖ କରାଯାଇଛି। ଭେଟିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପିନାକୀ କହିଛନ୍ତି ଯେ, ହିନ୍ଦୀ ବ୍ୟବହାର ସମ୍ପର୍କିତ ସର୍କୁଲାର ପ୍ରକାଶ ପ୍ରସଙ୍ଗରେ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରାଯାଇଛି। ଭାଷାଭିତ୍ତିରେ ଗଠନ ହୋଇଥିବା ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ତେଣୁ ଓଡ଼ିଶାର ମାତୃଭାଷା ଓଡ଼ିଆକୁ ଅଣଦେଖା କରି ଅନ୍ୟ କୌଣସି ଭାଷା ଲଦିଦେବା ଠିକ୍ ନୁହେଁ। ବିଶେଷକରି ଓଡ଼ିଶାରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରୁଥିବା କୌଣସି ଅନୁଷ୍ଠାନରେ ଏହା ଗ୍ରହଣୀୟ ନୁହେଁ। ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏମ୍ସରେ ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥକୁ ଧ୍ୟାନ ଦେବା ଆବଶ୍ୟକ। ତେଣୁ ହିନ୍ଦୀ ଭାଷାର ବ୍ୟବହାର ସମ୍ପର୍କିତ ସର୍କୁଲାରକୁ ପ୍ରତ୍ୟାହାର କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସମାନ ବିଷୟ ଉପସ୍ଥାପନ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଗଣମାଧ୍ୟମରେ ବିଜେଡି ଏମ୍‌ପି ପିନାକୀ କହିଛନ୍ତି ଯେ, ହିନ୍ଦୀ ବ୍ୟବହାର ସମ୍ପର୍କିତ ସର୍କୁଲାରକୁ ନେଇ ଏମ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏ ବିଷୟରେ ନିର୍ଦ୍ଦେଶିକାଙ୍କ ସହ ଦଳ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ନିକଟରେ ଭାଷା କମିଟି ଏମ୍ସକୁ ଗସ୍ତ କରିଥିଲା। ସେହି ସମୟରେ ହିନ୍ଦୀ ବ୍ୟବହାର ସମ୍ପର୍କିତ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇ ନ ଥିବାରୁ କର୍ମଚାରୀମାନଙ୍କ ପାଇଁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାଦ୍ୱାରା କୌଣସି ରୋଗୀ ପ୍ରଭାବିତ ହେବେ ନାହିଁ। ସେମାନେ ପୂର୍ବପରି ଓଡ଼ିଆ କିମ୍ବା ଇଂଲିଶରେ ଆବଶ୍ୟକ ଫର୍ମ ପୂରଣ ଇତ୍ୟାଦି କାର୍ଯ୍ୟ କରିପାରିବେ। ରୋଗୀ କିମ୍ବା ସମ୍ପର୍କୀୟ ହିନ୍ଦୀ ଶିକ୍ଷା କରନ୍ତୁ ଏପରି କୌଣସି ନିୟମ ନ ଥିବା ପିନାକୀ କହିଛନ୍ତି। କଂଗ୍ରେସ ପକ୍ଷରୁ ବିଧାୟକ ସୁରେଶ ରାଉତରାୟ ହିନ୍ଦୀ ଲଦାଯିବା ଘଟଣାକୁ ବିରୋଧ କରିଛନ୍ତି। ଆବଶ୍ୟକ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସୁରେଶ କହିଛନ୍ତି। ଅପରପକ୍ଷରେ ଭାଜପା ଏହି ପ୍ରସଙ୍ଗକୁ ଭିନ୍ନ ଭାବେ ଚିତ୍ରିତ କରି ବିଜେଡିକୁ ଟାର୍ଗେଟ କରିଛି। ଭାଜପା ନେତା ଖାରବେଳ ସ୍ୱାଇଁ କହିଛନ୍ତି ଯେ, ଏ ସର୍କୁଲାରେ କେଉଁଠି ଲେଖାନାହିଁ ଯେ, ଓଡ଼ିଆ ଭାଷା ବ୍ୟବହାର ହେବ ନାହିଁ। ରାଜ୍ୟରେ ଥିବା ସ୍ୱାସ୍ଥ୍ୟାନୁଷ୍ଠାନର ଚିଠିପତ୍ର କେଉଁ ଭାଷାରେ ହେଉଛି। ଲୋକସେବା ଭବନ ଏବଂ ବିଧାନସଭାର ସମସ୍ତ ଚିଠି ଇଂଲିଶରେ ଲେଖାଯାଉଥିବା ସ୍ୱାଇଁ କହିଛନ୍ତି।

## ଆଖଡ଼ାଶାଳୀ

ରାଜ୍ୟ ସରକାରଙ୍କ ସହମତିରେ ବିଭିନ୍ନ ରିହାତି ସମୟ ପାଇଁ ରାଜସ୍ୱ ୫ରୁ ୧୨ ପ୍ରତିଶତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଚିଠିରେ ଜଣାଇ ଦିଆଯାଇଥିଲା। ତେବେ କେନ୍ଦ୍ର ସରକାରଙ୍କ ଏହି ପ୍ରସ୍ତାବ ଦୀର୍ଘଦିନ ପଡିରହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଏହି ବନ୍ଦରକୁ ଘରୋଇ ସଂସ୍ଥା ହାତରେ ଟେକିଦେବାକୁ ବିଭାଗର କେତେଜଣ ଅଧିକାରୀ ଭିତିରି ଉଦ୍ୟମ କରୁଥିବା ନେଇ ସୂଚନା ମିଳିଥିଲା । ପ୍ରକଳ୍ପକୁ ଏକ ଘରୋଇ କମ୍ପାନୀକୁ ଦେବାକୁ ଷଡଯନ୍ତ୍ର ଚାଲିଥିବା ନେଇ 'ଧରିତ୍ରୀ'ରେ ୨୦୨୦ ଜାନୁୟାରୀ ୧୯ ତାରିଖରେ ଖବର ପ୍ରକାଶ କରାଯାଇଥିଲା। ଏହା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଶେଷରେ ରାଜ୍ୟ ସରକାର ଏହି ବନ୍ଦରକୁ ଘରୋଇ ସଂସ୍ଥାକୁ ନ ଦେଇ କେନ୍ଦ୍ର ସରକାରଙ୍କୁ ଦେବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି।


## ଜିଲା ଚିଠି
## ରାଉରକେଲା



### ସ୍ଥାନୀୟ ନିଯୁକ୍ତି

ଶିଳ୍ପ ଓ ଖଣି ଖାଦାନ ବହୁଳ ସୁନ୍ଦରଗଡ଼ ଜିଲାରେ ନିଯୁକ୍ତି ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। କାମଧନ୍ଦା ଅଭାବରୁ ଜିଲାର ବହୁ ବେକାର ଯୁବକଯୁବତୀ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଯେଉଁ କେତେକ ପ୍ରକଳ୍ପର କାମ ଚାଲୁ ରହିଛି କିମ୍ବା କାର୍ଯ୍ୟକାରୀ ହେଉଛି ସେଠି ରାଜ୍ୟ ବା ଜିଲା ବାହାର ଶ୍ରମିକଙ୍କୁ ଅଗ୍ରାଧିକାର ଦିଆଯାଉଛି। ଯାହାକୁ ନେଇ ଆଞ୍ଚଳିକ ବୈଷମ୍ୟ, ବିରୋଧାଭାସ ଦେଖାଦେଇଛି। ଷ୍ଟିଲ୍‌ସିଟି ରାଉରକେଲାକୁ ମହାନଗର ଓ ସ୍ମାର୍ଟସିଟି ଘୋଷଣା ପରେ ଏଠାରେ ନୂଆ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ ହେବା ବେକାରଙ୍କ ମନରେ ଆଶା ସଞ୍ଚାର କରିଥିଲା। ସମ୍ପ୍ରତି ରାଉରକେଲା ଇସ୍ପାତ କାରଖାନା ପରିସରରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ବିର୍ଶାମୁଣ୍ଡା ଷ୍ଟାଡିୟମ ନବୀକରଣ କାର୍ଯ୍ୟ ଜାରି ରହିଛି। ଏଥିସହ ସହରରେ ସ୍ୱେରେଜ କାମ ମଧ୍ୟ ଦ୍ରୁତଗତିରେ ଚାଲିଛି। ଏସବୁ କାମ କରୁଛି ରାଜ୍ୟ ବାହାର କମ୍ପାନୀ। ଏଥିରେ ଯେଉଁ ଠିକା ଶ୍ରମିକ କାମ କରୁଛନ୍ତି ସେମାନଙ୍କ ମଧ୍ୟରୁ ସଂଖ୍ୟାବହୁଳ ଶ୍ରମିକ ରାଜ୍ୟ ବାହାରୁ ଆସିଛନ୍ତି। ଏମିତି ଅବସ୍ଥାରେ ସ୍ଥାନୀୟ ବେକାର କାମ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଦେଓଗାଁ ନିକଟରେ ଚାଲିଥିବା ଏକ କାରଖାନା ନିର୍ମାଣ କାର୍ଯ୍ୟରେ ୮୦ ପ୍ରତିଶତ ରାଜ୍ୟ ବାହାର ଶ୍ରମିକ ନିୟୋଜିତ ହେବା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଶିଳ୍ପସମୃଦ୍ଧ ସୁନ୍ଦରଗଡ଼ ଜିଲାରେ ମାନବ ସମ୍ବଳର ଅଭାବ ନାହିଁ। ଏଠାରେ କୁଶଳୀ ଶ୍ରମିକ ଭରି ରହିଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ବାହାର ଶ୍ରମିକଙ୍କୁ ସବୁ କ୍ଷେତ୍ରରେ ଅନୁକମ୍ପା ଦେଖାଯିବା ଅନ୍ୟାୟ ବୋଲି ବିଭିନ୍ନ ଶ୍ରମିକ ସଙ୍ଗଠନ ସହ ବିରୋଧି ରାଜନୈତିକ ଦଳ ସ୍ୱର ଉଠାଉଛନ୍ତି। ତଥାପି ଏନେଇ ସରକାର ନୀରବ ରହୁଛନ୍ତି। ଜିଲାରେ କର୍ମ ନିୟୋଜନ ସଂସ୍ଥା ଷ୍ଠାଣୁ ପାଲଟିଥିବା ବେଳେ ଶ୍ରମ ଦପ୍ତର ମଧ୍ୟ ହାତବାନ୍ଧି ବସିଛି। ଜିଲାରେ ଦିନକୁ ଦିନ କଳ କାରଖାନା ବନ୍ଦ ହେବାରେ ଲାଗିଛି। ବେକାର ସଂଖ୍ୟା ମଧ୍ୟ ବଢି ଚାଲିଛି। କାମ ଦାବିରେ ବିରୋଧୀ ରାଜନୈତିକ ଦଳ ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ଧାରଣା ଦେଉଥିବା ବେଳେ ଶ୍ରମିକ ସଙ୍ଗଠନ କର୍ମ ନିୟୋଜନ ସଂସ୍ଥା ଘେରୁଛି। ସ୍ଥାନୀୟ ବେକାରଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବାହାର ଶ୍ରମିକ ନିଯୁକ୍ତି ନେଇ ବୈଷମ୍ୟ ଭାବ ବଢିଚାଲିଛି। ନିର୍ବାଚିତ ଜନପ୍ରତିନିଧି ସରକାରୀ କଳ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଶ୍ରମିକ ସଙ୍ଗଠନଗୁଡିକ ଚାପ ପ୍ରୟୋଗ କରି ନିଜ ସମର୍ଥକଙ୍କୁ ନିଯୁକ୍ତି ଦେବା ପରେ ଅନ୍ୟମାନଙ୍କ କଥା ଭୁଲି ଯାଉଛନ୍ତି। ଆଗାମୀ ଦିନରେ ଯଦି ଏହି ପରମ୍ପରା ଲାଗି ରହେ ବେକାର ସଂଖ୍ୟା ହୁହୁ ହୋଇ ବଢିବା ସହ ଦାଦନ ସଂଖ୍ୟା ବୃଦ୍ଧିପାଇବା ଆଶଙ୍କା ପ୍ରକାଶ ପାଇଛି।

– ବସନ୍ତ କୁମାର ଧଳ



## ଚର୍ଚ୍ଚାରେ ଜନ୍‌ଙ୍କ ଶାର୍ଟଲେସ ଫଟୋଶୁଟ୍

ବମ୍ବେ: ଆରମ୍ଭରୁ ଚର୍ଚ୍ଚାରେ ଲୋକପ୍ରିୟ ସେଲିବ୍ରିଟି ଫଟୋଗ୍ରାଫର ଡବ୍ବୁ ରତନାନୀଙ୍କ କ୍ୟାଲେଣ୍ଡର ଶୁଟ୍। ଅଭିନେତ୍ରୀଙ୍କ ମଧ୍ୟରୁ କିଆରା ଆଡ୍‌ଭାନୀଙ୍କ ଟପ୍‌ଲେସ୍ ଫଟୋଶୁଟ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏ ନେଇ ବିଭିନ୍ନ ପ୍ରକାର ମେମେ ଭାଇରାଲ ମଧ୍ୟ ହୋଇଥିଲା। ଏପରିକି କିଆରା ନିଜ ସୋସିଆଲ ପୃଷ୍ଠାରେ ଶେୟାର ମଧ୍ୟ କରିଥିଲେ। ଏବେ ଅଭିନେତାମାନଙ୍କର ଶର୍ଟଲେସ୍ ଫଟୋଶୁଟ୍‌ର ଫଟୋ ଭାଇରାଲ ହେଉଛି। ଡବ୍ବୁଙ୍କ କ୍ୟାଲେଣ୍ଡରରେ ନଜରକୁ ଆସିଛନ୍ତି ଜନ ଆବ୍ରାହମ। ସେ ମଧ୍ୟ ଶର୍ଟଲେସ ସହ କ୍ଲିନ୍ ଶେଭ୍ ଲୁକ୍‌ରେ ମନ କିଣୁଛନ୍ତି। କେବଳ ସେ ଏକ ଟାୱେଲ ପିନ୍ଧିଛନ୍ତି। ଏଥିରେ ସେ ଖୁବ୍ ବୋଲ୍ଡ ଲାଗୁଛନ୍ତି।

# ଆଖି ଆଗରେ ଧ୍ୱଂସ ହୋଇଥିଲା ପୋଲିସ ଗାଡ଼ି

**ଥାନା ଅଧିକାରୀଙ୍କ ଅନୁଭୂତି**

ପୋଲିସର କାର୍ଯ୍ୟ ସବୁବେଳେ ଚ୍ୟାଲେଞ୍ଜପୂର୍ଣ୍ଣ। ଅନେକ ସମୟରେ ମାଓବାଦୀ ଏବଂ ଅପରାଧୀଙ୍କ ସହ ବଣଜଙ୍ଗଲରେ ସଂଘର୍ଷ କରିବାକୁ ପଡ଼େ। ଏଥିରେ ପୋଲିସ କର୍ମଚାରୀ ଓ ଅଧିକାରୀମାନେ ଅତିନିକଟରୁ ମୃତ୍ୟୁକୁ ଦେଖନ୍ତି। କେତେଜଣଙ୍କୁ ପ୍ରାଣ ହରାଇବାକୁ ପଡ଼େ ତ କେତେଜଣଙ୍କୁ ଗଭୀର ଆଘାତ ଲାଗେ। ଚାକିରି କାଳ ଭିତରେ ଏଭଳି କିଛି ଅନୁଭୂତି ଅପାସୋରା। ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତିଙ୍କ କ୍ଷେତ୍ରରେ ମଧ ଏଭଳି କିଛି ଘଟିଛି, ଯାହାକୁ ସେ କେବେ ଭୁଲିପାରିବେ ନାହିଁ ବୋଲି କହିଛନ୍ତି।



ବିଶ୍ୱରଞ୍ଜନ ସେନାପତି

ଥାନାଧିକାରୀ ସେନାପତିଙ୍କ କହିବାନୁଯାୟୀ, ସେ ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ କୋରାପୁଟ ଜିଲା ନାରାୟଣପାଟଣା ଥାନାରେ ଏସ୍‌ଆଇ ଭାବେ ନିୟୋଜିତ ଥିଲେ। ସେତେବେଳେ ସେହି ଥାନା ଅଞ୍ଚଳରେ ମାଓବାଦୀ ଓ ଚାଷୀ ମୂଳିଆ ଆଦିବାସୀ ସଂଘ ବେଶ୍ ସକ୍ରିୟ ଥିଲା। ପୋଲିସ ଇନ୍‌ଫର୍ମର ସନ୍ଦେହରେ ନିରୀହ ଲୋକଙ୍କୁ ମାଓବାଦୀମାନେ ହତ୍ୟା କରୁଥିଲେ। ଚାଷୀ ମୂଳିଆ ଆଦିବାସୀ ସଂଘକୁ ମାଓବାଦୀମାନେ ସହଯୋଗ କରୁଥିବାରୁ ସେମାନେ ପୋଲିସକୁ ଖାତିରି କରୁ ନ ଥିଲେ। ସେମାନେ ଲୋକଙ୍କୁ ଧମକାଇ ସେମାନଙ୍କ ଚାଷଜମିକୁ କବ୍‌ଜା କରି ଚାଷ କରନ୍ତି। ଯଦି କେହି ଏହାର ପ୍ରତିବାଦ କରୁଥିଲେ ସଂଘ ସଦସ୍ୟମାନେ ଘରେ ପଶି ଗାଇ, ଗୋରୁ ଏବଂ ଖାଦ୍ୟଶସ୍ୟ ଲୁଟି ନେଉଥିଲେ। ମାଓବାଦୀଙ୍କ ସମର୍ଥନ ରହୁଥିବାରୁ ଏହି ସଂଘ ବିରୋଧରେ କେହି ଭୟରେ ପୋଲିସ ନିକଟରେ ଅଭିଯୋଗ କରୁ ନ ଥିଲେ। ତଥାପି ସଂଘକୁ ଦମନ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଗଲା। କୋବ୍ରା ବାହିନୀ ଡକାଯାଇ ଜଙ୍ଗଲ ଏବଂ ଅନ୍ୟ ଅଞ୍ଚଳରେ ପାଟ୍ରୋଲିଂ କରାଗଲା, ଯାହାକୁ ନେଇ ଚାଷୀ ମୂଳିଆ ଆଦିବାସୀ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇ କୋବ୍ରା ବାହିନୀକୁ କାଢ଼ିନେବାକୁ ପୋଲିସକୁ କୁହାଯାଇଥିଲା। ମନା କରାଯିବାରୁ ସେମାନେ ପୋଲିସକୁ ଟାର୍ଗେଟ କରିଥିଲେ। ଏଥିପାଇଁ ସେମାନେ ବିଧିବଦ୍ଧ ଯୋଜନା କରିଥିଲେ। ସଂଘ ସଭାପତି ନାଚିକା ଲିଙ୍ଗା ୨୦୦୯ ଜୁନରେ ଥାନାକୁ ଆସି କୋବ୍ରା ବାହିନୀ ଉଠାଇ ନେବା ପାଇଁ ସେନାପତିଙ୍କ ସହିତ ଆଲୋଚନା କରିଥିଲେ। ସେନାପତି ବୁଝାଇବା ସମୟରେ ତାଙ୍କ ସାଥିରେ ଆସିଥିବା ସହଯୋଗୀମାନେ ଥାନା ଉପରକୁ ଗୁଳିମାଡ଼ କରିଥିଲେ। ଏହାସହ ଥାନା ଭିତରେ ପଶି ବନ୍ଧୁକ ଲୁଟି ନେଇ ଗୁଳିମାଡ଼ କରିଥିଲେ। ପୋଲିସ ଏବଂ ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ନାଚିକା ଲିଙ୍ଗାଙ୍କ ସହଯୋଗୀ କେଣ୍ଡୁକା ସିଙ୍ଗାନା ଏବଂ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା। ନାଚିକା ଲିଙ୍ଗା ସମେତ ଅନ୍ୟମାନଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସର ଏଭଳି ପଦକ୍ଷେପ ଦେଖି ମାଓବାଦୀମାନେ ମଧ୍ୟ ଉଗ୍ର ହୋଇଯାଇଥିଲେ। ସେମାନେ ପୋଲିସ କର୍ମଚାରୀ ଓ ଯବାନଙ୍କୁ ମାରିବା ପାଇଁ ସୁଯୋଗ ଖୋଜୁଥିଲେ। ସେହି ସମୟରେ ପାଟ୍ରୋଲିଂ ପାଇଁ ଲକ୍ଷ୍ମୀପୁରରୁ ଏସ୍‌ଓଜି ଯବାନମାନେ ଚାଲି ଚାଲି ନାରାୟଣପାଟଣାକୁ ଆସୁଥିଲେ। ସେମାନଙ୍କୁ ଆଣିବା ଓ ଛାଡ଼ିବା କାମ ପୋଲିସର ଦାୟିତ୍ୱ ଥିଲା। ହେଲେ ରାସ୍ତାରେ ଗଲେ ଲ୍ୟାଣ୍ଡମାଇନ୍ ଭୟ ରହିଥିବାରୁ ଜଙ୍ଗଲରାସ୍ତା ଦେଇ ଚାଲିଚାଲି ଯିବାକୁ ପଡ଼େ। ଦିନେ ଜଙ୍ଗଲ ରାସ୍ତାରେ ମାଓବାଦୀମାନେ ଗଛ ପକାଇ ଅବରୋଧ କରିଥିଲେ। ତାହାକୁ ହଟାଇବା ପାଇଁ ଏନଡିଆରଏଫ୍ ଟିମ୍ ପହଞ୍ଚିଯାଇଥିଲା। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଜରୁରିକାଳୀନ ସ୍ଥିତିରେ ନାରାୟଣପାଟଣାରୁ ପୋଲିସ ଫୋର୍ସ ଗାଡ଼ିରେ ଯାଇଥିଲା। ପଛରେ ଆଉ ଏକ ଗାଡ଼ିରେ ସେନାପତି ଓ ଅନ୍ୟ ଅଧିକାରୀମାନେ ଥିଲେ। ଘଟଣାସ୍ଥଳ ନିକଟବର୍ତ୍ତୀ ଏକ ବୁଲାଣିରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ଫଳରେ ପୋଲିସ ଫୋର୍ସ ନେଇ ଯାଉଥିବା ଗାଡ଼ି ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଛିନ୍ନଛତ୍ର ହୋଇଯାଇଥିଲା। ଏଥିରେ ୮ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ପଛରେ ଆସୁଥିବା ଗାଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲା। ଫଳରେ ନୂଆ ଜୀବନ ପାଇଥିଲି ବୋଲି ସେନାପତି କହିଛନ୍ତି।

– ରିପୋର୍ଟ: ତ୍ରିନାଥ ମହାନ୍ତି, ଭୁବନେଶ୍ୱର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଏକାଦଶସ୍ଥ ଗ୍ରହ ପ୍ରଭାବରୁ ଆଜି ପ୍ରତ୍ୟେକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବହୁତ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ।

**ବୃଷ**



ପରୋକ୍ଷ ଶତ୍ରୁତାରୁ ସମ୍ପର୍କୀୟାଙ୍କ ଦ୍ୱାରା ଅପଯଶ ପାଇପାରନ୍ତି। ପାପଗ୍ରହ ଯୁକ୍ତ ଚନ୍ଦ୍ର ଯୋଗୁ ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ ଅନ୍ୟମାନଙ୍କୁ ବିରକ୍ତିକର କଥା କହିବା ଠିକ୍ ହେବନି। କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିବେ।

**ମିଥୁନ**



କର୍ମଭାବରେ ଶୁକ୍ର ଯୋଗୁ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ। କିନ୍ତୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଅନ୍ୟମାନଙ୍କର କାନକୁହା କଥା ଶୁଣି କୌଣସି କାମ କଲେ ଅପଦସ୍ଥ ହେବାକୁ ପଡ଼ିପାରେ।

**କର୍କଟ**



ଦୁଃସ୍ଥାନସ୍ଥିତ ଗ୍ରହଗୁଡ଼ିକ ସମସ୍ୟାର କାରଣ ହୋଇପାରନ୍ତି। ହେଲେ ଆର୍ଥିକ କ୍ଷେତ୍ର ପାଇଁ ଅସୁବିଧା ହେବନାହିଁ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ।

**ସିଂହ**



ମଙ୍ଗଳଗ୍ରହ କୋଣଭାବସ୍ଥ ଯୋଗୁ ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। ଆଜିର କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ପରିବାରର ଆବଶ୍ୟକ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**କନ୍ୟା**



ଭାଗ୍ୟାଧିପ ଉଚ୍ଚରାଶିରେ ରହିଥିବାରୁ ଦୀର୍ଘଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, କିନ୍ତୁ ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କ୍ଳାନ୍ତି ଓ ଅବସାଦ ଦଖାଦେଇପାରେ।

**ତୁଳା**



ଶୁକ୍ର ଓ ଶନି ନିଜ ନିଜ ସ୍ଥାନରେ ବଳବାନ୍ ଯୋଗୁ ବିଭିନ୍ନ ସମସ୍ୟା ଭିତରେ ସମୟ କଟାଇବାକୁ ପଡ଼ିପାରେ। ମନ ଛଟପଟ ହେଉଥିଲେ ମଧ୍ୟ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଅନ୍ୟମାନଙ୍କର ସାହାଯ୍ୟ ଲାଭ କରି କାମ ହାସଲ କରିବେ। ମାତ୍ର ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା**



ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରୁ ସାମାନ୍ୟ ଧୈର୍ଯ୍ୟଧାରଣ କଲେ ସମସ୍ୟାର ସରଳ ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ**



ପରିବାର ସ୍ଥାନରେ ଶୁକ୍ର ରହିଥିବାରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ସ୍ଥଗିତ କାମକୁ ପୂରାଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମକର**



ଶୁଭଗ୍ରହ ପ୍ରଭାବରୁ ଚିନ୍ତା ନ କରି କାମରେ ମନ ଦିଅନ୍ତୁ, ମିତ୍ରମାନେ ସହଯୋଗର ହାତ ବଢ଼ାଇବେ। ନିକଟତମ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ ପୂର୍ବକ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ। ପାରିବାରିକ କ୍ଷେତ୍ର ପୂର୍ବପରି ଅସ୍ଥିରତା ମଧ୍ୟରେ ରହିବ।

**କୁମ୍ଭ**



ରାଶିରେ ତିନୋଟି ଗ୍ରହ ରହି ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆପଣଙ୍କ ନିମନ୍ତ୍ରଣକ୍ରମେ ଘରକୁ ପ୍ରିୟ ବନ୍ଧୁ ଆସିପାରନ୍ତି।

**ମୀନ**



ଭଲ ସମ୍ପର୍କ ନ ଥିବା କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହେବେ, ତଥାପି କିଛି ଅସୁବିଧା ହେବ ନାହିଁ। କେତେକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ।

ଆଜି ଫାଲ୍‌ଗୁନ ଅମାବାସ୍ୟା ରବିବାର, ଫେବୃୟାରୀ ୨୩ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ମେଷରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ, ଶରଣ, ଦିବା ଘ୭।୦୦ମି. ଗତେ ଘ୧୦।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୧ମି. ଗତେ ଘ୯।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୯ମି. ଗତେ ଘ୫।୪୫ମି. ମଧ୍ୟେ ରାହୁକାଳ ।

## ସଂକ୍ଷେପରେ

### 'ଯୁବପିଢ଼ି ରାଜନୈତିକ ସଚେତନ ହେବା ଜରୁରୀ'

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ସମାଜର ପ୍ରତ୍ୟେକ ବ୍ୟକ୍ତି ରାଜନୀତି ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡ଼ିତ। ତେଣୁ ସାମଗ୍ରିକ ରାଜନୈତିକ ଓ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ସମସ୍ତେ ଅବଗତ ହେବା ଜରୁରୀ। ବିଶେଷକରି ଯୁବବର୍ଗଙ୍କୁ ଏ ସମ୍ପର୍କରେ ସଚେତନ କରାଇବାରେ ଭାରତୀୟ ଛାତ୍ର ସଂସଦ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓଡ଼ିଶାରେ ଏହି ସଙ୍ଗଠନ ପକ୍ଷରୁ ଆଗାମୀ ଦିନରେ କର୍ମଶାଳା ତଥା ସମ୍ମିଳନୀ ଆୟୋଜନ ପାଇଁ ଚିନ୍ତା କରାଯାଉଛି। ୪ ଦିନିଆ ଭାରତୀୟ ଛାତ୍ର ସଂସଦ ସମ୍ମିଳନୀରେ ଯୋଗଦାନ କରି ଫେରିବା ପରେ ଓଡ଼ିଶା ସଂଯୋଜକ ତବରେଜ୍ ଖାଁ ଶନିବାର ଏହା କହିଛନ୍ତି। ଏହିପରି କାର୍ଯ୍ୟକ୍ରମ ଯୁବ ସମାଜଙ୍କ ମଧରେ ରାଜନୈତିକ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ଆଶାବାଦୀ। ନିକଟରେ ଦିଲ୍ଲୀର ବିଜ୍ଞାନ ଭବନରେ ହୋଇଥିବା ଛାତ୍ର ସଂସଦର ୧୦ମ ସମ୍ମିଳନୀରେ ସାମାଜିକ ଗଣମାଧମ ବ୍ୟବହାର, ସାମ୍ପ୍ରତିକ ରାଜନୀତି, ଜାତିବାଦ, ଅର୍ଥନୀତି ଏବଂ ସମାଜ ବିଜ୍ଞାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀକୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଉଦ୍‌ଘାଟନ କରିଥିଲେ।

### ଡେଲିଭରି ବୟ୍‌ଠାରୁ ଠକିନେଲେ ୮ ମୋବାଇଲ

**ବାରିପଦା ଅଫିସ, ୨୨।୨:** ବାରିପଦା ଟାଉନରେ ଜଣେ ଡେଲିଭରି ବୟ୍‌ଠାରୁ ଦୁଇ ଜଣ ଯୁବକ ୮ ମୋବାଇଲ ଠକି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଯାଜପୁର ଓ ଭୁବନେଶ୍ୱରରୁ ଉଠାଇ ଆଣିଛି। ରବିବାର ପଚରାଉଚରା କରାଯିବା ପରେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାରୁ ସୂଚନା ମିଳିଛି। ସୂଚନା ଅନୁସାରେ ଟାଉନ ଥାନା ଅନ୍ତର୍ଗତ ବିଜୟ ରାମଚନ୍ଦ୍ରପୁରର ଦେବବ୍ରତ ପଲେଇ ଏକ ସଂସ୍ଥାର ଡେଲିଭରି ବୟ୍ ଭାବେ କାର୍ଯ୍ୟ କରନ୍ତି। ଗତ ୧୭ ତାରିଖରେ ଜଣେ ଯୁବକ ୧୦ଟି ମୋବାଇଲ ଅର୍ଡର କରିଥିଲେ। ଅମ୍ବିକା ମନ୍ଦିର ଛକ ନିକଟରେ ରହୁଥିବା ଉକ୍ତ ଯୁବକ ଜଣଙ୍କ ଡେଲିଭରି ବୟ୍‌ଠାରୁ ସମସ୍ତ ମୋବାଇଲ୍ ରଖି ଟଙ୍କା ଦେଇଥିଲେ। ଏହା ପରେ ମୋବାଇଲ ଅର୍ଡର କରିଥିବା ଯୁବକ ଆଉ ଜଣେ ଯୁବକଙ୍କୁ ତାଙ୍କ ଭାଇ ବୋଲି ପରିଚୟ ଦେଇ ଡେଲିଭରି ବୟ୍ ଦେବବ୍ରତଙ୍କ ସହିତ ବନ୍ଧୁତା କରିବା ସହ ତାଙ୍କ ନମ୍ବର ନେଇଥିଲେ। କିଛି ସମୟ ପରେ ଯୁବକ ଜଣଙ୍କ ଡେଲିଭରି ବୟ୍‌ଙ୍କୁ ଡାକି ୮ଟି ମୋବାଇଲ ପ୍ୟାକେଟ୍ ଫେରାଇ ଦେଇଥିଲେ। ଫଳରେ ଦେବବ୍ରତଙ୍କଠାରୁ ସେ ୨ଲକ୍ଷ ୮୮ ହଜାର ଟଙ୍କା ଫେରସ୍ତ ନେଇ ଯାଇଥିଲେ। ମାତ୍ର ଦେବବ୍ରତ ଡିପୋରେ ଯାଇ ଉକ୍ତ ପ୍ୟାକେଟ ଗୁଡ଼ିକ ଡିପୋଜିଟ କରିବାପରେ ସେଥିରେ ମୋବାଇଲ ବଦଳରେ ସାବୁନ ଥିବା ଜାଣିବାକୁ ପାଇଥିଲେ। ପରେ ସେ ଟାଉନ ଥାନାରେ ଅଭିଯୋଗ କରିବାପରେ ପୋଲିସ ମାମଲା (ନଂ.୧୦୨/୨୦) ରୁଜୁ କରି ତଦନ୍ତ ଚଳାଇଛି।

### ନକଲି ମାଟ୍ରିକ ପରୀକ୍ଷାର୍ଥୀ ଅଟକ
#### ସମ୍ପର୍କୀୟ ଭାଇଙ୍କ ପାଇଁ ଦେଉଥିଲେ ପରୀକ୍ଷା

ବ୍ରହ୍ମଗିରି,(ଡି.ଏନ.ଏ)/

**ପୁରୀ ଅଫିସ, ୨୨।୨:** ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନରେ ଶନିବାର ପୁରୀ ସଦର ବ୍ଲକ ଅନ୍ତର୍ଗତ ବାସୁଦେଇପୁରସ୍ଥିତ କନକଦୁର୍ଗା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଜଣେ ନକଲି ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସେ ତାଙ୍କ ସମ୍ପର୍କୀୟ ଭାଇଙ୍କ ପାଇଁ ପରୀକ୍ଷା ଦେଉଥିଲେ ବୋଲି ପୋଲିସ କହିଛି। ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା ଚାଲିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅଧୀନ ପଥରପଦାସ୍ଥିତ ଗ୍ରାମେଶ୍ୱର ବିଦ୍ୟାପୀଠର ଜଣେ ଦଶମଶ୍ରେଣୀ ଛାତ୍ର କନକଦୁର୍ଗା ହାଇସ୍କୁଲରେ ପରୀକ୍ଷା ଦେବାକୁ ଥିବାବେଳେ ଶନିବାର ପରୀକ୍ଷାକେନ୍ଦ୍ରରେ ସେ ଅନୁପସ୍ଥିତ ଥିଲେ। ତାଙ୍କ ନାମରେ ଆଉ ଜଣେ ପରୀକ୍ଷା ଦେଉଥିଲେ। ଏ ସଂକ୍ରାନ୍ତରେ କେହି ଜଣେ ବ୍ୟକ୍ତି ଫୋନ୍ ଯୋଗେ ଉକ୍ତ କେନ୍ଦ୍ରର ଶିକ୍ଷକଙ୍କୁ ଜଣାଇଥିଲେ। ଶିକ୍ଷକ ଏ ବିଷୟରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରାଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ସଦର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ଓ ରେକର୍ଡପତ୍ର ଯାଞ୍ଚ କରିଥିଲା। ସେ ଅସଲ ପରୀକ୍ଷାର୍ଥୀଙ୍କ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଧରି ଥାନାକୁ ନେଇଯାଇଥିଲା। ଜିଲା ଶିକ୍ଷାଧିକାରୀଙ୍କ ଅଭିଯୋଗ କ୍ରମେ ପୋଲିସ ସମ୍ପୃକ୍ତ ନକଲି ପରୀକ୍ଷାର୍ଥୀଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି ବୋଲି ସଦର ଥାନା ଅଧିକାରୀ ବିମଳ କୁମାର ନାୟକ କହିଛନ୍ତି।




## ବିଜେଡି ସଭାପତି ପଦ ପାଇଁ ନବୀନଙ୍କ ନାମାଙ୍କନ ଆଜି

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ଶାସକ ଦଳର ସଭାପତି ପଦ ପାଇଁ ରବିବାର ନାମାଙ୍କନପତ୍ର ଦାଖଲ କରିବେ। ରାଜଧାନୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଏହି ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ପଦ ସମେତ ଦଳୀୟ ରାଜ୍ୟ କାର୍ଯ୍ୟକାରିଣୀ ପାଇଁ ମଧ୍ୟ ସମାନ ସମୟରେ ମନୋନୟନ କରାଯିବ। ବିଜେଡି ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଶନିବାର ଏହି ସୂଚନା ଦେଇଛନ୍ତି। ବିଜେଡି ସାଙ୍ଗଠନିକ ନିର୍ବାଚନ ଗତ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଚଳିତ ମାସ ୨୬ ଯାଏ ଚାଲିବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ତେବେ ୫ ପର୍ଯ୍ୟାୟରେ ହେଉଥିବା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟସୂଚୀ ସମାପ୍ତ ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ଶୁକ୍ରବାର ୩୩ ସାଙ୍ଗଠନିକ ଜିଲା ପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଦଳର ୩ ଛାମୁଆ ସଙ୍ଗଠନ(ଯୁବ, ଛାତ୍ର ଏବଂ ମହିଳା)ର ପୁନର୍ଗଠନ ନେଇ ମାର୍ଚ୍ଚ ୫ ପରେ ଘୋଷଣା ହୋଇପାରେ।

## ପ୍ରାକୃତିକ ବିପତ୍ତିକୁ ବଳିଯାଉଛି ସଡ଼କ ଦୁର୍ଘଟଣା

- ୧୦ବର୍ଷରେ ଗଲାଣି ୪୩ ହଜାର ଜୀବନ
- ପ୍ରାକୃତିକ ବିପର୍ଯ୍ୟୟ ନେଇଛି ୧୧ ହଜାର



ଭୁବନେଶ୍ୱର,୨୨।୨(ବ୍ୟୁରୋ)

ବିଭିନ୍ନ ସମୟରେ ରାଜ୍ୟରେ ହେଉଥିବା ପ୍ରାକୃତିକ ବିପତ୍ତି ଯୋଗୁ ବହୁମୂଲ୍ୟ ଜୀବନ ଚାଲିଯାଉଛି। ଗତ ୧୦ ବର୍ଷ ମଧ୍ୟରେ ବଜ୍ରପାତ, ଅଂଶୁଘାତ, ଅଗ୍ନିକାଣ୍ଡ, ବାତ୍ୟା, ଘୂର୍ଣ୍ଣିଝଡ଼, ବନ୍ୟା, ଡଙ୍ଗାବୁଡ଼ି, ସାପ କାମୁଡ଼ା, ଭୂସ୍ଖଳନ ଓ ପାଣିରେ ବୁଡ଼ି ୧୧,୪୪୦ ଜଣଙ୍କ ଜୀବନ ଯାଇଛି। ଏଥିଯୋଗୁ କେବଳ ୨୦୧୯-୨୦ରେ ୧୫୫୦ ଜଣଙ୍କର ପ୍ରାଣହାନି ଘଟିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୧-୧୨ରେ ୫୦୧ ଜଣଙ୍କର ଜୀବନ ଯାଇଥିବା ବେଳେ ୨୦୧୨-୧୩ରେ ୪୪୪, ୨୦୧୩-୧୪ରେ ୫୩୮, ୨୦୧୪-୧୫ରେ ୪୮୨, ୨୦୧୫-୧୬ରେ ୧୩୩୬, ୨୦୧୬-୧୭ରେ ୧୭୧୦, ୨୦୧୭-୧୮ରେ ୨୩୨୫, ୨୦୧୮-୧୯ରେ ୨୫୫୦, ୨୦୧୯-୨୦ରେ ୧୫୫୦ ଜଣଙ୍କର ଦୈବୀ ବିପତ୍ତି ଯୋଗୁ ମୃତ୍ୟୁ ଘଟିଛି।

ମାତ୍ର ସବୁଠାରୁ ବଳିଯାଉଛି ସଡ଼କ ଦୁର୍ଘଟଣା। ଯାନବାହନ ବୃଦ୍ଧି ସାଙ୍ଗକୁ ବେପରୁଆ ଗାଡ଼ି ଚାଳନା ବହୁ ଧନଜୀବନକୁ ଅକାରଣରେ ଧ୍ୱଂସ ମୁହଁକୁ ଠେଲି ଦେଉଛି। ଉଜୁଡ଼ି ଯାଉଛି ଘର, ପରିବାର। କେବଳ ଯେ ଜୀବନ ଯାଉଛି ତାହା ନୁହେଁ,ଅନେକଙ୍କୁ ସାରାଜୀବନ ଅକର୍ମଣ୍ୟ ମଧ୍ୟ କରି ଦେଉଛି। ଓଡ଼ିଶାରେ ଦେଶର ସର୍ବାଧିକ ସଡ଼କ ଦୁର୍ଘଟଣା ହେଉଛି। ଏହାକୁ ନେଇ ସୁପ୍ରିମକୋର୍ଟ କମିଟି ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ୧୦ପ୍ରତିଶତ ଦୁର୍ଘଟଣା ହ୍ରାସ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶର ପ୍ରଭାବ ଦେଖିବାକୁ ମିଳୁ ନାହିଁ। ବର୍ଷକୁ ବର୍ଷ ଦୁର୍ଘଟଣା ହାର ବଢ଼ି ଚାଲିଥିବା ବେଳେ ସରକାର ଏବଂ ଜନସାଧାରଣଙ୍କ ପାଇଁ ଚିନ୍ତାଜନକ ହୋଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୦ରୁ ୨୦୧୯ ମଧ୍ୟରେ ରାଜ୍ୟରେ ୧ ଲକ୍ଷ ୧ ହଜାର ୩୦୫ ସଡ଼କ ଦୁର୍ଘଟଣାରେ ୪୩,୩୭୧ ଜଣ ଲୋକଙ୍କର ଜୀବନ ଯାଇଛି। ଏହି ସମୟରେ ୧ ଲକ୍ଷ ୧୨ ହଜାର ୫୩୮ ଜଣ ଆହତ ହୋଇଛନ୍ତି। ୨୦୧୦ରେ ସଡ଼କ ଦୁର୍ଘଟଣା ଯୋଗୁ ରାଜ୍ୟରେ ୩,୮୩୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୧ରେ ୩୮୦୨, ୨୦୧୨ରେ ୩୭୦୧, ୨୦୧୩ରେ ୪୦୬୨, ୨୦୧୪ରେ ୩୭୬୫ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୨୦୧୫ରେ ୪୩୦୩ ଜଣଙ୍କର ରାସ୍ତା ଦୁର୍ଘଟଣା ଯୋଗୁ ମୃତ୍ୟୁ ହୋଇଥିବା ବେଳେ ୨୦୧୬ରେ ୪୪୬୩, ୨୦୧୭ରେ ୪୭୯୦, ୨୦୧୮ରେ ୫୩୧୫ ଏବଂ ୨୦୧୯ରେ ୫୩୩୩ ଜଣଙ୍କର ମୃତ୍ୟୁ ହୋଇଛି। ସଡକ ଦୁର୍ଘଟଣାକୁ ରୋକିବାକୁ ସଡକ ସୁରକ୍ଷା ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ଜବତ କରାଯିବା ସହ ଜରିମାନା କରାଯାଉଛି। ଜନ ସଚେତନତା ସୃଷ୍ଟି କରାଯିବା ସହ ବ୍ଲାକ ସ୍ପଟ ଠାବ କରାଯାଇ ପ୍ରତିକାର ବ୍ୟବସ୍ଥା କରାଯାଉଛି। ସୁପ୍ରିମକୋର୍ଟ କମିଟିଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ନିଆଯାଉଛି ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି।

## ଜାଗରଯାତ୍ରାରୁ ଫେରିବାବେଳେ ମହିଳାଙ୍କୁ ଗଣବଳାତ୍କାର

ଭଣ୍ଡାରିପୋଖରୀ,୨୨।୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜାଗର ଯାତ୍ରାରୁ ଫେରୁଥିବା ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏ ନେଇ ଶନିବାର ପୂର୍ବାହ୍ନରେ ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪୨/୨୦) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ସମ୍ପୃକ୍ତ ମହିଳା ପରିବାର ସହ ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ରହୁଛନ୍ତି। ଶୁକ୍ରବାର ମହିଳା ଜଣଙ୍କ ଏକ ମହାଦେବ ମନ୍ଦିରରୁ ଫେରୁଥିବା ବେଳେ ରାତି ପ୍ରାୟ ୧୧ଟାରେ ୨ ଜଣ ଯୁବକ ତାଙ୍କୁ ଏକ ପରିତ୍ୟକ୍ତ ଗୃହକୁ ନେଇ ବଳାତ୍କାର କରିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜଣାଇବା ପରେ ପୋଲିସ ପହଞ୍ଚି ମହିଳାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲା। ଖବର ପାଇ ଉପଖଣ୍ଡ ଥାନାଧିକାରୀ ମନୋରଞ୍ଜନ ସାମଲ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଥାନାଧିକାରୀ ସନାତନ ସାହୁ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଗାନ୍ଧୀ ଶାନ୍ତି କେନ୍ଦ୍ର ଉଦ୍‌ଘାଟିତ

- ଗାନ୍ଧିଜୀଙ୍କ ଜୀବନୀ ଉପରେ ଏହି କେନ୍ଦ୍ର ସଚେତନତା ଭାବ ସୃଷ୍ଟି କରିବ: ମୁଖ୍ୟମନ୍ତ୍ରୀ
- ଓଡ଼ିଆମାନେ ହିଁ ଗାନ୍ଧିଜୀଙ୍କ ଭାବକୁ ଆଗକୁ ନେଇପାରିବେ: ରାଜଶ୍ରୀ ବିର୍ଲା
- ମଙ୍ଗଳବାରଠାରୁ ରବିବାର ପୂର୍ବାହ୍ନ ୧୧ ରୁ ରାତି ୭ଟା ପର୍ଯ୍ୟନ୍ତ ଖୋଲା ରହିବ



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜଶ୍ରୀ ବିର୍ଲା ଗାନ୍ଧିଜୀଙ୍କ ସମ୍ପର୍କିତ ଏକ ମେମେଣ୍ଟୋ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମନ୍ତ୍ରୀ ଅଶୋକ ପଣ୍ଡା ଓ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ।

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଭୁବନେଶ୍ୱର ଖଣ୍ଡଗିରି ନିକଟ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଗାନ୍ଧୀ ଶାନ୍ତି କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି କେନ୍ଦ୍ରକୁ ଉତ୍ସର୍ଗ କରିବାର ଐତିହାସିକ ଗୁରୁତ୍ୱ ରହିଛି। ମୁଁ ନିଶ୍ଚିତ ଯେ ଏହି କେନ୍ଦ୍ର ଗାନ୍ଧିଜୀଙ୍କ କର୍ମମୟ ଜୀବନୀ ବିଷୟରେ ସଚେତନତାର ଭାବ ଜାଗ୍ରତ କରିବାରେ ସଂସ୍ଥାଗତ ମଞ୍ଚ ହେବ। ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ଶାନ୍ତି କେନ୍ଦ୍ରକୁ ବୁଲି ଦେଖିଥିଲେ। ଏହି କେନ୍ଦ୍ର ଆଦିତ୍ୟ ବିର୍ଲା ଗ୍ରୁପ ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ପ୍ରତିଷ୍ଠା କରାଯାଇଥିବାବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭ୍‌ସ ଆଣ୍ଡ ରୁରାଲ ଡେଭଲପ୍‌ମେଣ୍ଟ ଅଧକ୍ଷା ରାଜଶ୍ରୀ ବିର୍ଲା ଯୋଗଦେଇଥିଲେ। ଓଡ଼ିଶା ଓ ଗାନ୍ଧିଜୀଙ୍କ ସମ୍ପର୍କରେ ସେ କହିଲେ, ଓଡ଼ିଶା ଓ ଓଡ଼ିଆମାନେ ହିଁ ଗାନ୍ଧିଜୀଙ୍କ ଭାବକୁ ଧରି ରଖିବା ସହ ସେହି ମଶାଲକୁ ଆଗକୁ ବଢ଼ାଇପାରିବେ। ତେଣୁ ପ୍ରଯୁକ୍ତିବିଦ୍ୟା ଜରିଆରେ ମହାତ୍ମାଙ୍କ ମହାନ୍ ଜୀବନର ଝଲକକୁ ଓଡ଼ିଶାର ଲୋକଙ୍କ ପାଖରେ ପହଞ୍ଚାଇବା ହେଉଛି ଗାନ୍ଧୀ ଶାନ୍ତି କେନ୍ଦ୍ରର ଲକ୍ଷ୍ୟ। ଅତୀତର ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କ ପ୍ରାସଙ୍ଗିକତା ଓ ସେମାନଙ୍କ ଅବଦାନ କ୍ରମଶଃ ମଳିନ ପଡୁଛି। ତେଣୁ ସେମାନଙ୍କ ଜୀବନ ଓ ସଂଗ୍ରାମ ଲୋକଙ୍କ ମନରେ ଉଜ୍ଜୀବିତ କରି ରଖିବା ଲାଗି ଏକ ଅଭିନବ ଚିନ୍ତାଧାରା ବାହାର କରିବାର ଆବଶ୍ୟକତା ରହିଛି। ମହାତ୍ମାଙ୍କ ଅସୀମ ବାର୍ତ୍ତାର ପ୍ରଚାର ଲାଗି ଆମେ ବିଶ୍ୱସ୍ତରୀୟ ଭବିଷ୍ୟତ ଉପଯୋଗୀ ପ୍ରଯୁକ୍ତି ବ୍ୟବହାର କରିଛୁ। ଗାନ୍ଧୀବାଦକୁ ଅଭିନବ ଢଙ୍ଗରେ ମିଶ୍ରଣ କରି ଆମେ ଏକ ଭାବବିନିମୟ ଭିତ୍ତିକ ପ୍ରକ୍ରିୟା ବିକଶିତ କରିଛୁ। ଏହି ଶାନ୍ତି କେନ୍ଦ୍ରର ମଲ୍ଟିମିଡିଆ ଉପସ୍ଥାପନା ସହିତ ଓଡ଼ିଶାବାସୀ ମହାତ୍ମା ଗାନ୍ଧୀଙ୍କ ଜୀବନୀକୁ ନେଇ ଉଲ୍ଲେଖନୀୟ ଆଲୋଚନାରେ ସାମିଲ ହୋଇପାରିବେ ବୋଲି ରାଜଶ୍ରୀ ବିର୍ଲା କହିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ବିର୍ଲା ଗ୍ରୁପ୍ ତରଫରୁ ଡ. ସନ୍ତୃପ ମିଶ୍ର ଓ ଅଶୋକ ବଳ ପ୍ରକଳ୍ପକୁ ଆଗକୁ ବଢ଼ାଇବାରେ ସହାୟତା ପ୍ରଦାନ କରିଥିଲେ। ପ୍ରକଳ୍ପ ମୁଖ୍ୟ ଭରତ ପାରେଖ, କ୍ୟୁରେଟର ବିରଦ ୟାଗଦିକ୍ ଏବଂ ସ୍ଥପତି ସନ୍ଦୀପ ଖରଖାନିସ ଏହି ଗାନ୍ଧୀ ଶାନ୍ତି କେନ୍ଦ୍ରକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାୟ ୨୦ ହଜାର ବର୍ଗଫୁଟ ପରିମିତ ଜମିରେ ସ୍ଥାପିତ ଗାନ୍ଧୀ ଶାନ୍ତି କେନ୍ଦ୍ରରେ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ଭାବବିନିମୟର ବ୍ୟବସ୍ଥା ରହିଛି। ମଙ୍ଗଳବାରରୁ ରବିବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଏହା ଖୋଲା ରହିବ। ବର୍ତ୍ତମାନ ଗାନ୍ଧୀ ଶାନ୍ତି କେନ୍ଦ୍ରକୁ ପ୍ରବେଶ ନିଃଶୁଳ୍କ ରହିବ। କାର୍ଯ୍ୟକ୍ରମରେ ବହୁ ସ୍ୱାଧୀନତା ସଂଗ୍ରାମୀ, ମନ୍ତ୍ରୀ, ବିଧାୟକ ଓ ଛାତ୍ରୀଛାତ୍ର ଯୋଗଦେଇ ଶାନ୍ତି କେନ୍ଦ୍ର ଓ ଏହାର ଗ୍ୟାଲେରୀ ବୁଲି ଦେଖିଥିଲେ।

ସୂଚନାଯୋଗ୍ୟ, ୨୦୧୩ରେ 'ଗାନ୍ଧୀ ଶାନ୍ତି କେନ୍ଦ୍ର' ପ୍ରତିଷ୍ଠା ହେବାର ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏ ନେଇ ଆଦିତ୍ୟ ବିର୍ଲା ଫାଉଣ୍ଡେଶନ ସହ ଆଲୋଚନା କରିଥିଲେ। ୨୦୧୭ ମେ'ରେ ପର୍ଯ୍ୟଟନ ବିଭାଗ ଓ ଆଦିତ୍ୟ ବିର୍ଲା ଫାଉଣ୍ଡେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ଓ ଗାନ୍ଧୀପ୍ରେମୀ ।

## ୧୫୦ ବଦଳରେ ଆସିଲା ୪ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍

### ଭୁଲ ବିଲ୍‌କୁ ନେଇ ଚିନ୍ତାରେ ଗ୍ରାହକ



ଓମକାର ସାହୁ

ଚମ୍ପୁଆ,୨୨।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବିଦ୍ୟୁତ ବିଭାଗ ଅଧୀନ ମନ୍ଦିରସାହି ନିବାସୀ ଓମକାର ସାହୁଙ୍କ ପାଖକୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏକ ବିଦ୍ୟୁତ ବିଲ୍ ଆସିଛି। ଏହି ବିଲ୍ ଦେଖିବା ପରେ ତାଙ୍କର ଚିନ୍ତା ବଢ଼ିଯାଇଛି। ଘଟଣାରୁ ପ୍ରକାଶ ଯେ, ଓମ୍‌କାରଙ୍କ ବିଦ୍ୟୁତ୍ ବିଲ୍ ୧୫୦ ଟଙ୍କା ମଧ୍ୟରେ ସୀମିତ ରହିଥାଏ। ତେବେ ନିକଟରେ ଆସିଥିବା ଗତମାସର ବିଲ୍ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସେ ଜାଣିବାକୁ ପାଇଥିଲେ। ମାସକ ମଧ୍ୟରେ ଏତେ ଟଙ୍କାର ବିଲ କିପରି ହେଲା ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଏହାର ସମାଧାନ ପାଇଁ ସେ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ଅନୁସାରେ ୨ ବର୍ଷ ତଳେ ବିଦ୍ୟୁତ ସଂଯୋଗ ନେଇଥିବା ଓମକାର ସାହୁ ପ୍ରତି ମାସ ଆବଶ୍ୟକ ବ୍ୟବହାର ଅନୁଯାୟୀ ୧୪୦ରୁ ୧୫୦ ଟଙ୍କା ବିଲ୍ ପଇଠ କରି ଆସୁଥିଲେ। ଏପରିକି ମିଟର ରିଡିଂ ଅନୁଯାୟୀ ପ୍ରତ୍ୟେକ ମାସ ସମାନ ଭାବେ ଏହି ବିଲ୍ ଆସୁଥିଲା। ଏଥର ଆସିଥିବା ଦେୟ ସଂଶୋଧନ କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଓମକାର ପ୍ରକାଶ କରିଛନ୍ତି। କେଉଁ କାରଣ ପାଇଁ ଏଭଳି ଭୁଲ ବିଦ୍ୟୁତ୍ ଦେୟ ଆସୁଛି ସେଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।







ISPAT
BALASORE ALLOYS LIMITED
Registered Office:
Balgopalpur, Balasore, Odisha – 756 020

PRIME 50 ACRE LAND FOR SALE

Available for sale freehold land measuring around 50 Acres situated at Mouza-Balgopalpur, Tahasil-Remuna, Balasore, Odisha located next to Balasore's two largest industries. The land is ideal for Industry / Real estate ventures and is well connected to NH-16 & Railway Siding. Single buyer will be preferred.

Interested genuine persons / company can contact **Mr. Tilak Thapa**, General Manager, Security & Administration for further details through mobile no **7381095987** or can communicate at the email **tilak_thapa@balasorealloys.com**

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ

# ଭିତରକନିକା ବଞ୍ଚାଅ

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀସାରା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଏହା ସମସ୍ତେ ଉପଲବ୍ଧି କଲେଣି। ତଥାପି ମଣିଷ ଚେତୁନାହିଁ। ଜୈବ ବିବିଧତା ବିଗିଡ଼ିଗଲେ ପ୍ରାକୃତିକ ଅସନ୍ତୁଳନତା ଦେଖାଦେବ। ସେଥିଲାଗି ବୈଜ୍ଞାନିକ ଓ ବିଶେଷଜ୍ଞମାନେ ମତ ଦେଉଛନ୍ତି ଯେ, ପରିବେଶକୁ ବଞ୍ଚାଇ ରଖିବାକୁ ହେଲେ ପ୍ରକୃତିର ନିୟମ ମାନିବାକୁ ପଡ଼ିବ। ଓଡ଼ିଶାରେ ପର୍ଯ୍ୟଟନକୁ ଏବେ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଅଧିକ ରାଜସ୍ୱ ସଂଗ୍ରହ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉତ୍ସାହପ୍ରଦ। କିନ୍ତୁ କେଉଁ କ୍ଷେତ୍ରରେ କେଉଁଭଳି ପର୍ଯ୍ୟଟନକୁ ବ୍ୟାପକ ଓ ବିକଶିତ କରାଗଲେ ତାହା ପରିବେଶ ଉପରେ କୁପ୍ରଭାବ ପକାଇବ ନାହିଁ, ସେଥିପ୍ରତି ଦୃଷ୍ଟି ଦିଆଯିବା ନିତାନ୍ତ ଆବଶ୍ୟକ। ନିକଟରେ ବିଧାନସଭା ଅଧିବେଶନରେ ପର୍ଯ୍ୟଟନ ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଛନ୍ତି, ଖୁବ୍‌ଶୀଘ୍ର ଭିତରକନିକାରେ ଅନ୍ୟାନ୍ୟ ଜଳକ୍ରୀଡ଼ା ପର୍ଯ୍ୟଟନର ବିକାଶ କରାଯିବା ସହ ଆମୋଦପୂର୍ଣ୍ଣ ଜଳଯାତ୍ରା ସକାଶେ କ୍ରୁଜ୍ ଶିପ୍ ବ୍ୟବହାର କରାଯିବ। ଇତିମଧ୍ୟରେ କେରଳ ଅନ୍ତର୍ଦ୍ଦେଶୀୟ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ସରକାରଙ୍କ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିବା ମନ୍ତ୍ରୀ କହିଥିଲେ।

ଦେଖିବାକୁ ଗଲେ ରାଜ୍ୟରେ ଏଭଳି ଅନେକ ଅଞ୍ଚଳ ରହିଛି, ଯେଉଁଠାରେ ପର୍ଯ୍ୟଟନର ବିକାଶ କରାଯାଇପାରନ୍ତା। ଏଠାରେ ଭିତରକନିକା ଓ ଚିଲିକା ଭଳି ଜୈବ ବିବିଧତାପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରାଯିବା ଦ୍ୱାରା ପ୍ରାକୃତିକ ସନ୍ତୁଳନ ବିଗିଡ଼ିବା ଯଥେଷ୍ଟ ଆଶଙ୍କା ରହିଛି। ୨୦୧୮ରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଚିଲିକା ଉପରେ ପଡ଼ିଥିଲା। ଚିଲିକା ଜଳରାଶି ଉପରେ ଏରୋଡ୍ରମ୍ ନିର୍ମାଣ କରାଯାଇ ଉଭୟଚର (ଆମ୍ଫିବିଆନ୍) ଉଡ଼ାଜାହାଜ ଅବତରଣ କରାଯିବାର ଚିନ୍ତା କରାଯାଇଥିଲା। ଆମେ ଏହି ସ୍ତମ୍ଭରେ ୧୪ ଅଗଷ୍ଟ ୨୦୧୮ରେ 'ଚିଲିକା ବଞ୍ଚାଅ' ନାମକ ଲେଖା ପ୍ରକାଶ କରିଥିଲୁ। ଏଥିରେ ଦର୍ଶାଇଥିଲୁ ଯେ, ଏହି ହ୍ରଦ ଉପରେ ବିମାନ ଉଡ଼ାଣ କରାଗଲେ ଏହା ଘୋର ପ୍ରଭାବିତ ହେବ। କେବଳ ଯେ ଅସଂଖ୍ୟ ଭ୍ରମଣକାରୀ ପକ୍ଷୀ ଚିଲିକାକୁ ଆସିଥାଆନ୍ତି ତାହା ନୁହେଁ, ଏଠାରେ ୧୫୦ରୁ ଊର୍ଦ୍ଧ୍ୱ ଇରାୱାଡି ଡଲ୍‌ଫିନ୍ ସ୍ଥାୟୀ ଭାବେ ରହିଛନ୍ତି। ମୋଟର ବୋଟ୍ ଚଳାଚଳ ଦ୍ୱାରା ପକ୍ଷୀଙ୍କ ଶାନ୍ତିଭଙ୍ଗ ହେବା ଆଶଙ୍କା ଥିବା ବେଳେ ହ୍ରଦ ଉପରେ ଉଡ଼ାଜାହାଜ ଉଡ଼ିଲେ ବିଷମ ପରିସ୍ଥିତି ସୃଷ୍ଟି ହୋଇଥାଆନ୍ତା। ଆମେ ଏହି ଦିଗଟିକୁ ଦର୍ଶାଇବା ପରେ ଅନ୍ୟ ଗଣମାଧ୍ୟମ ସହିତ ବିଭିନ୍ନ ମହଲରୁ ଏହା ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଲା। ଫଳରେ କେନ୍ଦ୍ର ସରକାର ନିଜ ନିଷ୍ପତ୍ତିର ପୁନର୍ବିଚାର କରି ପ୍ରକଳ୍ପକୁ ସ୍ଥଗିତ ରଖିଛନ୍ତି। ଅନୁରୂପ ଭାବେ ଦେଖିଲେ ଭିତରକନିକା ଏକ ଜାତୀୟ ଅଭୟାରଣ୍ୟ। ଅସଂଖ୍ୟ ଜୀବଜନ୍ତୁ, ସରୀସୃପ ଏବଂ ପକ୍ଷୀଙ୍କ ଏହା ବାସସ୍ଥାନ। ଏଥିସହ ଏଠାକାର ଲୁଣି ଜଳରେ ଦେଖା ଦେଉଥିବା ବିରଳ ବଉଳା କୁମ୍ଭୀର ଲାଗି ଭିତରକନିକା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ସଦ୍ୟ ଗଣନା ଅନୁଯାୟୀ ୧୭୬୭ କୁମ୍ଭୀର ଅଛନ୍ତି। ସେଠାରେ କ୍ରୁଜ୍ ଶିପ୍ ଚାଲିଲେ ଏହା ଜୈବ ବିବିଧତାକୁ ନଷ୍ଟ କରିବା ସହ ଜୀବଜନ୍ତୁଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏଥିସହ ଅନେକ ବ୍ୟକ୍ତି ଉକ୍ତ ଅଞ୍ଚଳକୁ ବ୍ୟବସାୟିକ କାର୍ଯ୍ୟରେ ବିନିଯୋଗ କରିପାରନ୍ତି। ତାହା ଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଇବ ଏବଂ ଲୋକ ଗହଳି ରହିଲେ ସେଠାକାର ଜୀବଜନ୍ତୁଙ୍କ ଅନିଷ୍ଟ ହେବ। ବାସ୍ତବରେ ଜଳକ୍ରୀଡ଼ା ବା ଜଳରେ ଦୁଃସାହସିକ ଯାତ୍ରାକୁ ପ୍ରୋତ୍ସାହନ ଦେବା ଲାଗି ପ୍ରଶସ୍ତ ଜଳରାଶି ଥିବା ଏବଂ ତାହା ଦ୍ୱାରା ଜୈବ ବିବିଧତା ନଷ୍ଟ ହେଉ ନ ଥିବା ଅଞ୍ଚଳକୁ ବଛାଯିବା ଦରକାର। ଓଡ଼ିଶାରେ ସେଭଳି ଅନେକ ଅଞ୍ଚଳ ରହିଛି। ପର୍ଯ୍ୟଟନ ନାମରେ ପ୍ରକୃତିର ଏଭଳି କମନୀୟ ସ୍ଥାନକୁ ଟେକି ଦିଆଗଲେ ଜଳଚର ଜୀବଙ୍କ ଜୀବନ ପ୍ରତି ଏହା ବିପଦ ସୃଷ୍ଟି କରିବ। ବର୍ତ୍ତମାନ ପ୍ଲାଷ୍ଟିକ୍‌ର ପର୍ଯ୍ୟାପ୍ତ ବ୍ୟବହାର ଉଭୟ ସ୍ଥଳ ଓ ଜଳଭାଗର ଅନେକ ଅଞ୍ଚଳକୁ ଅକ୍ତିଆର କରିସାରିଲାଣି। ଯେତେବେଳେ ଭିତରକନିକା ଭଳି ଜୈବ ବିବିଧତାଭରା ଇଲାକାକୁ ପର୍ଯ୍ୟଟକଙ୍କ ଆମୋଦପୂର୍ଣ୍ଣ ଜଳ ପର୍ଯ୍ୟଟନର ବିକାଶ ପାଇଁ ଛାଡ଼ି ଦିଆଯିବ, ସେତେବେଳେ ସ୍ଥିତି ଅଧିକ ବିଗିଡ଼ିଯିବ। ଏମିତି ଦେଖିଲେ ବଣଭୋଜି କରିବାକୁ ଯାଉଥିବା ଅଧିକାଂଶ ଲୋକ ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ପାଇଁ ସାମାନ୍ୟତମ ଦୃଷ୍ଟି ଦେଇ ନ ଥାନ୍ତି। ଥରେ ଗୋଟିଏ ସ୍ଥାନକୁ ଯିବା ପରେ ସେଠାରେ ପ୍ଲାଷ୍ଟିକ୍ ବ୍ୟାଗ୍‌ଠାରୁ ଆରମ୍ଭ କରି ଷ୍ଟାଇରୋଫୋମ୍ ପକାଇ ଦେବା ସହ ଅଇଁଠା ଖାଦ୍ୟକୁ ଫୋପାଡ଼ି ଦେଇ ଆସିଥାଆନ୍ତି। ଭିତରକନିକାକୁ ଜଳଯାତ୍ରା ଲାଗି ଆମୋଦଦାୟକ ଜଳ ପର୍ଯ୍ୟଟନର ସୁଯୋଗ ସୃଷ୍ଟି କରିଦିଆଗଲେ ଭୋଗବାଦୀମାନେ ପ୍ରକୃତିର ଶୋଭା ଉପଭୋଗ କରିବା ପରିବର୍ତ୍ତେ ଜୈବ ବିବିଧତାକୁ ନଷ୍ଟ କରିଚାଲିବେ। ପ୍ରକୃତିକୁ ବଞ୍ଚାଇ ରଖିଲା ଭଳି ପଦକ୍ଷେପ ନିଆଯାଇ ପର୍ଯ୍ୟଟନର ବିକାଶ ଲାଗି ବିକଳ୍ପ ସ୍ଥାନ ବଛାଗଲେ ରାଜ୍ୟ ଆଶାନୁରୂପ ରାଜସ୍ୱ ସଂଗ୍ରହ, ନିଯୁକ୍ତି ବୃଦ୍ଧି କରିବା ସହ ଲକ୍ଷ୍ୟ ହାସଲ କରିପାରନ୍ତା। ସେଥିପାଇଁ ସ୍ପଷ୍ଟ କୁହାଯାଇପାରେ ଯେ, ସେଠାରେ କୌଣସି ମଉଜ ମଜଲିସ୍‌ର ଭିତ୍ତିଭୂମି ସୃଷ୍ଟି କରାଯିବା ଉଚିତ ନୁହେଁ।

ତଥାଗତ ସତପଥୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଫେବୃୟାରୀ ୧୯୯୫**

- ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସଂକ୍ରାନ୍ତରେ ମ୍ୟାନ୍‌ମାର ଏବଂ ଜାପାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ସୋମାଲିଆର ୨ ପ୍ରମୁଖ ଯୁଦ୍ଧଖୋର ଗୋଷ୍ଠୀର ନେତା ମହମ୍ମଦ ଫାରା ଆଲବିଦ ଏବଂ ମହଦି ମହମ୍ମଦ ଦେଶରେ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିଛନ୍ତି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | 8 | | | | A | 3 | 6 | | B | 2 |
| | | E | 9 | | | | | | | C | 5 | | | |
| A | | | D | 2 | 4 | 8 | | | | | | 0 | | |
| 4 | | B | | 0 | | 5 | | 3 | | 1 | | D | | |
| 5 | | | | 3 | | | | C | | 8 | | | | |
| | 2 | | | | | 6 | | B | | | 7 | | | 3 |
| 9 | | | 8 | | 0 | | | | | B | C | | 4 | |
| C | E | D | | | | 4 | 1 | 5 | | | | | | 0 |
| 3 | | | | | | | | E | 8 | | | | | |
| | | | | | 7 | | | | | | A | | E | |
| | | A | 5 | | | | C | 9 | 3 | E | D | | | |
| | | | | B | 1 | | | 2 | | | | | A | |
| | | | C | E | | | | | | | 1 | | 3 | 5 |
| | | C | | | | | | | | 5 | | 2 | 8 | |
| | | | 6 | | 9 | 1 | E | | 0 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | D | 5 | 9 | 7 | 1 | 3 | C | A | E | 0 | 6 | 2 | 8 | B |
| A | 6 | 1 | 2 | 0 | E | D | B | 5 | C | 8 | 9 | 7 | 3 | 4 |
| 0 | E | 8 | A | B | 5 | 6 | 1 | 7 | 3 | 2 | 4 | 9 | D | C |
| B | 9 | 3 | C | 4 | 8 | 0 | 2 | E | D | 5 | 7 | 1 | A | 6 |
| 2 | 7 | C | 3 | D | 6 | 9 | 4 | 8 | B | A | 1 | 5 | 0 | E |
| 9 | 3 | 0 | 5 | 8 | 2 | C | 7 | 1 | 6 | B | D | E | 4 | A |
| 5 | 8 | D | 6 | E | B | A | 0 | 4 | 7 | C | 2 | 3 | 9 | 1 |
| C | 1 | E | 4 | 3 | 7 | B | 5 | D | 0 | 9 | A | 8 | 6 | 2 |
| 6 | 4 | B | 1 | A | C | 2 | E | 9 | 8 | 3 | 5 | D | 7 | 0 |
| 7 | 2 | A | 0 | 9 | D | 8 | 6 | 3 | 1 | 4 | E | B | C | 5 |
| 1 | C | 7 | D | 2 | 3 | 4 | 8 | 0 | 5 | 6 | B | A | E | 9 |
| D | B | 6 | 7 | 1 | 4 | 5 | A | C | 9 | E | 3 | 0 | 2 | 8 |
| 3 | 0 | 2 | E | 6 | A | 1 | 9 | B | 4 | D | 8 | C | 5 | 7 |
| 8 | A | 9 | B | 5 | 0 | E | D | 6 | 2 | 7 | C | 4 | 1 | 3 |
| E | 5 | 4 | 8 | C | 9 | 7 | 3 | 2 | A | 1 | 0 | 6 | B | D |

ଗତକାଲିର ଉତ୍ତର

# ରାଜନୀତି ପ୍ରୟୋଗଶାଳା ନ ହେଉ



ପ୍ରକାଶ ତ୍ରିପାଠୀ

ଉତ୍ତରପ୍ରଦେଶର କୁଲଦୀପ ସିଂ ସିଙ୍ଗାର ହୁଅନ୍ତୁ ଅବା ଓଡିଶାର ଅନୁପ ସାଏ। ଗତ କିଛିଦିନ ଧରି ଗଣମାଧ୍ୟମରେ ଏହି ଦୁଇ ରାଜନେତାଙ୍କ ସମ୍ପର୍କରେ ଯେଉଁସବୁ ଅପରାଧଭିତ୍ତିକ ଖବର ପ୍ରକାଶ ପାଉଛି ସେଗୁଡିକୁ ତର୍ଜମା କଲେ ବର୍ତ୍ତମାନର ରାଜନୀତିର ସ୍ଥିତି ସହଜରେ ଅନୁମାନ କରିହୁଏ। ରାଜନୀତି ଓ ଅପରାଧ ସତେ ଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ଅନୁଭବ ହୁଏ। ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିବିଶେଷ ରାଜନୀତିକୁ ଆସିବା ସହଜ ହେଉଛି ନା ରାଜନୀତିକୁ ଆସିବା ପରେ ବ୍ୟକ୍ତିଟି ଅପରାଧପ୍ରବଣ ହୋଇଯାଉଛି ତାହା ବି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ସେ ଯାହା ହେଉ, ଦାଗୀ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନ ମାଧ୍ୟମରେ ସାମ୍ବିଧାନିକ ବ୍ୟବସ୍ଥାକୁ ଆସିବାରେ ପ୍ରତିବନ୍ଧକ ସୃଷ୍ଟି କରା ନ ଗଲେ ଏହା ଭାରତରେ ଅସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବା ସହ ଲୋକତନ୍ତ୍ରକୁ ଦୁର୍ବଳ କରିଚାଲିବ। ରାଜନୀତିର ଅପରାଧୀକରଣ ବଢିଲେ ଗଣତନ୍ତ୍ରରୁ ସୁଫଳ ମିଳିବା ଆଶା କ୍ଷୀଣ ହେବ। ଏଭଳି ଆଶଙ୍କା ଏବେ ସୁପ୍ରିମ୍‌କୋର୍ଟଙ୍କ ଏକ ନିର୍ଦ୍ଦେଶନାମାରୁ ଦୃଢ ହୋଇଛି। ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ରାଜନୈତିକ ଦଳଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି କି, ଯଦି ସେମାନେ ନିର୍ବାଚନରେ ଅପରାଧ ଅଭିଯୋଗ ଥିବା ବା ଦାଗୀ ପ୍ରାର୍ଥୀଙ୍କୁ ସୁଯୋଗ ଦିଅନ୍ତି, ତେବେ ଜନସାଧାରଣଙ୍କୁ ସେହି ପ୍ରାର୍ଥୀଙ୍କ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବେ। ଏମିତି କ'ଣ ବାଧ୍ୟବାଧକତା ଥିଲା ଯେ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତିଯୁକ୍ତ ପ୍ରାର୍ଥୀଙ୍କ ବଦଳରେ ବିଭିନ୍ନ ଅପରାଧରେ ଅଭିଯୁକ୍ତ ତଥା ଦାଗୀ ପ୍ରାର୍ଥୀଙ୍କୁ ସେମାନେ ନିର୍ବାଚନରେ ଚୟନ କଲେ। ନ୍ୟାୟାଳୟଙ୍କ ପକ୍ଷରୁ ଆହୁରି ନିର୍ଦ୍ଦେଶ ଦିଆଯାଇଛି ଯେ, ଏଭଳି ପ୍ରାର୍ଥୀଙ୍କ ନାମାଙ୍କନ ଗ୍ରହଣ କରିବାର ୪୮ ଘଣ୍ଟା ମଧ୍ୟରେ ରାଜନୈତିକ ଦଳମାନେ ନିଜ ୱେବ୍‌ସାଇଟରେ ପ୍ରାର୍ଥୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ସହ ଏକ ଜାତୀୟ ଓ ସ୍ଥାନୀୟ ଖବରକାଗଜରେ ମଧ୍ୟ ନିଜ ଦଳର ଆଭିମୁଖ୍ୟ ବିଜ୍ଞାପନ ମାଧ୍ୟମରେ ପ୍ରକାଶ କରିବେ। ଏହା ସହ ନିର୍ବାଚନ ଆୟୋଗ ମଧ୍ୟ ୭୨ ଘଣ୍ଟା ମଧ୍ୟରେ ନିଜ ୱେବ୍‌ସାଇଟରେ ତାହାକୁ ଅପ୍‌ଲୋଡ୍ କରିବେ। ଯଦି କୌଣସି ରାଜନୈତିକ ଦଳ ଏହାକୁ କାର୍ଯ୍ୟକାରୀ ନ କରନ୍ତି, ତେବେ ତାହାକୁ ଅଦାଲତ ଅବମାନନା ଆଧାରରେ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏତାଦୃଶ ନିର୍ଦ୍ଦେଶନାମା ଭାରତରେ ଅପରାଧ ଓ ରାଜନୀତି ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ସମ୍ପର୍କଜନିତ ସମସ୍ୟାକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ରାଜନୈତିକ ଦଳଗୁଡିକ ଉପରେ ଚାପ ସୃଷ୍ଟି କରିଛି।

ରାଜନୀତି ଓ ନିର୍ବାଚନକୁ ଅପରାଧମୁକ୍ତ କରିବା ଲକ୍ଷ୍ୟରେ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଏହା ପ୍ରଥମ ନିର୍ଦ୍ଦେଶନାମା ନୁହେଁ। ଏ ସମ୍ପର୍କରେ ପୂର୍ବରୁ ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହୋଇନାହିଁ। ବିଶେଷକରି ରାଜନୈତିକ ଦଳଗୁଡିକ ପକ୍ଷରୁ ଏ ଦିଗରେ ବିଶେଷ ଆଗ୍ରହ ପ୍ରକାଶ ପାଉ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ୨୦୧୮ ମସିହାରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ନିର୍ବାଚନ ଲଢିବା ପୂର୍ବରୁ ପ୍ରତ୍ୟେକ ପ୍ରାର୍ଥୀ ନିଜ ନିଜ ଅପରାଧର ରେକର୍ଡ ନିର୍ବାଚନ ଆୟୋଗଙ୍କ ସମ୍ମୁଖରେ ଦାଖଲ କରିବେ। ଏହା ସହ ସମସ୍ତ ରାଜନୈତିକ ଦଳ ପ୍ରତି ନିର୍ଦ୍ଦେଶନାମା ଥିଲା ଯେ, ଦଳ ପକ୍ଷରୁ ନିର୍ବାଚନରେ ଭାଗ ନେଉଥିବା ସବୁ ପ୍ରାର୍ଥୀଙ୍କ ସମ୍ପର୍କରେ ସବିଶେଷ ସୂଚନା ନିଜ ନିଜର ୱେବ୍‌ସାଇଟରେ ସ୍ଥାନିତ କରିବେ। ପ୍ରାର୍ଥୀଙ୍କ ସମ୍ପର୍କରେ ସବୁ ତଥ୍ୟ ଜାଣିବାର ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ସୁପ୍ରିମ୍‌କୋର୍ଟ ମତ ରଖିଥିଲେ ଯେ, ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ପାର୍ଲାମେଣ୍ଟରେ ଆଇନ ପ୍ରସ୍ତୁତ ହେଉ। ମାତ୍ର ଏ ସଂକ୍ରାନ୍ତରେ ଉଚିତ ପଦକ୍ଷେପ ନିଆ ନ ଯିବାରୁ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ପିଟିସନ ଦାଖଲ କରାଯାଇଥିଲା ଓ ଏହାର ବିଚାର କରି ସର୍ବୋଚ୍ଚ ଅଦାଲତ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବାହୁବଳ ଓ ଅର୍ଥବଳ ପ୍ରଭାବରେ ନିର୍ବାଚନ ବୈତରଣୀ ପାରହେବା କ୍ରମଶଃ ସହଜ ହୋଇଯାଉଥିବାରୁ ପ୍ରାୟ ସମସ୍ତ ରାଜନୈତିକ ଦଳ ଏଭଳି ପୃଷ୍ଠଭୂମିର ପ୍ରାର୍ଥୀଙ୍କୁ ନିର୍ବାଚନରେ ପ୍ରାର୍ଥୀ କରିବାକୁ ଆଗଭର ହେଉଛନ୍ତି। ଏହା ଅତି ଦୁର୍ଭାଗ୍ୟର ବିଷୟ ଯେ, ବିଭିନ୍ନ ଅପରାଧରେ ଜଡିତ ଓ ଅଭିଯୁକ୍ତ ଥିବା ବାହୁବଳୀ ପ୍ରାର୍ଥୀମାନେ ନିଷ୍କଳଙ୍କ ତଥା ନିର୍ମଳ ଭାବମୂର୍ତ୍ତିସମ୍ପନ୍ନ ପ୍ରାର୍ଥୀଙ୍କ ଅପେକ୍ଷା ଅଧିକ ନିର୍ବାଚନ ସଫଳତା ହାସଲ କରୁଛନ୍ତି। ଯେହେତୁ ଭୋଟରମାନଙ୍କୁ କୌଣସି ଆଇନ ବା ନିର୍ଦ୍ଦେଶନାମାରେ ସେମାନଙ୍କର ଭୋଟଦାନ ସ୍ୱାଧୀନତା ଓ ଅଧିକାରକୁ ନିୟନ୍ତ୍ରିତ କରାଯାଇପାରିବ ନାହିଁ, ସେଥିପାଇଁ ସୁପ୍ରିମ୍‌କୋର୍ଟ ରାଜନୈତିକ ଦଳଗୁଡିକ ଉପରେ ଏପରି ନିର୍ଦ୍ଦେଶନାମା ଜାରି କରିଥିବା ଅନୁମାନ କରାଯାଏ। ମୂଳରୁ ନିର୍ବାଚନ ସଂସ୍କାର କରାଯାଇ ଦାଗୀ ପ୍ରାର୍ଥୀଙ୍କୁ ହଟାଯାଇ ପାରିଲେ ରାଜନୀତିକୁ ସ୍ୱଚ୍ଛ କରାଯାଇପାରିବ।


ରାଜନୀତି ଅପରାଧର ପ୍ରୟୋଗଶାଳା ନ ହେଉ, ଏଭଳି ଏକ ଆଶା ସୃଷ୍ଟି ହୋଇଛି ସୁପ୍ରିମ୍‌କୋର୍ଟଙ୍କ ଏଭଳି ନିର୍ଦ୍ଦେଶନାମା ଆସିବା ପରେ। ବର୍ତ୍ତମାନ ଦେଶରେ ଏପରି କୌଣସି ରାଜନୈତିକ ଦଳ ନାହିଁ, ଯେଉଁ ଦଳରେ କି ଅପରାଧ ଅଭିଯୁକ୍ତ ପ୍ରାର୍ଥୀ ନାହାନ୍ତି। ଯେହେତୁ ଭାରତୀୟ ଲୋକତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କ ନିର୍ବାଚନରେ ପ୍ରାର୍ଥୀ ହେବାର ଅଧିକାର ରହିଛି, ସେଥିପାଇଁ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ରୋକିବା ସହଜ ହେଉନାହିଁ। ସାଧାରଣ ଭୋଟର ବି ପ୍ରାର୍ଥୀମାନଙ୍କ ସମ୍ପର୍କରେ ଶତ ପ୍ରତିଶତ ସୂଚନା ପାଇପାରୁ ନାହାନ୍ତି। ଯଦି ଅଦାଲତଙ୍କ ନିର୍ଦ୍ଦେଶାବଳୀ ମୁତାବକ ପ୍ରାର୍ଥୀଙ୍କ ଅପରାଧ ରେକର୍ଡ ସମ୍ପର୍କିତ ତଥ୍ୟ ଖବରକାଗଜ ତଥା ସୋସିଆଲ ମିଡିଆ ଆଦିରେ ପ୍ରକାଶ ପାଇବ, ହୁଏତ ସାଧାରଣ ଭୋଟର ସେମାନଙ୍କ ଚିନ୍ତାଧାରାକୁ ବଦଳାଇ ପାରନ୍ତି। ମାତ୍ର ଏହାଦ୍ୱାରା ସୁଫଳ ମିଳିବାର ଆଶା କ୍ଷୀଣ। କାରଣ ଭୋଟରଙ୍କୁ ପ୍ରଭାବିତ କରିବାର କୌଶଳକୁ ହାତଛଡା କରିବାକୁ କୌଣସି ପ୍ରାର୍ଥୀ ଚାହିଁବେ ନାହିଁ। ସେଥିପାଇଁ ତ ନିର୍ବାଚନରେ ବାହୁବଳ ଓ ଅର୍ଥବଳର ପ୍ରଭାବ ବେଶି ରହୁଛି। ଏଠାରେ ନ୍ୟାଶ୍‌ନାଲ ୱାଚ୍ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ ପକ୍ଷରୁ ପ୍ରକାଶିତ ରିପୋର୍ଟ ଉପରେ ନଜର ପକାଯାଇପାରେ। ନିର୍ବାଚନରେ ପ୍ରାର୍ଥୀଙ୍କ ପକ୍ଷରୁ ଦାଖଲ ହେଉଥିବା ଘୋଷଣାପତ୍ର ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ ପାଇଥାଏ। ବର୍ତ୍ତମାନ ଲୋକ ସଭାରେ ପ୍ରାୟ ୫୦ ଭାଗ ସଦସ୍ୟଙ୍କ ବିରୋଧରେ ବିଭିନ୍ନ ଅପରାଧ ଅଭିଯୋଗ ରହିଛି। ବିଗତ ଲୋକ ସଭା ସଭ୍ୟମାନଙ୍କଠାରୁ ଏହା ଶତକଡା ୪୪ ଭାଗ ଅଧିକ। ୫୩୯ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ୨୩୩ ପ୍ରାର୍ଥୀ ନିଜ ଘୋଷଣାନାମାରେ ସେମାନଙ୍କ ବିରୋଧରେ ଅପରାଧ ମାମଲା ରହିଥିବା ସୂଚନା ପ୍ରଦାନ କରିଥିଲେ। ଏହାର ସଂଖ୍ୟା ବିଗତ ଦୁଇଟି ଲୋକ ସଭାର ଅପରାଧ ଅଭିଯୁକ୍ତ ସଭ୍ୟଙ୍କଠାରୁ ଅଧିକ। ୨୦୧୪ ସାଧାରଣ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ଶତକଡା ୩୪ ଭାଗଙ୍କ ବିରୋଧରେ ଆପରାଧିକ ମାମଲା ରହିଥିଲା ବେଳେ ୨୦୦୯ ନିର୍ବାଚନରେ ୩୦ ଭାଗ ବିଜୟୀ ପ୍ରାର୍ଥୀଙ୍କର ଆପରାଧିକ ମାମଲା ରହିଥିଲା। ୨୦୧୪ରେ ତାହା ୪୩ ଭାଗକୁ ବୃଦ୍ଧି ପାଇଛି। ସବୁଠାରୁ ଅଧିକ ଚିନ୍ତା କରିବାର ବିଷୟ ହେଉଛି ଯେ, ୨୦୧୯ ନିର୍ବାଚନରେ ୨୯ ଭାଗ ପ୍ରାର୍ଥୀଙ୍କ ବିରୋଧରେ ଗୁରୁତର ଆପରାଧିକ ମାମଲା, ଯେପରି କି ବଳାତ୍କାର, ହତ୍ୟା ଓ ଅପହରଣ ଆଦି ମାମଲା ରହିଛି। ଏପରି କି ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରି କରି କ୍ଷମତାକୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ଅପରାଧ ପୃଷ୍ଠଭୂମି ଥିବା ରାଜନେତାଙ୍କ କବଳରୁ ମୁକ୍ତ ନୁହେଁ। ବିଡମ୍ବନାର ବିଷୟ ଏହା ଯେ, ରାଜନେତାଙ୍କ ବିରୋଧରେ ଆସୁଥିବା ମାମଲାଗୁଡିକର ତ୍ୱରିତ ବିଚାର ପାଇଁ କୌଣସି ବ୍ୟବସ୍ଥା ହୋଇପାରୁନାହିଁ। ମକଦ୍ଦମା ଓ ରାଜନୀତି ସମାନ୍ତରାଳ ଭାବେ ଆଗକୁ ବଢିଚାଲିଥାଏ ଏବଂ ବିଚାର ପ୍ରକ୍ରିୟା ବିଳମ୍ବ ଯୋଗୁ ଏହାର କୌଣସି ପ୍ରଭାବ ରାଜନୈତିକ ଜୀବନ ଉପରେ ପଡି ନ ଥାଏ।

ନ୍ୟାୟପାଳିକା ତ ନିର୍ଦ୍ଦେଶନାମା ଜାରି କରିଦେଲେ। ଏବେ ଦେଖିବାର କଥା ରାଜନୈତିକ ଦଳଗୁଡ଼ିକ ଏହି ନିର୍ଦ୍ଦେଶନାମାକୁ କିପରି ଗୁରୁତ୍ୱର ସହ ଗ୍ରହଣ କରୁଛନ୍ତି। ଏକଥା ସ୍ପଷ୍ଟ ଯେ, ଯେ ପର୍ଯ୍ୟନ୍ତ ଅପରାଧ ପୃଷ୍ଠଭୂମି ଥିବା ବା ଦାଗୀ ପ୍ରାର୍ଥୀଙ୍କୁ ନିର୍ବାଚନରୁ ଦୂରେଇ ରଖିବା ପାଇଁ ଦେଶରେ ଆଇନ ପ୍ରଣୟନ ନ ହୋଇଛି ସେ ପର୍ଯ୍ୟନ୍ତ ରାଜନୀତିକୁ ସମ୍ପୂର୍ଣ୍ଣ ଅପରାଧମୁକ୍ତ କରାଯିବା ସମ୍ଭବ ହେବ ନାହିଁ। ତେବେ ରାଜନୀତିକୁ ଅପରାଧକରଣ କରାଯିବା ଦ୍ୱାରା ଯେଉଁମାନେ ଏଥିରୁ ଲାଭବାନ ହେଉଛନ୍ତି ସେହିମାନଙ୍କ ଦ୍ୱାରା ରାଜନୀତିକୁ ସ୍ୱଚ୍ଛ, ନିର୍ମଳ ଓ ନିଃସ୍ୱାର୍ଥ ସେବାର ରୂପ ଦିଆଯାଇପାରିବାର ଆଶା ଆମେ ରଖିପାରିବା ତ? ଯେଉଁ ଜନପ୍ରତିନିଧି ଆଇନ ବଳରେ ଦେଶରେ ନିର୍ବାଚନ ହେଉଛି, ସେଥିରେ ପ୍ରାର୍ଥୀଙ୍କ ଯୋଗ୍ୟତା, ଅଯୋଗ୍ୟତା ଓ କ୍ଷମତାର ନିର୍ଦ୍ଧାରଣ କେବଳ ସଂସଦ ହିଁ କରିପାରିବ, ନ୍ୟାୟପାଳିକା ନୁହେଁ। ସର୍ବୋପରି ରାଜନୀତିର ଅପରାଧକରଣ ରୋକିବା ଦିଗରେ ଜନସାଧାରଣଙ୍କ ସଚେତନତା ଅଧିକ ଫଳପ୍ରଦ ହେବ।

prakastripathy09@gmail.com

# ସବୁଜ ଅର୍ଥନୀତିର ପଥପ୍ରଦର୍ଶକ

ବ୍ୟକ୍ତିତ୍ୱ



ପବନ ସୁଖଦେବ

ପ୍ରଖ୍ୟାତ ଭାରତୀୟ ପରିବେଶ ଅର୍ଥଶାସ୍ତ୍ରୀ ତଥା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି)ର ଗୁଡ୍‌ୱିଲ ଆମ୍ବାସାଡର ପବନ ସୁଖଦେବ ୨୦୨୦ର ଟାଇଲର୍ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇପାରିଛନ୍ତି। ଗ୍ରୀନ୍ ଇକୋନୋମୀ ବା ସବୁଜ ଅର୍ଥନୀତି କ୍ଷେତ୍ରରେ ଅଭୂତପୂର୍ବ ଯୋଗଦାନ ପାଇଁ ସେ ଏହି ପୁରସ୍କାର ବିଜେତା ହୋଇଛନ୍ତି। ୫୯ ବର୍ଷୀୟ ସୁଖଦେବଙ୍କ ସହ ଷ୍ଟାନଫୋର୍ଡ ୟୁନିଭର୍ସିଟିର ଜୀବ ବିଜ୍ଞାନୀ ପ୍ରଫେସର ଗ୍ରେସନ ସି. ଡେଲି ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସୁଖଦେବଙ୍କ ସହ ଡେଲି ମେ' ୧ରେ ନ୍ୟୁୟର୍କରେ ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ଗ୍ରହଣ କରିବେ। ଏହି ପୁରସ୍କାର ବାବଦରେ ଦୁଇଜଣଙ୍କୁ ସ୍ୱର୍ଣ୍ଣ ପଦକ ଓ ଦୁଇଲକ୍ଷ ଡଲାର ମଧ୍ୟ ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ ଯେ,ପରିବେଶ ସୁରକ୍ଷା ଦିଗରେ ଅମୂଲ୍ୟ ଯୋଗଦାନ ସକାଶେ ୧୯୭୩ରେ ଜନ୍ ଆଣ୍ଡ ଏଲିସ ଟାଇଲରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ୟୁନିଭର୍ସିଟି ଅଫ୍ ସଦର୍ନ କାଲିଫର୍ଣ୍ଣିଆ ପକ୍ଷରୁ ଦିଆଯାଇଆସୁଅଛି।

ପବନ ସୁଖଦେବ ୨୦୦୮ରେ 'ପରିବେଶ ଓ ଜୈବବିବିଧତାର ଅର୍ଥନୀତି'( ଦି ଇକୋନୋମିକ୍ସ ଅଫ୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ବାୟୋଡାଇଭର୍ସିଟି ,ଟିଇଇବି) ରିପୋର୍ଟ ପ୍ରକାଶ କରିଥିଲେ। ଟିଇଇବି ଜୈବବିଧତା ଧ୍ୱଂସ ହେବା ଦ୍ୱାରା ବିଶ୍ୱ ଅର୍ଥବ୍ୟବସ୍ଥାରେ ହେଉଥିବା କ୍ଷତି ଉପରେ ଦୃଷ୍ଟି ଆକର୍ଷଣ କରିଥିଲା। ସବୁଜ ଅର୍ଥନୀତି ସମ୍ପଦ, ନିଯୁକ୍ତି ଓ ଦାରିଦ୍ର୍ୟ ହ୍ରାସ କରିବାରେ ସହାୟକ ବୋଲି ଦର୍ଶାଇଛନ୍ତି ସୁଖଦେବ। ସବୁଜ ଅର୍ଥନୀତି କ୍ଷେତ୍ରରେ ସରକାର ଓ କର୍ପୋରେଶନଗୁଡ଼ିକୁ ଲଗାତର ସହଯୋଗ କରିଆସୁଥିବା ସୁଖଦେବଙ୍କୁ ୨୦୧୨ରେ ୟୁଏନ୍‌ଇପି ଦ୍ୱାରା ଏହାର ଗୁଡ୍‌ୱିଲ ଆମ୍ବାସାଡର ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ପୂର୍ବରୁ ୨୦୧୦ରେ ତାଙ୍କୁ ଏନଭାଇରନ୍‌ମେଣ୍ଟ ଫାଇନାନ୍ସ ଦ୍ୱାରା ବର୍ଷର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ଚୟନ କରାଯାଇଥିଲା। ୨୦୧୧ରେ ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇକୋଲୋଜି ଆଣ୍ଡ ଏନଭାଇରନ୍‌ମେଣ୍ଟ (ଆଇଇଏମ୍)ଦ୍ୱାରା ପୁରସ୍କୃତ କରାଯାଇଥିଲା। ୨୦୧୧ରୁ ୨୦୧୪ ଯାଏ ୟେଲ୍ ବିଶ୍ୱବିଦ୍ୟାଳୟର ଭିଜିଟିଂ ଫେଲୋ ଥିଲେ।

ନବେ ଦଶକର ମଧ୍ୟଭାଗରେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ମୁଦ୍ରା, ସୁଧହାର, ବଜାର କ୍ଷେତ୍ରରେ ଉନ୍ନତି ଆଣିବାରେ ସେ ଅନବରତ ପ୍ରୟାସ କରିଥିଲେ। ଅର୍ଥନୀତିରେ ଦେଶର ବିକାଶ ଲାଗି ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ବହୁ କମିଟିର ସଦସ୍ୟ ରହିଆସିଛନ୍ତି। ସେ ୧୯୯୪ରେ ଡ୍ୟୁଶ ବ୍ୟାଙ୍କରେ ପ୍ରଥମେ ଭାରତରେ ତା'ର ଗ୍ଲୋବାଲ ମାର୍କେଟ ଡିଭିଜନରେ ଯୋଗଦେବା ପରେ ଭାରତରେ ଫିକ୍ସଡ ଇନ୍‌କମ ବିଜନେସ ଆରମ୍ଭ କରିଥିଲେ। ଏହି ବ୍ୟାଙ୍କରେ ୧୪ ବର୍ଷ କାର୍ଯ୍ୟକରିବା ପରେ ୟୁଏନ୍‌ଇପିର ସବୁଜ ଅର୍ଥବ୍ୟବସ୍ଥା ତଥା ଟିଇଇବି ପ୍ରୋଜେକ୍ଟ ଉପରେ ଅନୁଧ୍ୟାନ କରିବା ଆରମ୍ଭ କରିଥିଲେ। ସେ ଡାଭୋସ ସମ୍ମିଳନୀରେ ନିଜର ବକ୍ତବ୍ୟ ମଧ୍ୟ ପ୍ରଦାନ କରିଛନ୍ତି। ସବୁଜ ଅର୍ଥବ୍ୟବସ୍ଥା ପାଇଁ ସହଯୋଗ ବୃଦ୍ଧିକରିବା ଲକ୍ଷ୍ୟରେ ସେ ରିଓ ସମ୍ମିଳନୀରେ ୨୦୧୨ରେ ଆରମ୍ଭ କରିଥିଲେ 'କର୍ପୋରେଶନ ୨୦୨୦' ଅଭିଯାନ। ସେ ୨୦୧୭ରୁ ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର ନେଚର୍‌ର ଅଧ୍ୟକ୍ଷ ରହିଛନ୍ତି। ଏହି ପଦରେ ତାଙ୍କର ପ୍ରଥମ କାର୍ଯ୍ୟକାଳ ୨୦୨୧ରେ ଶେଷ ହେବ।

ପବନ ଲେଖାଲେଖିରେ ରୁଚି ରଖନ୍ତି। ୨୦୧୨ରେ 'କର୍ପୋରେଶନ ୨୦୨୦' ଉପରେ ଦୁଇଟି ପୁସ୍ତକ ତାଙ୍କ ଲେଖକୀୟ ପରିଚୟ ପ୍ରଦାନ କରେ। ଏହାବ୍ୟତୀତ ସେ ପରିବେଶ, ଜୈବବିବିଧତା, ସବୁଜ ଅର୍ଥନୀତି ଆଦି କ୍ଷେତ୍ରରେ ସୁଧାର ଆଣିବା ଲାଗି ଅନେକ ବହି ମଧ୍ୟ ଲେଖିଛନ୍ତି। ୨୦୦୦ରୁ ସେ କ୍ରମାଗତ ଭାବେ ଖବରକାଗଜ ଓ ପତ୍ରିକା ପାଇଁ ଲେଖିଆସୁଛନ୍ତି। ତାଙ୍କ ଦ୍ୱାରା ପ୍ରକାଶିତ 'ଗ୍ରୀନ ଜିଡିପି' ଭାରତରେ ବେଶ୍ ଆଦୃତ।

୩୦ ମାର୍ଚ୍ଚ ୧୯୬୦ ରେ ଦିଲ୍ଲୀରେ ପବନଙ୍କ ଜନ୍ମ । ତାଙ୍କ ପିଲାବେଳ ଦିଲ୍ଲୀରେ କଟିଛି। ସେ ଦିଲ୍ଲୀରେ ବି ପଢିଛନ୍ତି। ପରେ ଜେନେଭାର କଲେଜ ଡୁ ଲେମ୍ୟାନ ଓ ଇଂଲଣ୍ଡର ଡୋଭର କଲେଜରେ ଉଚ୍ଚଶିକ୍ଷା ଲାଭ କରିଛନ୍ତି। ୧୯୮୧ରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି। ଏହାପରେ ସେ ଜଣେ ଗବେଷକ ହେବା ବଦଳରେ ବ୍ୟାଙ୍କର ଭାବେ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ। ତାଙ୍କ ବାପା ଜଣେ ଆଇଏଫ୍‌ଏସ୍ ଅଫିସର ଥିଲେ। 'ଭଲ କାମରୁ ସୁନାମ ମିଳେ' ବୋଲି ସେ ସବୁବେଳେ କହୁଥିଲେ। ବାପାଙ୍କ ଏହି ଚିନ୍ତାଧାରାରେ ସେ ଚାଲିଛନ୍ତି ଓ ଆଜି ଟାଇଲର୍ ପୁରସ୍କାର ପାଇବା ଲାଗି ଯୋଗ୍ୟ ହୋଇପାରିଛନ୍ତି ବୋଲି କୁହନ୍ତି ପବନ। 'କଠିନ ପରିଶ୍ରମ କରି ପଢ଼ ଓ ଭଲ କର' ମା'ଙ୍କ ଏହି କଥା ତାଙ୍କୁ ଅନେକ ବାଟ ନେଇଆସିଛି । ପିଲାବେଳେ ପରିବାର ସହ ପ୍ରତି ଖରାଦିନେ ସେ ଶିମ୍‌ଲା, ମସୌରୀ ଓ ନୈନିତାଲକୁ ବୁଲିଯାଉଥିଲେ। ଏହା ତାଙ୍କୁ ପରିବେଶ ପ୍ରେମୀ କରାଇବାରେ ବହୁ ସାହାଯ୍ୟ କରିଛି। ୧୯୮୬ରେ ସେ ବିନିତଙ୍କୁ ବିବାହ କରିଥିଲେ। ସ୍ତ୍ରୀଙ୍କ ସହ ବହୁସମୟରେ କାଜିରଙ୍ଗା ବୁଲିବାକୁ ଯାଇଥାଆନ୍ତି। ତେବେ ଫାଇନାନ୍ସିଆଲ ମାର୍କେଟ ଭିତରେ ରହି ପରିବେଶ କଥା ବି ଚିନ୍ତା କରିପାରିନଥିଲେ। କିନ୍ତୁ ତାଙ୍କ ବଡ ଝିଅ ମହିମା ପୁଣି ପରିବେଶ ଆଡକୁ ଫେରିବାକୁ ବାଧ୍ୟ କରିଥିଲା। ପରିବେଶର ପ୍ରଭାବ ଥରେ ଜୀବନକୁ ଛୁଇଁଲେ ତାହା ପୂରା ଜୀବନକୁ ବଦଳାଇଦିଏ , ଯାହା ତାଙ୍କ କ୍ଷେତ୍ରରେ ଘଟିଛି ବୋଲି କୁହନ୍ତି ପବନ।

-ଶିବ ପ୍ରସାଦ ପୁହାଣ

## ଏଇ ଭାରତରେ

କର୍ନାଟକର ଏକ ମଦ୍ରାସାରେ ଅନୁଷ୍ଠିତ ହିନ୍ଦୁ ଓ ମୁସଲମାନଙ୍କ ସାମୂହିକ ବିବାହ ସାମ୍ପ୍ରଦାୟିକ ସଦ୍‌ଭାବ ବାର୍ତ୍ତା ଦେଇଛି। ଏହି ବିବାହରେ ୭୫ଟି ମୁସଲମାନ ଯୋଡି ଓ ୨୫ ଯୋଡି ହିନ୍ଦୁ ବିବାହ କରିଛନ୍ତି। ବେଲଗାଭି ଜିଲା ମୁଖ୍ୟାଳୟଠାରୁ ୫୦ କିଲୋମିଟର ଦୂର ବେଲିହଙ୍ଗଲସ୍ଥିତ ମଦ୍ରାସା ଅଲ୍ ଅରବିୟା ଅନୱରୁଲ ଉଲୁମାରେ ଏହି ସାମୂହିକ ବାହାଘର ଜାମିଆ ଫୈଜାନ-ଉଲ୍-କୁରାନ ଓ ଇଶା ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ବାହାଘରରେ ଉଭୟ ପଣ୍ଡିତ ଓ ମୌଲବୀ ଉପସ୍ଥିତ ରହିଥିଲେ। ଗୋଟିଏ ପକ୍ଷରେ ବିବାହର ଦୁଆ ପଢାଯାଉଥିବାବେଳେ ଅନ୍ୟ ପକ୍ଷରେ ବେଦମନ୍ତ୍ର ଉଚ୍ଚାରଣ ହେଉଥିଲା। ସେମାନେ ନବବିବାହିତ ହିନ୍ଦୁଯୋଡିଙ୍କୁ ଗୀତା ଓ ମୁସଲମାନ ଯୋଡିଙ୍କୁ କୋରାନ ପାଠ କରାଇଥିଲେ। ହିନ୍ଦୁ ବିବାହିତ ଯୋଡି ଓ ମୁସଲମାନ ଯୋଡି ପ୍ରତ୍ୟେକଙ୍କୁ ଯଥାକ୍ରମେ ଗୀତା ଓ କୋରାନ ପ୍ରଦାନ କରାଯାଇଥିଲା। ବିବାହ ଉତ୍ସବରେ ହିନ୍ଦୁ ଯୋଡିଙ୍କୁ ଆୟୋଜକମାନେ ମଙ୍ଗଳସୂତ୍ର ମଧ୍ୟ ଦେଇଥିଲେ। ଏହି ଅବସରରେ ୪ ହଜାରରୁ ଊର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ବାହାଘର ପରେ ଆୟୋଜକ ଜାମିଆ ଫୈଜାନ-ଉଲ୍-କୁରାନ ତରଫରୁ ପ୍ରତ୍ୟେକ ଯୋଡିଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

## ଚିରନ୍ତନୀ

ସନ୍ଧ୍ୟାଲୋକ ତଳେ ଏକା
ସଜଳ କଜ୍ଜଳରେଖା-
ଜଳ ଧାରାଟିଏ ଯାଏ ବହି,
କ୍ଲାନ୍ତ ପଦେ ମୁଁ ଏକାକୀ
ତରୁତଳ କରି ସାକ୍ଷୀ
ବିଶ୍ରମିଛି ଶଯ୍ୟାହୀନ ମହୀ।
ନିକଟେ ନିକଟେ ଆଉ
ଧୀରେ ସେ କୋମଳ ବାହୁ
ଜଡ଼ାଅ ତପତ ଅଙ୍ଗେ ମୋର,
ନିବିଡ଼ ଅତି ନିବିଡ଼
କରି ମୋର ବକ୍ଷ ଭିଡ଼
ଦିଅ ଆଲିଙ୍ଗନ ଦୃଢ଼ତର।
(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କ ହିତ ଯୋଜନା କାର୍ଯ୍ୟକାରୀ ହେଉ

ମହାଶୟ,

ସାମ୍ବାଦିକମାନେ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ବହୁ ବାଧାବିଘ୍ନ ସତ୍ତ୍ୱେ ସେମାନେ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ କରିଥାନ୍ତି। କିନ୍ତୁ ସାମୂହିକ ସ୍ୱାର୍ଥ ପାଇଁ ଲଢ଼େଇ କରୁ କରୁ ବେଳେବେଳେ କିଛି ସାମ୍ବାଦିକଙ୍କୁ ଆକ୍ରମଣର ଶିକାର ହେବାକୁ ପଡ଼ିଥାଏ। ୨୦୧୯ ମସିହାରେ ସମଗ୍ର ଦେଶରେ ୪୦ ଜଣ ସାମ୍ବାଦିକ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏହାକୁ ଆଖି ଆଗରେ ରଖି ଓଡ଼ିଶା ସରକାର ସାମ୍ବାଦିକଙ୍କ ପାଇଁ ୨୦୧୮ରୁ ପ୍ରଣୟନ କରିଛନ୍ତି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା, ରିହାତି ସୁଧ ହାରରେ ଗାଡ଼ି ଓ ଋଣ ସହାୟତା ଓ ମୃତ୍ୟୁ ପରେ ସାମ୍ବାଦିକଙ୍କ ସନ୍ତାନସନ୍ତତିଙ୍କୁ ଶିକ୍ଷାବୃତ୍ତି ଭଳି ଅନେକ ଯୋଜନା। କିନ୍ତୁ ଅଦ୍ୟାବଧି ସାମ୍ବାଦିକମାନେ ସ୍ୱାସ୍ଥ୍ୟବୀମା କାର୍ଡ ବ୍ୟତୀତ ଅନ୍ୟ କିଛି ସୁବିଧାସୁଯୋଗ ପାଇପାରୁନାହାନ୍ତି। ନୂଆ ଆବେଦନକାରୀମାନଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନରୁ ବଞ୍ଚିତ କରିବା ଆଦି ବିଷୟ ନେଇ ସାମ୍ବାଦିକ ମହଲରେ ଗଭୀର କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏସବୁ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ତ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ପେନ୍‌ସନ ଓ ସୁରକ୍ଷା ଆଇନ ପ୍ରଣୟନ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ।

ସୁଶାନ୍ତ କୁମାର ଖଟୁଆ, ଉତ୍କଳମଣି ସେବା ସଂଗଠନ, ଜେନାପୁର, ଯାଜପୁର

### ପ୍ରମୁଖ ଦେବପୀଠଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଉ

ପୁରୀ ଶ୍ରୀମନ୍ଦିର ପରେ ଏବେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରର ସୁନ୍ଦରୀକରଣ କରାଗଲାଣି। ଏହା ପରେ ଅନ୍ୟ ଦେବପୀଠଗୁଡିକରେ ଜବରଦଖଲ ଉଚ୍ଛେଦପୂର୍ବକ ସୁନ୍ଦରୀକରଣ ଲାଗି ଦାବି ହେବା ସ୍ୱାଭାବିକ। ଭକ୍ତଙ୍କ ଆବେଗକୁ ସମ୍ମାନ ଜଣାଇ ସମସ୍ତ ଦେବପୀଠର ଶୋଭା ବର୍ଦ୍ଧନ ଲାଗି ସରକାର ଉଦ୍ୟମ କରିବେ ବୋଲି ଆଶା।


ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବରେ ଶନିବାର ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମେଗା ଇଭେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୧୫୯ ବିଶ୍ୱବିଦ୍ୟାଳୟରୁ ପାଖାପାଖି ୩୪୦୦ ଆଥଲେଟ ଅଂଶଗ୍ରହଣ କରିଛନ୍ତି। ୧୭ଟି ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ଭୁବନେଶ୍ୱର ଓ କଟକର ୧୦ଟି ଭେନ୍ୟୁରେ ଖେଳ ଅନୁଷ୍ଠିତ ହେବ। ରଗ୍‌ବୀ ସମେତ ୬ଟି ଟିମ୍ ଇଭେଣ୍ଟରେ ମଧ୍ୟ ପ୍ରତିଯୋଗିତା ଆୟୋଜନ ହେବ।


ସଙ୍ଗୀତ ପରିବେଷଣ କରୁଛନ୍ତି ସୋନା ମହାପାତ୍ର


ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## କଲଡ୍ରୋନରେ ଅଗ୍ନି ସଂଯୋଗ କଲେ ଦିଲୀପ

ଭାରତୀୟ ତୀରନ୍ଦାଜ ମୁସ୍କାନ କିରାର୍‌ଙ୍କ ଦ୍ୱାରା ଉଦ୍‌ଘାଟନୀ ଉତ୍ସବର ମଶାଲ ରିଲେ ଆରମ୍ଭ ହୋଇଥିଲା। ପରେ ଏହାକୁ ଧରିଥିଲେ ସନ୍ତରଣକାରୀ ଏସ.ପି ଲିକିଥ। ଶେଷର ଅଲିମ୍ପିଆନ ଦିଲୀପ ତିର୍କୀ ମଶାଲକୁ ନେଇ କଲଡ୍ରୋନରେ ରଖିଥିଲେ।

### ସୋନା-ରାମଙ୍କ ଖେଲେଙ୍ଗେ ସାନ୍ ସେ...

ବଲିଉଡ କଣ୍ଠଶିଳ୍ପୀ ତଥା ଓଡ଼ିଆ ଝିଅ ସୋନା ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶକ ରାମ ସମ୍ପଥଙ୍କ ଯୁଗଳବନ୍ଦୀରେ ପରିବେଷଣ ହୋଇଥିଲା ଖେଲେଙ୍ଗେ ସାନ୍ ସେ.. ଗୀତ। ଉପସ୍ଥିତ ଦର୍ଶକ ଏହି ଗୀତରେ ଝୁମିବା ସହ ଶେଷରେ କଣ୍ଠଶିଳ୍ପୀ ସୋନାଙ୍କ ସହ ତାଳ ମିଶାଇ ଗାଇଥିଲେ ଅଗଣିତ ଶ୍ରୋତା।

### ଚମତ୍କାର ଥିଲା ଓଡ଼ିଶୀ ଫ୍ୟୁଜନ

ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଆରମ୍ଭ ହୋଇଥିଲା ଉତ୍ସବ। ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୦ଜଣ ନୃତ୍ୟଶିଳ୍ପୀ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରାୟ ୨୦ ମିନିଟ ଧରି ଓଡ଼ିଶୀ ନୃତ୍ୟ ସହ ଅନ୍ୟ ପାରମ୍ପରିକ ନୃତ୍ୟର ଫ୍ୟୁଜନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବଲିଉଡର ଆଗଧାଡ଼ିର କଣ୍ଠଶିଳ୍ପୀ ନାକାସ୍ ଅଜିଜ୍ ପ୍ରତିଯୋଗିତାର ଥିମସଙ୍ଗ ପରିବେଷଣ କରିଥିବା ବେଳେ କୋରିଓଗ୍ରାଫର ଟେରେନ୍ସ ଲୁଇସ୍‌ଙ୍କ ଡ୍ୟାନ୍ସଗ୍ରୁପ ନୃତ୍ୟ ପରିବେଷଣ କରିଥିଲା।




ଡିଜିଟାଲ୍ କଲଡ୍ରୋନ୍‌ରେ ମଶାଲ ରଖାଯାଇଛି।



## ନିଶାନ୍ତଙ୍କୁ ଟେକ୍‌ନିକାଲ ଅଫିସିଆଲ ଦାୟିତ୍ୱ

**ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଓ କଟକରେ ମିଳିତ ଭାବେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ହକି ଇଭେଣ୍ଟ ପାଇଁ ଓଡ଼ିଶାର ନିଶାନ୍ତ ଜ୍ୟୋତି ମହାନ୍ତିଙ୍କୁ ଟେକ୍‌ନିକାଲ ଅଫିସିଆଲ ଭାବେ ନିଯୁକ୍ତ କରାଯାଇଛି। ଇଷ୍ଟକୋଷ୍ଟ ରେଲ୍‌ୱେରେ କାର୍ଯ୍ୟରତ ନିଶାନ୍ତଙ୍କୁ ହକି ଇଣ୍ଡିଆ ପକ୍ଷରୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ନିଶାନ୍ତ ଅନେକ ଜାତୀୟ, ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଜଜ୍, ଅମ୍ପାୟର ଓ ଟେକ୍‌ନିକାଶ ଅଫିସିଆଲ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇ ସାରିଛନ୍ତି। ଏହାକୁ ଆଧାର କରି ହକି ଇଣ୍ଡିଆ ପକ୍ଷରୁ ନିଶାନ୍ତଙ୍କୁ କେଆଇୟୁଜି ପାଇଁ ଟେକ୍‌ନିକାଲ ଅଫିସିଆଲ ନିଯୁକ୍ତ କରାଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଅଫିସିଆଲ ଦାୟିତ୍ୱ ପାଇଥିବାରୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ନିଶାନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ହକିରେ ହାରିଲା ସମ୍ବଲପୁର

**ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟର ଶନିବାର ୨ୟ ଦିବସରେ ବିଭିନ୍ନ ଇଭେଣ୍ଟରେ ଖେଳ ଅନୁଷ୍ଠିତ ହୋଇଯାଇଛି। କିଟ୍ କ୍ୟାମ୍ପସ୍-୧୩ସ୍ଥିତ ହକି ଷ୍ଟାଡିୟମରେ ଖେଳାଯାଇଥିବା ମହିଳା ବିଭାଗ ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧-୨ ଗୋଲରେ ରାଞ୍ଚି ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଛି। ରାଞ୍ଚି ପକ୍ଷରୁ ପ୍ରମିଳା ସୋରେନ (୧୭ତମ ମିନିଟ୍) ଓ ବେଟନ ଡୁଙ୍ଗ୍‌ଡୁଙ୍ଗ୍ (୨୫ତମ) ଗୋଲ ସ୍କୋର କରିଥିଲେ। ସମ୍ବଲପୁରର ଜାହ୍ନବୀ ପ୍ରଧାନ ୫୫ତମ ମିନିଟ୍‌ରେ ଗୋଟିଏ ଗୋଲ ଶୁଝିଥିଲେ।

### ଭଲିବଲ୍‌ରେ ଉତ୍କଳର ଡବଲ୍ ପରାଜୟ

କିଟ୍ କ୍ୟାମ୍ପସ୍-୧୩ସ୍ଥିତ ଇନ୍‌ଡୋର ହଲ୍‌ରେ ଅପରାହ୍ନ ୪ଟାରେ ଖେଳାଯାଇଥିବା ପୁରୁଷ ବିଭାଗ ଭଲିବଲରେ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟକୁ ନିରାଶ ହେବାକୁ ପଡ଼ିଛି। ଉତ୍କଳ ୦-୩ ସେଟ୍‌ରେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ (କେରଳ)ଠାରୁ ପରାସ୍ତ ହୋଇଛି। ଦିବସରେ ଉତ୍କଳ ଏହାର ୨ୟ ମ୍ୟାଚ୍‌ରେ ମଧ୍ୟ ୦-୩ ସେଟ୍‌ରେ ଡାଇରେକ୍ଟର ଫିଜିକାଲ ଏଜୁକେଶନ ୟୁନିଭର୍ସିଟି (କେରଳ)ଠାରୁ ମଧ୍ୟ ହାରିଯାଇଛି।

### ଫୁଟ୍‌ବଲ

କିଟ୍ କ୍ୟାମ୍ପସ-୧୩ ସ୍ଥିତ ଫୁଟ୍‌ବଲ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମହିଳା ବିଭାଗ ମ୍ୟାଚ୍‌ରେ ଆନ୍ନାମାଲାଇ ବିଶ୍ୱବିଦ୍ୟାଳୟ (ତାମିଲନାଡୁ) ୯-୦ ଗୋଲରେ ଏକପାଖିଆ ଭାବେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ (ରୋହତକ)କୁ ପରାସ୍ତ କରିଛି। ସେହିଭଳି ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ (ଅମ୍ରିତସର) ୧-୦ ଗୋଲରେ ଲକ୍ଷ୍ମୀବାଈ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନକୁ, ଗୋଆ ବିଶ୍ୱବିଦ୍ୟାଳୟ ୩-୧ ଗୋଲରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ମାତ୍ ଦେଇଛି।

### ବାସ୍କେଟବଲ

ଶନିବାର ମହିଳା ଓ ପୁରୁଷ ବିଭାଗ ବାସ୍କେଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। କିଟ୍ କ୍ୟାମ୍ପସ-୧୩ସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ୍‌ରେ ହିନ୍ଦୁସ୍ଥାନ ଆଇଟିଏସ୍ (ଚେନ୍ନାଇ) ୮୫-୬୫ରେ ଆଇଟିଏ ବିଶ୍ୱବିଦ୍ୟାଳୟ (ଗ୍ୱାଲିୟର)କୁ, ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟ (ଅମ୍ରିତସର) ୭୦-୩୫ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ, ଲକ୍ଷ୍ମୀବାଈ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ ୧୦୭-୪୮ରେ ପଞ୍ଜାବକୁ, ମାଡ୍ରାସ ବିଶ୍ୱବିଦ୍ୟାଳୟ ୭୨-୪୩ରେ ଜାମିଆ ମିଲିଆ ଇସ୍‌ଲାମିଆ (ନୂଆଦିଲ୍ଲୀ)କୁ ପରାସ୍ତ କରିଛି।

### ଟେନିସ

ପୁରୁଷ ସିଙ୍ଗଲ୍ସ ଟେନିସରେ କିଟ୍‌ର ସିଦ୍ଧାନ୍ତ ମହତା ୦-୬, ୦-୬ରେ ଜି. ମନୀଷ ଫିଜିକାଲ ଏଜୁକେଶନ ବିଶ୍ୱବିଦ୍ୟାଳୟ (ମହୀଶୂର)ଙ୍କଠାରୁ ହାରିଯାଇଛନ୍ତି। ସେହିଭଳି କିଟ୍‌ର ଆଦିତ୍ୟ ଶତପଥୀଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି।





ଉଦ୍‌ଘାଟନୀ ଉତ୍ସବରେ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

## କାର୍ଯ୍ୟସୂଚୀ

**୨୩.୨.୨୦୨୦ (ରବିବାର)**

| ସମୟ | ଇଭେଣ୍ଟ | ଭେନ୍ୟୁ |
|---|---|---|
| **ଆର୍ଚେରୀ** | | |
| ସକାଳ ୯ଟା | ପୁରୁଷ କମ୍ପାଉଣ୍ଡ | କିଟ୍ |
| ସକାଳ ୯ଟା ୪୫ | ମହିଳା କମ୍ପାଉଣ୍ଡ | କିଟ୍ |
| ଦିବା ୧ଟା ୩୦ | ପୁରୁଷ ଟିମ୍ କମ୍ପାଉଣ୍ଡ | କିଟ୍ |
| ଦିବା ୨ଟା | ମହିଳା ଟିମ୍ କମ୍ପାଉଣ୍ଡ | କିଟ୍ |
| ଅପରାହ୍ନ ୩ଟା ୧୫ | ଆର୍‌ଏକ୍ସ ଟିମ୍ | କିଟ୍ |
| ଅପରାହ୍ନ ୩ଟା ୪୦ | ସିଏକମ୍ବ ଟିମ୍ | କିଟ୍ |
| **ଭଲିବଲ୍** | | |
| ସକାଳ ୧୦ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୧୦ଟା | ମହିଳା ବିଭାଗ | କ୍ୟାମ୍ପସ୍-୧୩ |
| ଦିବା ୨ଟା | ଏଏଲ୍‌ପିୟୁ ବନାମ ଉତ୍କଳ | କ୍ୟମ୍ପସ-୧୩ |
| ଅପରାହ୍ନ ୪ଟା | ଉତ୍କଳ ବନାମ ଏମ୍‌ଜି କାଶୀ | କ୍ୟାମ୍ପସ-୧୩ |
| **ବାସ୍କେଟବଲ** | | |
| ସକାଳ ୯ଟା | ମହିଳା ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୧୧ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ଫୁଟବଲ** | | |
| ସକାଳ ୯ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ସୁଇମିଂ** | | |
| ସକାଳ ୧୦ଟା ୫ | ପୁରୁଷ ବିଭାଗ | କଳିଙ୍ଗ ଷ୍ଟାଡିୟମ |
| ସକାଳ ୧୦ଟା ୧୫ | ମହିଳା ବିଭାଗ | କଳିଙ୍ଗ ଷ୍ଟାଡିୟମ |
| **ହକି** | | |
| ସକାଳ ୭ଟା | ମହିଳା ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୮ଟା ୪୫ | ସମ୍ବଲପୁର-ମାଙ୍ଗାଲୋର | କ୍ୟାମ୍ପସ-୧୩ |
| ଅପରାହ୍ନ ୨ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ବ୍ୟାଡ୍‌ମିଣ୍ଟନ** | | |
| ସକାଳ ୧୧ଟା | ମହିଳା ବିଭାଗ | ଇନ୍‌ଡୋର, କଟକ |
| ସକାଳ ୧୧ଟା | ପୁରୁଷ ବିଭାଗ | ଇନ୍‌ଡୋର, କଟକ |
| **ଟେନିସ** | | |
| ସକାଳ ୯ଟା ୩୦ରୁ ଆରମ୍ଭ | | କ୍ୟାମ୍ପସ ୮ ଓ ୯ |
| **ଫେନସିଂ** | | |
| ସକାଳ ୯ଟା | ପୁରୁଷ ବିଭାଗ | ଇନ୍‌ଡୋର, ସହିଦ ନଗର |
| ସକାଳ ୯ଟା | ମହିଳା ବିଭାଗ | ଇନ୍‌ଡୋର, ସହିଦ ନଗର |

## ସାପ୍ତାହିକ କାର୍ଯ୍ୟକ୍ରମ

**୨୩।୨।୨୦**
**ଅନୁଗୋଳ**
○ସର୍ବଭାରତୀୟ ହେମସୁରପଡ଼ା କପ୍ ଫୁଟବଲ ଉଦ୍‌ଯାପନ
ସ୍ଥାନ– ଟାଉନ ହାଇସ୍କୁଲ ଖେଳ ପଡ଼ିଆ
ସମୟ– ଅପରାହ୍ନ ୫ ଟା
○ପ୍ରସନ୍ନ କୁମାର ପ୍ରଧାନ ସ୍ମାରକୀ ବ୍ରିଜ ପ୍ରତିଯୋଗିତା ଉଦ୍‌ଯାପନ
ସ୍ଥାନ– ଅନୁଗୋଳ ଇନ୍‌ଡୋର ଷ୍ଟାଡିୟମ
ସମୟ– ଅପରାହ୍ନ ୪ ଟା
**୨୪।୨।୨୦**
○ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ– କିଶୋରନଗର ବ୍ଳକ କାର୍ଯ୍ୟାଳୟ
ସମୟ– ପୂର୍ବାହ୍ନ ୧୦ଟା

# ୫–ଟି ପାଇଁ ଆନୁଷଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କର

**ଅନୁଗୋଳ ଅଫିସ, ୨୨।୨**

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ '୫–ଟି'ର ସମୀକ୍ଷା ବୈଠକ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ମୋ ସରକାରରେ ୫–ଟିର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଏହାପରେ ଜିଲାପାଳ କହିଥିଲେ ଯେ, ମୋ ସରକାର କାର୍ଯ୍ୟକ୍ରମରେ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାର ସେବା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ '୫–ଟି' ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଛି। ଆସନ୍ତା

**ଜିଲାସ୍ତରୀୟ ସମୀକ୍ଷା ବୈଠକ**

ମାସ ମାର୍ଚ୍ଚ ୫ ତାରିଖରେ ମୋ ସରକାର କାର୍ଯ୍ୟକ୍ରମରେ ଏହା ଅନ୍ତର୍ଭୁକ୍ତ କରାଯିବ। ତେଣୁ ବିଭାଗୀୟ ଅଧିକାରୀମାନେ ନିଜ ବିଭାଗ ପକ୍ଷରୁ ଯୋଗାଇ ଦେଉଥିବା ସେବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା ସହ ଆନୁସଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ ସେବା ଓ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଟ୍ରମାସେଣ୍ଟର ପ୍ରତିଷ୍ଠା ଓ ୩ ଶହ ଶଯ୍ୟାର ପ୍ରସ୍ତାବ ସମ୍ପର୍କରେ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିବା ଜିଲାପାଳ କହିଥିଲେ। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲା ଖଣିଜ ପାଣ୍ଠିରେ ଚାଲୁଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ବିଳମ୍ବିତ ରାତିରେ ପ୍ରସବ ପାଇଁ ଆବଶ୍ୟକ ପଡ଼ୁଥିବା ନିଶ୍ଚେତକ ବିଶେଷଜ୍ଞ ଓ ଡାକ୍ତରଙ୍କ ଉପସ୍ଥିତି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୧୧ଟି ସେତୁ ମଧ୍ୟରୁ ୪ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ୧୩ଟି ରାସ୍ତାର ୯୬ କିଲୋମିଟର ନିର୍ମାଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ସାରିବାକୁ ଜିଲାପାଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ଷ୍ଟାଡିୟମ ଗ୍ୟାଲେରୀ ଓ ଆଧୁନିକୀକରଣ କାର୍ଯ୍ୟ, ସଭାଘର ନିର୍ମାଣ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। କୃଷି ବିଭାଗ ଦ୍ୱାରା ମାସକୁ ୨ ଥର ବିଭିନ୍ନ ପଞ୍ଚାୟତକୁ ଯାଇ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଚାଷୀମାନଙ୍କ ମତାମତ ସଂଗ୍ରହ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳଯୋଗାଣ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଜିଲା ଖଣିଜ ପାଣ୍ଠିରେ ଖଣି ପ୍ରଭାବିତ ୩ଟି ବ୍ଲକରେ ଜୀବିକା ଉପରେ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଏହାକୁ ବିଭିନ୍ନ ପୁନର୍ବାସ ଓ ଥଇଥାନ କଲୋନୀରେ କାର୍ଯ୍ୟକାରୀ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରାଯାଉଥିବା ୧ ଲକ୍ଷ ୨୭ ହଜାର ହିତାଧିକାରୀଙ୍କ ଟେଲିଫୋନ ନମ୍ବର ସହ ଆବଶ୍ୟକ ତଥ୍ୟକୁ ପୋର୍ଟାଲରେ ଭରିବା ଓ ସମସ୍ତ ହିତାଧିକାରୀଙ୍କୁ ପରିଚୟପତ୍ର ପ୍ରଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବସ୍ତିବାସିନ୍ଦାମାନଙ୍କୁ ଆସନ୍ତା ମାସ ୫ ତାରିଖରେ ଜମି ହକଦାର ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି ବୈଠକରେ ପ୍ରାଣୀ ସମ୍ପଦ ବିଭାଗ, ଜିଲା ଯୋଗାଣ ବିଭାଗ, ଉଦ୍ୟାନ ବିଭାଗ ଓ ୩ଟି ପୌରାଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଦ୍ୟୁତ ବିଭାଗ ଦ୍ୱାରା ଭୂମିଠାରୁ ଅନ୍ୟୂନ ୨୦ ଫୁଟ ଉଚ୍ଚରେ ତାର ଟାଣିବା, ଜନଗହଳି ସ୍ଥାନରେ ଅସୁରକ୍ଷିତ ଟ୍ରାନ୍ସଫର୍ମର ଓ ଖୁଣ୍ଟ ପୋତିବା ସମ୍ପର୍କରେ ସେସୁ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ସହ ଜନସାଧାରଣଙ୍କ ମଧ୍ୟରେ ଏନେଇ ବ୍ୟାପକ ଜନସଚେତନତା ଉପରେ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ସୁବ୍ରତ ବେହେରାଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।


ବୈଠକରେ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ଋଣ**
**ପିତା ତୁଉଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଅନୁଗୋଳରୁ ୫ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

ଅନୁଗୋଳ ଅଫିସ, ୨୨।୨- ଅନୁଗୋଳ ଜିଲାରେ ୫ ଜଣଙ୍କ ନାମ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ କରାଯାଇଛି। ଏନେଇ ବିଜେଡି ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକର ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ପାଲଲହଡ଼ାର ସୁଦର୍ଶନ ବେହେରା, ଅନୁଗୋଳର ଶକ୍ତିପ୍ରସାଦ ପଟ୍ଟନାୟକ ଓ ଗିରିଜା ନନ୍ଦିନୀ ସାହୁଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ କରାଯାଇଛି। ଶୁକ୍ରବାର ଜିଲା ସଭାପତି ପଦ ଘୋଷଣା କରାଯାଇଥିବାବେଳେ କାଲେ ଅନ୍ୟମାନଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ କରାଯାଇ ଥଇଥାନ କରାଯାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ଆଜି ଭାରତ ବନ୍ଦ ଡାକରା

ଅନୁଗୋଳ ଅଫିସ, ୨୨।୨- ଅନୁଗୋଳ ଜିଲାରେ ଥିବା ଭାରତ ଏକତା ମିଶନ (ଭୀମ୍ ଆର୍ମି) ପକ୍ଷରୁ ରବିବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଅନୁଗୋଳ ଜିଲା ଭୀମ୍ ଆର୍ମିର ଆବାହକ ପ୍ରଦ୍ୟୁମ୍ନ କୁମାର ନାୟକ ସୂଚନା ଦେଇଛନ୍ତି। ପଦୋନ୍ନତିରେ ସଂରକ୍ଷଣ ଥିବା କୋଟାକୁ ସର୍ବୋଚ୍ଚ ନ୍ୟାୟାଳୟ ଉଚ୍ଛେଦ କରିବାକୁ ଭାରତ ବନ୍ଦର ମୁଖ୍ୟ କାରଣ ଭାବେ ଦର୍ଶାଯାଇଛି। ଏହାକୁ ବିରୋଧ କରିବା ସହ ସିଏଏ, ଏନ୍‌ଆର୍‌ପି ଓ ଏନ୍‌ଆର୍‌ସିକୁ ମଧ୍ୟ ବିରୋଧ କରି ଭାରତ ବନ୍ଦ ଆନ୍ଦୋଳନ କରାଯିବ। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେ ସୂଚନା ଦେଇଛନ୍ତି।

## ମାଡ଼ ମାରି ଲକ୍ଷାଧିକ ଟଙ୍କା ଲୁଟ୍

ଅନୁଗୋଳ ଅଫିସ, ୨୨।୨- ଅନୁଗୋଳ ଥାନା ଖଣ୍ଡହତାରୁ ସୁରାବ ଯିବା ରାସ୍ତାରେ ଶନିବାର ଅପରାହ୍ନରେ ଲୁଟ୍‌ପାଟ ହୋଇଛି। ଏକ କାର୍‌ର ଡ୍ରାଇଭର ସେହି ଗାଡ଼ିରେ ବସିଥିବା ଜଣେ ସୁପରଭାଇଜରଙ୍କୁ ମାଡ଼ ମାରି ୧ ଲକ୍ଷ ୨୦ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିବା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଅନୁଗୋଳ ପୋଲିସ କହିଛି। ସୂଚନା ମୁତାବକ, ଗିରାଙ୍ଗ ଗ୍ରାମରେ ରହୁଥିବା କୁଳମଣି ପଣ୍ଡା ବ୍ୟବସାୟ କରନ୍ତି। ତାଙ୍କ ମ୍ୟାନେଜର ପ୍ରତାପ ସେଠୀ ଓ କାମଚଳା ଡ୍ରାଇଭର ସାଗର ନାଏକ କାର୍ (ଓଡ଼ି-୧୯-ଜି-୭୭୧୯) ନେଇ ଫୁଲବାଣୀ ଯାଇଥିଲେ। ଫୁଲବାଣୀରୁ ଦୁହେଁ ଅନୁଗୋଳ ଅଭିମୁଖେ ଆସିଥିଲେ। ତେବେ ଡ୍ରାଇଭର ସାଗର ମ୍ୟାନେଜର ପ୍ରତାପଙ୍କୁ ମାଡ଼ ମାରି ୧ ଲକ୍ଷ ୨୦ ହଜାର ଟଙ୍କା ଓ ମୋବାଇଲ ନେଇଯିବା ସହ କାର୍ ଭଙ୍ଗାରୁଜା କରିଥିବା ଗାଡ଼ି ମାଲିକ କୁଳମଣି ପଣ୍ଡା ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ

## ୯ ଘଣ୍ଟା ପଡ଼ିରହିଲା....

ପ୍ରକାଶ ଯେ, ଅନୁଗୋଳ ସହର ଉପକଣ୍ଠ ଚନ୍ଦ୍ରବାହଳ ସେବାଶ୍ରମରେ ରହୁଥିବା ଆଠମଲ୍ଲିକ ଥାନା ଲୁହାସିଂହା ପଞ୍ଚାୟତ କେନ୍ଦୁପାଟି ଅଞ୍ଚଳର ବାବା ଭାଗବତ ନାଏକ(୭୦)ଙ୍କୁ ଗତ ୧୯ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ଭୋର ୩ଟା ବେଳେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମେଡିକାଲରେ ଥିବା କେତେଜଣ ଲୋକ ମୃତଦେହ ଆଠମଲ୍ଲିକ ପଠାଇବାକୁ ମହାପ୍ରୟାଣ ଗାଡ଼ି ସହ ଯୋଗାଯୋଗ କରିଥିଲେ। କିନ୍ତୁ ଏଥିପାଇଁ କିଲୋମିଟର ପିଛା ୮ ଟଙ୍କା ଦେବାକୁ ପ୍ରଶାସନର ନିର୍ଦ୍ଦେଶ ଥିବା ମେଡିକାଲ କର୍ତ୍ତୃପକ୍ଷ କହିବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଆଉ ଆଗକୁ ବଢ଼ିପାରି ନ ଥିଲେ। ଏପରି କି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବାବା ଭାଗବତଙ୍କ ସ୍ତ୍ରୀ ଅମ୍ବିକା ନାଏକ ମେଡିକାଲରେ ପହଞ୍ଚି ଥିଲେ ବି ଟଙ୍କା ନ ଥିବାରୁ ମୃତଦେହ ନେଇପାରି ନ ଥିଲେ। ଫଳରେ ମୃତଦେହ ଦୀର୍ଘ ୯ ଘଣ୍ଟା କାଳ ମେଡିକାଲ ବେଡ୍‌ରେ ପଡ଼ିରହିଥିଲା। ଶେଷରେ କେତେଜଣ ବ୍ୟକ୍ତି ଏମ୍‌ପି ସାହୁଙ୍କୁ ଏ ନେଇ ଅବଗତ କରିବାରୁ ଏମ୍‌ପି ତୁରନ୍ତ ୨ ହଜାର ଟଙ୍କା ଦେଇ ମୃତଦେହ ଆଠମଲ୍ଲିକ ପଠାଇଥିଲେ। ଏ ସମ୍ପର୍କରେ ଏମ୍‌ପି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରି ନ ଥିଲା। ପରେ ସିଡିଏମ୍‌ଓ ଏମ୍‌ପିଙ୍କୁ ଯୋଗାଯୋଗ କରି ମହାପ୍ରୟାଣ ଗାଡ଼ି ବାବଦରେ ପ୍ରଶାସନର ନିର୍ଦ୍ଦେଶ ସମ୍ପର୍କରେ ସୂଚନା ଦେବା ସହ ମେଡିକାଲ କର୍ତ୍ତୃପକ୍ଷ ଅଧିକ କିଛି କରିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ତେବେ ଏହି ଘଟଣାରେ ଜିଲା ପ୍ରଶାସନ ସହ ଏମ୍‌ପି ସାହୁ ଆଲୋଚନା କରିବେ ବୋଲି କହିଛନ୍ତି। ଏ ନେଇ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

## ଉତ୍ତମ ଚରିତ୍ର ଗଠନ କରିବାକୁ ପରାମର୍ଶ



ବାର୍ଷିକ ଉତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଛେଣ୍ଡିପଦା, ୨୨।୨(ସ୍ୱ.ପ୍ର.)**

**ପଞ୍ଚାୟତସ୍ତରୀୟ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ୍ ନତଡା ପଞ୍ଚାୟତସ୍ତରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅମ୍ବପାଳ ନତଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅନୁଗୋଳ ଛେଣ୍ଡିପଦାର ଅଧ୍ୟକ୍ଷ ଡ. ସୁବାସ ଦାସ, ମୁଖ୍ୟବକ୍ତା ଭାବେ ଆମ୍ବପାଳ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ହଳଧର ସାହୁ, ସମ୍ମାନିତ ଅତିଥି ଭାବେ ଅରକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇ ଉତ୍ତମ ଚରିତ୍ର ଗଠନ ଉପରେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ମୁଖ୍ୟଅତିଥି ଛାତ୍ରଛାତ୍ରୀମାନେ କିପରି କର୍ମଠ ହେବାକୁ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସରପଞ୍ଚ ମମତା ସେଠୀ ସଭାରେ ସଭାପତିତ୍ୱ କରିଥିଲେ। ନତଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରତ୍ୟେକ ବିଦ୍ୟାଳୟରେ ପୂର୍ବ ଆୟୋଜିତ ଖେଳର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କଳାପାଟ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରମଣ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକମାନେ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

**ତାଳଚେର,୨୨।୨(ନି.ପ୍ର.)**

ତାଳଚେର ବାଙ୍କଧରା ଛକଠାରେ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ନିରଞ୍ଜନ ବିଶ୍ୱାଳ ଓ ଘର କଙ୍କିଳି ଗ୍ରାମରେ। ନିରଞ୍ଜନ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ବାଙ୍କଧରା ଛକଠାରେ ଏକ କୋଇଲା ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମଣ୍ଡାପାଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଳଚେର ପୋଲିସ ଏ ସଂକ୍ରାନ୍ତରେ ନଂ. ୬୯/୨୦ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଶହ ଶହ କୋଇଲା ବୋଝେଇ ଟ୍ରକ୍ ଯାତାୟାତ କରିବା ଫଳରେ ବାଙ୍କଧରା ଛକ ଏବେ ଦୁର୍ଘଟଣାପ୍ରବଣ ସ୍ଥାନ ପାଲଟିଗଲାଣି।

## ଇଂଲିଶରେ କପି ଶୂନ

**ଅନୁଗୋଳ ଅଫିସ, ୨୨।୨**

**ତ୍ରିସ୍ତରୀୟ ସ୍କ୍ୱାଡ୍ ସହ ଜିଲାପାଳ ବୁଲିଲେ ବିଭିନ୍ନ ପରୀକ୍ଷା କେନ୍ଦ୍ର**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ଚାଲିଥିବା ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନରେ ଇଂଲିଶ ପରୀକ୍ଷା ଅନୁଗୋଳରେ ଜିଲାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଦ୍ୱିତୀୟ ଦିନରେ କୌଣସି ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ନ ଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ତ୍ରିସ୍ତରୀୟ ସ୍କ୍ୱାଡ୍ ବୁଲି ପରୀକ୍ଷା କିପରି ଆୟୋଜନ କରାଯାଇଛି ତାହାର ସମୀକ୍ଷା କରିଛନ୍ତି। ସେହିପରି ଜିଲାପାଳ ମନୋଜ କୁମାର ମହାନ୍ତି ମଧ୍ୟ ୩ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଜିଲାରେ ଚାଲିଥିବା ମାଟ୍ରିକ୍ ପରୀକ୍ଷାର ଦ୍ୱିତୀୟ ଦିନରେ ଇଂଲିଶ ପରୀକ୍ଷା ଥିବାବେଳେ ଗଠନ ହୋଇଥିବା ତ୍ରିସ୍ତରୀୟ ସ୍କ୍ୱାଡ୍ ଚଳଚଞ୍ଚଳ ହୋଇଯାଇଥିଲେ। ଏହି ସ୍କ୍ୱାଡ୍ ଜିଲାର ୨୦ଟି ପରୀକ୍ଷା କେନ୍ଦ୍ର ବୁଲିଥିଲେ ମଧ୍ୟ କୌଣସି କେନ୍ଦ୍ରରେ ଅସାଧୁ ଉପାୟ ଅବଲମ୍ବନ କରିଥିବା ପରୀକ୍ଷାର୍ଥୀଙ୍କୁ ପାଇ ନ ଥିଲେ। ନିଜେ ଜିଲାପାଳ କୁମୁରିସିଂହା, ବନ୍ତଳା, ପୋକତୁଙ୍ଗା ପରୀକ୍ଷା କେନ୍ଦ୍ର ବୁଲି ଅନୁଧ୍ୟାନ କରିଥିଲେ। ସେହିପରି କେନ୍ଦ୍ରୀୟ ସ୍କ୍ୱାଡ୍ ୭ଟି ପରୀକ୍ଷା କେନ୍ଦ୍ର, ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଗଢ଼ାଯାଇଥିବା ଫ୍ଲାଇଂ ସ୍କ୍ୱାଡ୍ କଣିହାଁ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ର ଓ ଅନୁଗୋଳ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ର ବୁଲିଥିବା ଶିକ୍ଷା ଅଧିକାରୀ କଳ୍ପନା କୁମାରୀ ବେହେରା ପ୍ରକାଶ କରିଛନ୍ତି। ତେବେ ପରୀକ୍ଷାରେ କେତେଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି, ତାହାର ତଥ୍ୟ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନାହିଁ।

## 'ଐତିହ୍ୟ, ସଂସ୍କୃତି ରକ୍ଷା ପାଇଁ ମାତୃଭାଷା ମାଧ୍ୟମ'

**ଅନୁଗୋଳ ଅଫିସ, ୨୨।୨**

ଅନୁଗୋଳ ମହିଳା ମହାବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସଙ୍ଗୀତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ସଂଯୋଜିକା ଅଧ୍ୟାପିକା ନନ୍ଦିନୀ ନନ୍ଦ ପରିଚାଳନା କରିଥିଲେ। ଐତିହ୍ୟ, ସଂସ୍କୃତି ଓ ପରମ୍ପରା ରକ୍ଷା ପାଇଁ ମାତୃଭାଷା ହେଉଛି ବଳିଷ୍ଠ ମାଧ୍ୟମ। ତେଣୁ ମାତୃଭୂମି ଓ ମାତୃଭାଷାକୁ ପ୍ରତ୍ୟେକ ବ୍ୟକ୍ତି ସମ୍ମାନ ଦେବା ସହ ଏହାର ସୁରକ୍ଷା ପାଇଁ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ଅଧ୍ୟକ୍ଷା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବରିଷ୍ଠ ପ୍ରାଧ୍ୟାପିକା ନୀରଜା ସାହୁ, ଡ. ପ୍ରମୋଦା କୁମାରୀ ପ୍ରଧାନ, ସୁଧା ମହାନ୍ତି, ରଞ୍ଜିତା ସିଂସାମନ୍ତ, ଅମିତା ଦେହୁରି, ଗୀତା ସାହୁ, ଲକ୍ଷ୍ମୀ ଭଞ୍ଜ ଓ ଅଧ୍ୟାପକ ଅଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜର ମତବ୍ୟକ୍ତ କରିଥିଲେ। ଶେଷରେ ଜାତୀୟ ସେବା ଯୋଜନାର ଅନ୍ୟତମ ସଂଯୋଜିକା ଅଧ୍ୟାପିକା ରଞ୍ଜିତା ସିଂସାମନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଭଲିବଲ ଟୁର୍ନାମେଣ୍ଟ: ଗୋବରା ଚାମ୍ପିୟନ

**ଛେଣ୍ଡିପଦା,୨୨।୨(ସ୍ୱ.ପ୍ର)**

ଛେଣ୍ଡିପଦା ତହସିଲ ପଛ ପାଖ ପଡିଆରେ ଛେଣ୍ଡିପଦା ଭଲିବଲ ହୋମ ପକ୍ଷରୁ ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲୀପ ବେହେରା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କୁଣ୍ଢେଇଗୋଳା ଦଳ ଓ ଗୋବରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋବରା ଦଳ କୁଣ୍ଢେଇଗୋଳା ଦଳକୁ ୩–୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ତ୍ତ ବିଭାଗର ପୂର୍ବତନ ସଚିବ ନଳିନୀକାନ୍ତ ପ୍ରଧାନ, ଅବସରପ୍ରାପ୍ତ ହୋମିଓପାଥିକ ପ୍ରଫେସର ଡାକ୍ତର ବିପିନ ବେହେରା ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଗୋବରା ଦଳର ଦିବ୍ୟରଞ୍ଜନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ପଞ୍ଚୁନାଥ ବେହେରା, ତାପସ ପ୍ରଧାନ, ତପନ ପ୍ରଧାନ ଓ ସୟ ପ୍ରଧାନ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବୁଲି ଆଚାର୍ଯ୍ୟ, ସୁଦୀପ୍ତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଦୀପକ ପ୍ରଧାନ, ସିକନ ପ୍ରଧାନ, କାଳିଆ ବେହେରା, ସୋମନାଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଭଲିବଲ ଟୁର୍ନାମେଣ୍ଟ ଚାଲିଛି।

## ବିପଜ୍ଜନକ ଅବସ୍ଥାରେ ଛାତ୍ରୀଛାତ୍ର ପରିବହନ


**ପାଲଲହଡ଼ା, ୨୨।୨(ଡି.ଏନ.ଏ.)**

ବାରମ୍ବାର ଦୁର୍ଘଟଣା ସତ୍ତ୍ୱେ ବିପଦଜନକ ଅବସ୍ଥାରେ ଚାଲିଛି ସ୍କୁଲ ପିଲା ପରିବହନ। ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ମଧ୍ୟ ଏପରି ଦେଖିବାକୁ ମିଳିଛି। ବିଭିନ୍ନ ଘରୋଇ ବିଦ୍ୟାଳୟକୁ ଅଟୋ ଏବଂ ଅନ୍ୟାନ୍ୟ ଗାଡ଼ିଗୁଡିକରେ କ୍ଷମତା ଠାରୁ ଅଧିକ ସଂଖ୍ୟାରେ ପିଲାମାନଙ୍କୁ ପରିବହନ କରି ଅଣାଯାଉଛି। ସମ୍ପୃକ୍ତ ବିଦ୍ୟାଳୟଗୁଡିକର ନିଜର କୌଣସି ପରିବହନ ବ୍ୟବସ୍ଥା ନ ଥିବାରୁ ବାଧ୍ୟ ହୋଇ ଛାତ୍ରୀଛାତ୍ରମାନେ ଏପରି ସ୍କୁଲ ଯାଉଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ଏଥିଯୋଗୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଅଭିଭାବକଙ୍କ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ, ପ୍ରଶାସନ କିମ୍ବା ପରିବହନ ବିଭାଗ ଚେତୁ ନାହିଁ। ଏପରିକି ଗୋଟିଏ ଅଟୋରେ ୮ରୁ ୯ ଜଣ ଛାତ୍ରୀଛାତ୍ର ବସି ସ୍କୁଲ ଯାଉଥିବାରୁ ଯେ କୌଣସି ସମୟରେ ଦୁର୍ଘଟଣାର ଆଶଙ୍କା ରହିଛି। ଏ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ତାଳଚେର ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରେ ସେ ଏକ ବୈଠକରେ ବ୍ୟସ୍ତ ଅଛନ୍ତି, ମତାମତ ଦେଇପାରିବେ ନାହିଁ ବୋଲି କହିଥିଲେ। ପାଲଲହଡା ଥାନା ଅଧିକାରୀ କିଶୋର କୁମାର ସାମଲ କହିଛନ୍ତି, ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ବିପଦଜନକ ଅବସ୍ଥାରେ ଛାତ୍ରୀଛାତ୍ରଙ୍କୁ ପରିବହନ କରାଯାଉଥିଲେ ସମ୍ପୃକ୍ତ ଗାଡି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।


ଏକ ଅଟୋରେ କ୍ଷମତାଠାରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପରିବହନ କରାଯାଉଛି।

# ପରୀକ୍ଷା

**ବର୍ତ୍ତମାନ ଚାଲିଛି ପରୀକ୍ଷା ସିଜନ୍ । ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ଅନ୍ୟାନ୍ୟ ପରୀକ୍ଷା ପାଖେଇ ଆସୁଛି। ପ୍ରାୟ ସମସ୍ତ ଛାତ୍ରୀଛାତ୍ରଙ୍କ ମନରେ ଏହାକୁ ନେଇ ବଢ଼ିଯାଇଛି ଟେନ୍‌ସନ୍ । ହେଲେ ନିଜକୁ ଚାପମୁକ୍ତ ରଖିବା ସହ କେତେକ କଥା ପ୍ରତି ସଜାଗ ରହିଲେ ପରୀକ୍ଷାରେ ଆଶାନୁରୂପ ଫଳ ମିଳିବା ହୋଇଥାଏ ସହଜ...**



ପରୀକ୍ଷା ପାଖେଇ ଆସିଲେ କିମ୍ବା ପରୀକ୍ଷା ଚାଲିଥିବା ବେଳେ ପଢ଼ିବା ଆଳରେ ଖାଇବା, ଶୋଇବା ଆଦିରେ ଅବହେଳା କରି ସ୍ୱାସ୍ଥ୍ୟ ସମସ୍ୟା ଭୋଗିବା ହେଉ କିମ୍ବା ପରୀକ୍ଷାକୁ ନେଇ ମାନସିକ ଚାପଗ୍ରସ୍ତ ହୋଇପଡ଼ିବା ଭଳି ସମସ୍ୟା ଅନେକଙ୍କ ଠାରେ ଦେଖିବାକୁ ମିଳେ। ତେଣୁ ଏ ସମୟରେ କିଭଳି ନିଜକୁ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖି ପରୀକ୍ଷା ଦେବେ ଜାଣି ରଖନ୍ତୁ...

▶ ପଢ଼ିବା ଲାଗି ସର୍ବଦା ଏକ ନିରୋଳା ସ୍ଥାନ ବାଛନ୍ତୁ। ଯେଉଁ ବିଷୟ ଅଧିକ ସହଜ ଅବା ପ୍ରିୟ ତାକୁ ଅଧିକ ଗୁରୁତ୍ୱ ଦେବା ପରିବର୍ତ୍ତେ ସମସ୍ତ ବିଷୟକୁ ସମାନ ଗୁରୁତ୍ୱ ଦିଅନ୍ତୁ। ଅଧିକ କଷ୍ଟ ବିଷୟ ପାଇଁ ପାହାନ୍ତା ସମୟ ବା ବ୍ରାହ୍ମ ମୁହୂର୍ତ୍ତ ସବୁଠୁ ଭଲ। କାରଣ ଏହି ସମୟରେ ମସ୍ତିଷ୍କ ସବୁଠାରୁ ଅଧିକ ସକ୍ରିୟ ରହିଥିବାରୁ ପାଠ ସହଜରେ ମନେ ରହିଥାଏ।

▶ ଯଦି ପରୀକ୍ଷା ଚାଲିଛି ତେବେ ସେଥିରେ କ'ଣ ଭୁଲ ହେଲା, କେତେ ମାର୍କ ଆସିବ ଆଦି ବିଷୟରେ ଚିନ୍ତା ପରି ମାନସିକ ଚାପ ନ ନେଇ ପରବର୍ତ୍ତୀ ପରୀକ୍ଷା ଲାଗି ପ୍ରସ୍ତୁତ ହୁଅନ୍ତୁ। ନଚେତ୍ ଏହାର ନକରାତ୍ମକ ପ୍ରଭାବ ପରବର୍ତ୍ତୀ ପରୀକ୍ଷା ଉପରେ ପଡ଼ିବ ଏବଂ ଅଶାନୁରୂପ ନମ୍ବର ମଧ୍ୟ ମିଳିବାରେ କଷ୍ଟ ହେବ।





▶ ପରୀକ୍ଷା ଚାଲିଥିବା ବେଳେ କିମ୍ବା ପାଖେଇ ଆସିଲେ ଅନେକେ ରାତି ଅନିଦ୍ରା ହୋଇ ପାଠ ପଢ଼ନ୍ତି। ହେଲେ ଏପରି କରିବା ଦ୍ୱାରା ମସ୍ତିଷ୍କକୁ ଆଦୌ ବିଶ୍ରାମ ନ ମିଳିବା କାରଣରୁ ପାଠ ମନେ ରହିବା ବଦଳରେ ଭୁଲି ହୋଇଯାଏ। ବେଳେବେଳେ ରାତି ଅନିଦ୍ରା ହୋଇ ପଢ଼ି ସକାଳୁ ପରୀକ୍ଷା ଦେବା ସମୟରେ ଅନେକଙ୍କୁ ନିଦ ଆସେ ଏବଂ ଠିକ୍ ଭାବେ ଉତ୍ତର ଲେଖିବାରେ ଅସୁବିଧା ହେବାର ନିଜର ରହିଛି। କେବଳ ଏତିକି ନୁହେଁ ରାତି ଅନିଦ୍ରା ଯୋଗୁ କେତେକଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ପରୀକ୍ଷାରେ ଭଲ ନମ୍ବର ରଖିବା ତ ଦୂରର କଥା ପରୀକ୍ଷା ଦେବା ବି କଷ୍ଟକର ହୋଇପଡ଼େ। ତେଣୁ ପରୀକ୍ଷାରେ ଭଲ କରିବାକୁ ହେଲେ ପଢ଼ିବା ସହିତ ଆବଶ୍ୟକ ନିଦ୍ରା ବି ଜରୁରୀ। ଏହା ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବ ଏବଂ ପରୀକ୍ଷା ଭଲ କରିବାରେ ସାହାଯ୍ୟ କରିବ।

▶ ଠିକ୍ ସେହିପରି ଏ ସମୟରେ ପଢ଼ା ନିଶାରେ ଅନେକେ ଖାଦ୍ୟପେୟ ପ୍ରତି ମଧ ଅବହେଳା କରିବସନ୍ତି ଏବଂ ଗ୍ୟାସ୍, ଏସିଡିଟି, ବାନ୍ତି, ଝାଡ଼ା ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଯାହାକି ପରୀକ୍ଷା ଲାଗି ସବୁଠୁ ଅଧିକ ବାଧା ଉପୁଜାଇଥାଏ। ତେଣୁ ପରୀକ୍ଷା ସମୟରେ ପ୍ରଚୁର ପରିମାଣରେ ପାଣି ପିଇବା ସହ ଯଥା ସମ୍ଭବ ତେଲ ମସଲା, ଫାଷ୍ଟଫୁଡ୍ ଭଳି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ ଏବଂ ସୁଷମ ଖାଦ୍ୟ ଖାଆନ୍ତୁ।

▶ ପରୀକ୍ଷା ବେଳେ ପାଠ ଘୋଷିବାର ବଦଭ୍ୟାସ ଅନେକଙ୍କର ରହିଛି। ତେଣୁ ଏପରି ନ କରି ପାଠକୁ ବୁଝନ୍ତୁ। ବିଶେଷ କରି ପରୀକ୍ଷା ଚାଲିଥିଲେ ଆଗାମୀ ପେପର ଲାଗି କୌଣସି ନିର୍ଦ୍ଦିଷ୍ଟ ପ୍ରଶ୍ନୋତ୍ତରକୁ ଘୋଷିବା ବଦଳରେ ବହିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଥରେ ଭଲ ଭାବେ ପଢ଼ି ନେବା ବୁଦ୍ଧିମତ୍ତାର କାମ। କାରଣ ବର୍ତ୍ତମାନର ପରୀକ୍ଷା ପଦ୍ଧତି ଯାହା, ପ୍ରତି ପୁସ୍ତକର ପ୍ରଥମ ପୃଷ୍ଠାରୁ ଶେଷ ପୃଷ୍ଠା ପର୍ଯ୍ୟନ୍ତ ପାଠକୁ ଠିକ୍‌ରେ ବୁଝିବା ଆବଶ୍ୟକ। ଯେହେତୁ ପଶ୍ନ ଅନେକ, ପ୍ରତି ପୃଷ୍ଠା କିମ୍ବା ପ୍ରସଙ୍ଗରୁ ପ୍ରଶ୍ନ ନିହାତି ଆସିପାରେ। ସେହିପରି ଯେଉଁମାନଙ୍କର ପରୀକ୍ଷା ପାଖେଇ ଆସୁଛି ସେମାନେ ଏ ସମୟରେ ଆଉ ବଡ଼ ବଡ଼ ପ୍ରଶ୍ନୋତ୍ତର ପଢ଼ିବା କିମ୍ବା ଘୋଷିବାରେ ସମୟ ନଷ୍ଟ ନ କରି କୋର୍ସ ରିଭିଜନ ଅର୍ଥାତ୍ ଶର୍ଟଟର୍ମ ଷ୍ଟଡି ବା ଇଣ୍ଟେନ୍ସିଭ୍ ଷ୍ଟଡି ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ।

▶ ପରୀକ୍ଷା ବେଳେ ମସ୍ତିଷ୍କ ଉପରେ ପଢ଼ାର ଚାପ ଥିବାରୁ ବେଳେବେଳେ ଏହା ଭ୍ରମିତ ହୋଇଯାଏ। ତେଣୁ ପଢ଼ା ମଝିରେ କିଛି ସମୟ ମସ୍ତିଷ୍କକୁ ଆରାମ ଦିଅନ୍ତୁ। ତା'ଛଡ଼ା କିଛି ସମୟ କପାଳଭାତି, ଅନୁଲୋମ ବିଲୋମ, ବଜ୍ରାସନ, ଭ୍ରାମରି ଭଳି ଆସନ କଲେ ମଧ ପଞ୍ଚ ଇନ୍ଦ୍ରିୟ ସକ୍ରିୟ ରଖିବା ସହ ମାନସିକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିବ। ଯାହାର ସକାରାତ୍ମକ ପ୍ରଭାବ ପରୀକ୍ଷା ଉପରେ ପଡ଼ିବ।

---

## ଏ ସପ୍ତାହର ପ୍ରଶ୍ନ

୧ – ମୋନାଲିସାର ଚିତ୍ର ପ୍ରଥମ ଥର....... ମସିହାରେ ଲୌର୍ଭ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ ହୋଇଥିଲା ?
୨– ଆର୍‌ଗନ୍ ଗ୍ୟାସ୍.......... ଆବିଷ୍କାର କରିଥିଲେ ?
୩– ମସ୍କିଟୋ ରିପେଲିଂ ଫୋନ୍ ଲଞ୍ଚ କରିଥିବା କମ୍ପାନୀ....... ?
୪– ବିଶ୍ୱ ହୋମିଓପାଥି ଦିବସ........... ତାରିଖରେ ପାଳନ କରାଯାଇଥାଏ ?
୫– ଦି ଜଏଣ୍ଟ ମିଲିଟାରି ଏକ୍ସରସାଇଜ୍ 'ର୍‍ୟାପିଡ୍ ଟ୍ରାଇଡେଣ୍ଟ ୨୦୧୮' ପ୍ରଥମେ........ ଦେଶରେ ଆରମ୍ଭ କରାଗଲା ?

## ଗତ ଥରର ଉତ୍ତର

୧ ହ୍ୱାଇଟ୍ ହାଉସ୍, ଆମେରିକା
୨ କେ. ରାମକ୍ରିଷ୍ଣ ରାଓ
୩ କଲିକତା
୪ ଘାନା
୫ ଓ୍ୱି ସର୍ଭ ଆଣ୍ଡ ପ୍ରୋଟେକ୍ଟ ବା ସେବା ଓ ସୁରକ୍ଷା

## ଉତ୍ତର ଦାତା


ପ୍ରଶାନ୍ତ କର, ପୁରୀ


ରବୀନ୍ଦ୍ର ନାଥ, ଜାମସେଦପୁର


ଅଭିନାଶ ମହାନ୍ତି, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

---

ଯୁ ଥ୍ ଆ ଲ ର୍ଟ

# ଯୁବାବସ୍ଥାରେ ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍



ବର୍ତ୍ତମାନ ଅଧିକ ସମୟ କମ୍ପ୍ୟୁଟର, ମୋବାଇଲ୍ ଆଦିର ବ୍ୟବହାର ଏବଂ ଅନ୍ୟାନ୍ୟ କାରଣରୁ ଯୁବାବସ୍ଥାରୁ ଅନେକଙ୍କଠାରେ ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍ ସମସ୍ୟା ଦେଖିବାକୁ ମିଳୁଛି। ଏହା ଏମିତି ଏକ ରୋଗ, ଯାହାକୁ ଯଥା ସମୟରେ ଚିକିତ୍ସା ନ କରାଇଲେ ମଣିଷକୁ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ କରିଦେଇପାରେ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ସ୍ପଣ୍ଡିଲୋସିସ୍‌ର ସାଦୃଶ୍ୟ ଅନେକ ପ୍ରକାର ସନ୍ଧିଗତ ରୋଗର ବର୍ଣ୍ଣନା କରାଯାଇଛି। ଏହା ଏକ କ୍ରମବର୍ଦ୍ଧିଷ୍ଣୁ ଶୋଫ ସୃଷ୍ଟିକାରୀ ରୋଗ, ଯାହାକି ସାଧାରଣତଃ ମେରୁଦଣ୍ଡର ସନ୍ଧି ଓ ନିକଟସ୍ଥ ମାଂସ ତନ୍ତୁଗୁଡ଼ିକୁ ବିକୃତ କରିଥାଏ। ଏହା ସହିତ କୀଟସନ୍ଧି, ଜାନୁସନ୍ଧି ବା ସ୍କନ୍ଧ ସନ୍ଧିଗୁଡ଼ିକୁ ଅଧିକ ପ୍ରଭାବିତ କରାଇଥାଏ। ହସ୍ତ ଓ ପାଦର ଅନ୍ୟାନ୍ୟ ସନ୍ଧିଗୁଡ଼ିକ କଦବା କ୍ୱଚିତ୍ ପ୍ରଭାବିତ ହୁଏ। ଏଥିରେ କ୍ରମଶଃ ମେରୁଦଣ୍ଡ, ବେକ, ଅଣ୍ଟା ତଥା କାନ୍ଧ ଦୁଇଟି ପ୍ରଭାବିତ ହୋଇଥାଏ। ଫଳରେ ସକାଳୁ ଉଠିଲେ ଅଣକଟା ଓ ବେକ ଦରଜ ହୋଇଥାଏ, ପ୍ରାଥମିକ ଅବସ୍ଥାରୁ ଏହାର ଉପଯୁକ୍ତ ଚିକିତ୍ସା ନ କଲେ ବେଳେବେଳେ ଏହା ମେରୁଦଣ୍ଡ ନମନୀୟତା ହ୍ରାସ କରି ଅଚଳ କରିଦିଏ।

ଏହି ରୋଗରେ ମହିଳାମାନଙ୍କ ଅପେକ୍ଷା ଦଶଗୁଣ ଅଧିକ ପୁରୁଷ ପୀଡ଼ିତ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ୧୫ରୁ ୪୦ ବର୍ଷ ବୟସ ମଧ୍ୟରେ ବିଶେଷତଃ ଜୀବନର ତୃତୀୟ ଅବସ୍ଥାରେ ଏହି ରୋଗ ଅଧିକ ଦେଖାଯାଏ।

ଏହି ରୋଗର ସଠିକ କାରଣ ଏ ପର୍ଯ୍ୟନ୍ତ ଆଧୁନିକ ଚିକିତ୍ସାବିଦ୍‌ମାନଙ୍କୁ ଅଜଣା ରହିଛି। ପ୍ରାୟତଃ ବଂଶଗତଜନିତ ଏଚ୍.ଏଲ୍.ବି.–୨୭ ନାମକ ଜିନ୍ ଏହି ରୋଗୀମାନଙ୍କଠାରେ ଦେଖାଯାଇଥାଏ। ଜିନ୍‌ଗତ କାରଣ ବା Genetic Factor, ପାରିପାର୍ଶ୍ୱିକ କାରଣ ବା Environmental Factors ତଥା Infection ବା ସଂକ୍ରମଣ ଏହି ରୋଗ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାର ଅନୁମାନ କରାଯାଏ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଅନୁସାରେ ଖାଦ୍ୟ ଠିକ୍ ଭାବେ ପରିପାକ ନ ହୋଇ ଆମ ସୃଷ୍ଟି, ଥଣ୍ଡା ସର୍ଦ୍ଦି, କଫକର ଆହାର ସେବନ ପରେ ତୁରନ୍ତ ବ୍ୟାୟାମ, କଫକର, ଗୁରୁ ତଥା ଅଭିଷ୍ୟନ୍ଦୀ ଦ୍ରବ୍ୟ ଯଥା ବିରି, ଦହି, ଅମ୍ଳ ପଦାର୍ଥର ଅଧିକ ସେବନ କରିବା, ଶ୍ରମ ଆଦୌ ନ କରିବା, ଅଧିକ ଧାତୁକ୍ଷୟ ଆଦି ବିଭିନ୍ନ କାରଣ ପାଇଁ ଏହି ରୋଗ ହୁଏ। ଏହି ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ ରୋଗ ସାଧାରଣତଃ ମେରୁଦଣ୍ଡ ଓ ଅସ୍ଥି ସନ୍ଧି, ଗ୍ରୀବାର କୌଣସି ଅଂଶରେ ପ୍ରଥମେ ଆରମ୍ଭ ହୋଇଥାଏ। ଏହା କ୍ରମଶଃ ମେରୁଦଣ୍ଡର ଅନ୍ୟ ଅଂଶକୁ ବ୍ୟାପିଯାଏ, ସନ୍ଧିଗତ ଶ୍ଳେଷ କଳା ବା sinovial membraneରେ ଶୋଫ ବା Inflamation ସୃଷ୍ଟି ହୁଏ। ଲସିକା ତଥା ରକ୍ତକଣିକା ମଧ୍ୟ ଜମା ହୋଇଯାଏ। ତରୁଣାସ୍ଥିମାନଙ୍କରେ ତନ୍ତୁ କାଠିନ୍ୟ ସୃଷ୍ଟି ହୁଏ। Spinal Cord ଓ ସଂଯୁକ୍ତ ରଜ୍ଜୁ ବା ligaments dendons ମାନଙ୍କରେ ମଧ୍ୟ ଶୋଫ ବା Inflamation ସୃଷ୍ଟି ହୁଏ। ଏଥିରେ ସକାଳୁ ଉଠିଲେ ଅଣ୍ଟା, ପିଠି, ବେକ ଦରଜ ହେବା ଏବଂ ବେକ ବୁଲାଇବାରେ ଯନ୍ତ୍ରଣା, ଦରଜ, ଅନ୍ୟ ଗଣ୍ଠି, ଜଙ୍ଘ ସନ୍ଧି, ଆଣ୍ଠୁ, ମଣିବନ୍ଧ, କହୁଣି ଆଦି ଫୁଲିବା ଓ ଦରଜ ହେବା ଭଳି ଲକ୍ଷଣ ପରିଲକ୍ଷିତ ହୁଏ। ଅନେକଙ୍କ ଗୋଡ଼, ପାଦ, ଗୋଇଠି ମଧ୍ୟ ଦରଜ ହୁଏ। ଫଳରେ ରାତିରେ ଶୋଇ କରି ସକାଳୁ ଉଠିଲା ପରେ ପାଦ ତଳେ ଲଗାଇବାକୁ ମଧ୍ୟ କଷ୍ଟ ହୁଏ। ଏଥିରେ ପେଟ ଦରଜ, ଲାଳଝାଡ଼ା ଓ ଚର୍ମଗତ ରୋଗର ଲକ୍ଷଣ ମଧ୍ୟ ଦେଖାଯାଇପାରେ। ଏହାର ଲକ୍ଷଣ ପରିଲକ୍ଷିତ ହେଲେ ରୋଗ ଚିହ୍ନଟ କରିବା ପାଇଁ କିଛି ରକ୍ତ ପରୀକ୍ଷା କରିବା ଆବଶ୍ୟକ, ଯେପରିକି ୟୁରିକ୍‌ଏସିଡ୍, ଇଶନୋଫିଲ, ଇ.ଏସ୍.ଆର. ସି.ଆଇ.ପି.ଆର.ଏଏଚ୍.ଅଣ୍ଟାର ଏକ୍ସରେ ଓ ରକ୍ତରେ ଏଚ୍.ସି.ବି.–୨୭ ଜିନ ପରୀକ୍ଷା ଆଦି ଦରକାର ପଡ଼ିପାରେ।

ଏଥିରେ ଅଣ୍ଟାରୁ ଜଙ୍ଘ ବା ବେକଠାରୁ ଅଣ୍ଟା ଆଡ଼କୁ ପୀଡ଼ା ପ୍ରସାରିତ ହୁଏ। ଏହା ସହିତ ଅନ୍ୟ ଗଣ୍ଠିଗୁଡ଼ିକ ମଧ୍ୟ ଦରଜ ହୋଇପାରେ। କ୍ଳାନ୍ତି ଅନୁଭବ, ରକ୍ତହୀନତା ଓ ଓଜନ ହ୍ରାସ ମଧ୍ୟ ସହଜାତ ପ୍ରବୃତ୍ତି। ଏହା ପରେ ଗୋଡ଼ ଦୁଇଟିରେ ଦୁର୍ବଳ ଅନୁଭବ ହେବା, ବଧିରା, ଝିମଝିମ ହେବା ପ୍ରଭୃତି ଲକ୍ଷଣ ପ୍ରକାଶ ପାଏ।

> ବୃଦ୍ଧାବସ୍ଥା ହେଉ ବା ଯୁବାବସ୍ଥା, ରୋଗ କେବେ ବୟସ ଦେଖେନି। ତା'ଛଡ଼ା ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଦିନକୁ ଦିନ ନୂଆ ନୂଆ ରୋଗ ସୃଷ୍ଟି ହେଉଛି, ଯାହାକୁ ଅଧିକାଂଶ ଅବହେଳାକରି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମିତି ଏକ ସମସ୍ୟା ହେଉଛି ଯୁବାବସ୍ଥାରେ ଗ୍ରୀବା ସ୍ତମ୍ଭ ବା ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍। ଏଥିରେ ପୀଡ଼ିତ ହୋଇ ହେଳା କଲେ ବହୁ ସମସ୍ୟା, କଷ୍ଟ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ...

ନିଃଶ୍ୱାସପ୍ରଶ୍ୱାସଗତ ବ୍ୟାୟାମ, ପ୍ରାଣାୟାମ, ମୋଟା ଗଦି ବା ବଡ଼ ତକିଆ ବଦଳରେ କଠିନ ଶଯ୍ୟାରେ ଶୟନ ଏବଂ ଅତି ପତଳା ତକିଆ ବ୍ୟବହାର କରିବା ଆବଶ୍ୟକ। ବର୍ଷାରେ ଭିଜିବା, ଥଣ୍ଡା ପାଣିରେ ସ୍ନାନ କରିବା ଉଚିତ ନୁହେଁ। ବିରି, ଖଟା, ବାସିପଖାଳ, ଦହି, ପାଚିଲା କଦଳୀ, ଆତ, କାକୁଡ଼ି, ଥଣ୍ଡାପାନୀୟ ଆଦି ଶ୍ଳେଷ୍ମଣ ପଦାର୍ଥ ଖାଦ୍ୟ ଖାଇବା ଅନୁଚିତ। ବୃହତ୍ ବାତଚିନ୍ତାମଣି ରସ ୧ଟି ବଟିକା, ମହୁ ସହ ଶୁଣ୍ଠି ଗୁଣ୍ଡ ୧ ଚାମଚ, ଦଶମୂଳ ପାଚନ ସହ ବଳାରିଷ୍ଟ, ଦଶମୂଳାରିଷ୍ଟ, ଅଶ୍ୱଗନ୍ଧା ଚୂର୍ଣ୍ଣ, ବୃହତ୍ ଛାଗଳାଦି ଘୃତ, ସାମିଷ ମହାମାସ୍ ତୈଳ, କୁବ୍ଜ ପ୍ରସାରଣୀ ତୈଳ ମାଲିସ୍, ରିଲାକ୍ସି ତୈଳ ମାଲିସ୍, ସାଇନୋଭିନ ନାଜାଲ ଡ୍ରପ୍, ପଞ୍ଚସକାର ଚୂର୍ଣ୍ଣ ବା ଜି–ଲାକ୍ସ ୧ ଚାମଚ ଥରେ, ଅମ୍ଳୋନିଲ୍ ବା ଶୁଣ୍ଠି ଖଣ୍ଡ ମୋଦକ ୨ ଚାମଚ ଗରମ ପାଣି ସହ ଅଭିଜ୍ଞ ଶିକ୍ଷିତ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସେବନ କରିବେ। ଯୋଗ, ବ୍ୟାୟାମ, ପ୍ରାଣାୟାମ ପ୍ରଭୃତି ପ୍ରତିଦିନ ଉପଯୁକ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ କରିବେ। ଧୂମପାନ, ମଦ୍ୟପାନ ଏହି ରୋଗ ବଢ଼ାଇବାରେ ସହାୟକ ହେଉଥିବାରୁ ଏହି ବଦ ଅଭ୍ୟାସ ପରିତ୍ୟାଗ କରିବେ। ଫାଷ୍ଟଫୁଡ୍, ଅଧିକ ତେଲ ମସଲାଦିଆ ଖାଦ୍ୟ, ତେଲ ଘିଅ ଛଣାଛଣି ଖାଦ୍ୟ, ମାଂସ, ଅଣ୍ଡା ପ୍ରଭୃତି ବର୍ଜନ କରି ସବୁଜ ପନିପରିବା ତରକାରି ଅଧିକ ଖାଇବେ। ସକାଳୁ ୧ ଗ୍ଲାସ ଗରମ ପାଣି ପ୍ରତିଦିନ ଖାଲି ପେଟରେ ପିଇବେ ଓ ଦିନକୁ ୫/୬ ଲିଟର ପାଣି ପିଇଲେ ଶରୀର ନୀରୋଗ ଓ ସୁସ୍ଥ ରହିବ।

– ଡା. ସ୍ୱପ୍ନେଶ୍ୱର ପଣ୍ଡା
ରାଜବୈଦ୍ୟ ଆୟୁର୍ବେଦ,
ପଳାଶୁଣୀ ଓଭରବ୍ରିଜ୍ ନିକଟ, ଭୁବନେଶ୍ୱର
ମୋ–୯୪୩୭୦୩୬୨୬୫

---

# ଓ୍ୱାଇ-ଫାଇ ବ୍ୟବହାର କରୁଥିଲେ



ବର୍ତ୍ତମାନ ଅଳ୍ପ ବୟସ୍କଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଏଥିପାଇଁ ସମସ୍ତଙ୍କୁ ଇଣ୍ଟରନେଟ୍ ପ୍ୟାକ୍ ରିଚାର୍ଜ କରିବାକୁ ପଡୁଛି। ଫଳରେ ଖର୍ଚ୍ଚ ଅଧିକ ହେଉଛି। ତେଣୁ ଅଳ୍ପ ଖର୍ଚ୍ଚରେ ଅଧିକ ଜଣ ଇଣ୍ଟରନେଟ୍ ବ୍ୟବହାର କରିବା ଲାଗି ଅନେକେ ଘରେ ଓ୍ୱାଇ–ଫାଇ କନେକ୍ସନ ନେଉଛନ୍ତି। କିନ୍ତୁ ଏଥିରେ ଅନେକ ସମୟରେ ନେଟ୍‌ୱର୍କ ସ୍ଲୋ ରହିବା, ଠିକ୍ ଭାବେ ସିଗ୍‌ନାଲ୍ ନ ପହଞ୍ଚିବାର ଅଭିଯୋଗ ରହୁଛି। ଯଦି ଆପଣ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଜାଣିରଖନ୍ତୁ ଓ୍ୱାଇ–ଫାଇର ସ୍ପିଡ୍ ବଢ଼ାଇବାର କେତେକ ଉପାୟ...

**ରାଉଟର ଏବଂ ଫାର୍ମୱେର ଅପ୍‌ଡେଟ୍ କରନ୍ତୁ:** ଇଣ୍ଟରନେଟ୍ ସ୍ଲୋ ହେବାର ଏକ କାରଣ ରାଉଟର ଅପ୍‌ଡେଟ୍ ନ ହେବା ମଧ୍ୟ ହୋଇପାରେ। କାରଣ ଅନେକ ସମୟରେ ରାଉଟର ପ୍ରସ୍ତୁତକାରୀ କମ୍ପାନିଗୁଡ଼ିକ ଅଧିକ ସ୍ପିଡ୍ ଲାଗି ସଫ୍ଟୱେର୍‌ରେ ପରିବର୍ତ୍ତନ କରିଥାଆନ୍ତି। ତେଣୁ ଏହାର ଠିକ୍ ବ୍ୟବହାର ଲାଗି ମଝିରେ ମଝିରେ ଅପ୍‌ଡେଟ୍ କରିବା ଆବଶ୍ୟକ। ବେଳେବେଳେ ରାଉଟର ଥିଲେ ବି ନେଟ୍‌ୱର୍କ ସ୍ଲୋ ରୁହେ। ଏପରି ନ ହେବା ଲାଗି ନିୟମିତ ଫାର୍ମୱେର ଅପ୍‌ଡେଟ୍ କରିବା ଆବଶ୍ୟକ। ଏହାଦ୍ୱାରା ନା କେବଳ ଆପଣଙ୍କ ଇଣ୍ଟରନେଟ୍‌ର ସ୍ପିଡ୍ ବଢ଼ିବାରେ ସାହାଯ୍ୟ ହେବ ବରଂ ସିକ୍ୟୁରିଟି ସିଷ୍ଟମ ଷ୍ଟ୍ରଙ୍ଗ୍ ହେବା ସହ ନୂଆନୂଆ ଫିଚର୍ସ ମିଳିବ।

**ଲୋକେଶନ:** ଓ୍ୱାଇ–ଫାଇରେ ନେଟ୍‌ୱର୍କ ସ୍ପିଡ୍ ରଖିବା ଲାଗି ଏହାକୁ ପ୍ରଥମେ ଠିକ୍ ଜାଗାରେ ରଖିବା ଆବଶ୍ୟକ। କାରଣ ଘରର ସବୁ ସ୍ଥାନକୁ ଠିକ୍ ଭାବେ ନେଟ୍‌ୱର୍କ ପହଞ୍ଚିପାରି ନ ଥାଏ। ତେଣୁ ଭଲ ୱେର୍‌ଲେସ୍ କଭରେଜ୍ ପାଇବାକୁ ଚାହୁଁଥିଲେ ରାଉଟର ଲଗାଇବା ଲାଗି ଘରର ଏଭଳି ଏକ ସ୍ଥାନ ବାଛନ୍ତୁ, ଯେଉଁଠି ଫୁଲ୍ ନେଟ୍‌ୱର୍କ ପହଞ୍ଚି ପାରୁଥିବ। ତେବେ ଏଥିପାଇଁ ମଝିଘର ବା ଘରର ସେଣ୍ଟର ସବୁଠୁ ଭଲ।

**କ୍ୱାଲିଟି କଣ୍ଟ୍ରୋଲ:** ବର୍ତ୍ତମାନ ଆସୁଥିବା ମଡର୍ନ ରାଉଟରଗୁଡ଼ିକ କ୍ୱାଲିଟି ଅଫ୍ ସର୍ଭିସ୍ (କ୍ୟୁଓଏସ୍) ଟୁଲ୍ ସହିତ ଆସୁଛି। ଏହାଦ୍ୱାରା ଆପଣ ନିଜ ବ୍ୟବହାର ଅନୁଯାୟୀ ବ୍ୟାଣ୍ଡୱିଥ୍ ସେଟ୍ କରିପାରିବେ। ଏହାଦ୍ୱାରା ମଧ ଇଣ୍ଟରନେଟ୍ ସ୍ପିଡ୍ ରହିବ।

**ଫ୍ରିକ୍ୱେନ୍ସି ଯାଞ୍ଚ କରନ୍ତୁ:** ରାଉଟରର ନେଟ୍‌ୱର୍କ ଆଡ୍‌ମିନିଷ୍ଟ୍ରେଟର ଇଣ୍ଟରଫେସ୍ ଯାଞ୍ଚ କରନ୍ତୁ। ତାହା ଅପ୍ଟିମମ୍ ପରଫର୍ମାନ୍ସ ଲାଗି କନ୍‌ଫିଗର ହୋଇଛି କି ନାହିଁ ଦେଖନ୍ତୁ। ଡୁଆଲ୍ ବ୍ୟାଣ୍ଡ ରାଉଟର୍ ବ୍ୟବହାର କରୁଥିଲେ ଭଲ ଆଉଟ୍‌ପୁଟ୍ ପାଇବା ଲାଗି ଫ୍ରିକ୍ୱେନ୍ସି ୨.୪ ଗିଗାହର୍ଜ ବ୍ୟାଣ୍ଡ ବଦଳରେ ୫ ଗିଗାହର୍ଜ ବ୍ୟାଣ୍ଡ ବ୍ୟବହାର କରନ୍ତୁ।

**ହାର୍ଡୱେର୍ ବଦଳାନ୍ତୁ:** ପୁରୁଣା ହାର୍ଡୱେର ବ୍ୟବହାର କରୁଥିଲେ ବି ବେଳେବେଳେ ସିଗ୍‌ନାଲ୍ ଠିକ୍ ଭାବେ ଆସିବାରେ ଅସୁବିଧା ହୁଏ। ତେଣୁ ଆବଶ୍ୟକ ସ୍ଥଳେ ଏହାକୁ ବଦଳାଇ ଦିଅନ୍ତୁ।



## ସଂକ୍ଷେପରେ

### ଇଂଲିଶରେ କପି କରି ଧରାପଡ଼ିଲେ ୧୮

**ଢେଙ୍କାନାଳ ଅଫିସ, ୨୨।୨:** ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ମାଟ୍ରିକ୍ ପରୀକ୍ଷାରେ ଶନିବାର ଇଂଲିଶ ବିଷୟରେ ପରୀକ୍ଷା ଶେଷ ହୋଇଛି। ଢେଙ୍କାନାଳ ଜିଲାରେ କପି କରି ଧରାପଡ଼ିଛନ୍ତି ୧୮ ପରୀକ୍ଷାର୍ଥୀ। ସେଥିରୁ ଜିଲା ସ୍କ୍ୱାଡ୍ ହାତରେ ୧୩ ଜଣ ଏବଂ ବୋର୍ଡ ସ୍କ୍ୱାଡ୍ ହାତରେ ୫ଜଣ ଧରାପଡ଼ିଛନ୍ତି। ଜିଲା ସ୍କ୍ୱାର୍ଡ ପକ୍ଷରୁ ୧୩ ପରୀକ୍ଷା କେନ୍ଦ୍ରରେ ଚଢ଼ାଉ କରାଯାଇଥିଲା। କାଶିଆଡ଼ିହି ଶ୍ରୀଲୋକନାଥ ବିଦ୍ୟାପୀଠ କେନ୍ଦ୍ରରୁ ୭, ବଳରାମପୁର ହାଇସ୍କୁଲରୁ ୨, କଙ୍କଡାହାଡ଼ ରାମେଶ୍ୱର ହାଇସ୍କୁଲରୁ ୧, ଗଡ଼ପଲାଶୁଣୀ ବାପୁଜୀ ହାଇସ୍କୁଲରୁ ୨, କୁସୁମଯୋଡ଼ି ପଞ୍ଚାୟତ ହାଇସ୍କୁଲରୁ ଜଣେ ପରୀକ୍ଷାର୍ଥୀ ଧରାପଡ଼ିଥିଲେ। ସେହିପରି ବୋର୍ଡ ସ୍କ୍ୱାର୍ଡ ପକ୍ଷରୁ ହୋଇଥିବା ଚଢ଼ାଉରେ ଯୋରନ୍ଦା ହାଇସ୍କୁଲ କେନ୍ଦ୍ରରୁ ୨, କାବେରା ମାଧପୁର ବଡ଼ଜେନା ବିଦ୍ୟାପୀଠରୁ ୨ ଏବଂ ସନ୍ଥପୁର ହାଇସ୍କୁଲରୁ ଜଣେ ଧରାପଡ଼ିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାନ ସହାୟକ ସୁକାନ୍ତ ସାହୁ ସୂଚନା ଦେଇଛନ୍ତି।

### ଗିରଫ ଜେଲ ୱାର୍ଡର ନିଲମ୍ବିତ

**ଢେଙ୍କାନାଳ ଅଫିସ, ୨୨।୨:** ଢେଙ୍କାନାଳ ସହର ଦୋଳମଣ୍ଡପ ସାହି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ୍ ମିଛୁ ହତ୍ୟାକାଣ୍ଡ ଘଟଣାରେ ଗିରଫ ହୋଇଥିବା ମାଷ୍ଟର ମାଇଣ୍ଡ ଜେଲ ୱାର୍ଡର ବୈରାଗୀ ବେହେରାଙ୍କୁ ଶନିବାର ନିଲମ୍ବିତ କରାଯାଇଛି। ଜେଲ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅତିରିକ୍ତ ଜେଲର ସୁମାର୍ଜନୀ ପ୍ରଧାନ ସୂଚନା ଦେଇଛନ୍ତି। ସାମାନ୍ୟ ଗଣ୍ଡଗୋଳ ଏବଂ ହାତାହାତିରୁ ବୈରାଗୀ ପ୍ରତିଶୋଧ ପରାୟଣ ହୋଇ ପୂର୍ଣ୍ଣଚନ୍ଦ୍ରଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏଥି ଲାଗି ସେ କାଳିଆ ମାଟି, ବାବାଜୀ ଷଣ୍ଢଙ୍କୁ ମତାଇଥିଲେ। ଗତ ୧୯ ତାରିଖରେ କାଳିଆ ଏବଂ ବାବାଜୀ ମିଶି ପୂର୍ଣ୍ଣଚନ୍ଦ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ କଟୁରିରେ ହାଣି ହତ୍ୟା କରିଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

### ଛତିଶଗଡ଼ର ୨ ନାବାଳିକା ଉଦ୍ଧାର

**ପଦ୍ମପୁର, ୨୨।୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ପଞ୍ଚାୟତ ବଡ଼କିଆରୀରୁ ଛତିଶଗଡ଼ର ଦୁଇ ନାବାଳିକାଙ୍କୁ ଶନିବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଦୁଇ ଯୁବକ ଛତିଶଗଡ଼ରେ ରହି କାମ କରୁଥିବାବେଳେ ୨ ନାବାଳିକାଙ୍କ ସହିତ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସେମାନେ ୨ ନାବାଳିକାଙ୍କୁ ନେଇ ଓଡ଼ିଶା ପଳାଇ ଆସିଥିଲେ। ଛତିଶଗଡ଼ ପୋଲିସ ବାସୁଦେବପୁର ପୋଲିସ ସହାୟତାରେ ଦୁଇ ନାବାଳିକାଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସେମାନେ ଦୁଇ ଭଉଣୀ ବୋଲି ପୋଲିସ କହିଛି।

# ଜିଲା କାରାଗାର ସମସ୍ୟାର ଗନ୍ତାଘର


ଜିଲା କାରଗାର।


ୱାଚ୍ ଟାୱାର।

- ଅସୁରକ୍ଷିତ ଅବସ୍ଥାରେ ୧୦୦ ବର୍ଷର ଜେଲ
- ୨ମାସ ପରେ ଫେରାର କଏଦୀଙ୍କ ପତ୍ତା ମିଳୁନି
- ସିସିଟିଭି କ୍ୟାମେରା ଅଚଳ, କର୍ମଚାରୀ ପଦବୀ ଖାଲି
- କାମ କରୁନି ୱାଚ୍ ଟାୱାର, ଭିତରକୁ ଯାଉଛି ନିଶାଦ୍ରବ୍ୟ
- ସଂଖ୍ୟାଠାରୁ ଅଧିକ କଏଦୀଙ୍କ ପାଇଁ ବଢ଼ୁଛି ସମସ୍ୟା

**ଢେଙ୍କାନାଳ ଅଫିସ, ୨୨।୨**

ହୁଗୁଳି ଯାଇଛି ଢେଙ୍କାନାଳ ଜିଲା କାରାଗାର ସୁରକ୍ଷା ବ୍ୟବସ୍ଥା। କର୍ମଚାରୀ ଅଭାବଠାରୁ ଆରମ୍ଭ କରି ଭିତ୍ତିଭୂମି ଯାଏ ଯେଉଁଠି ଉଣ୍ଡିଲେ ବାରି ହୋଇପଡୁଛି ପୁଳାପୁଳା ସମସ୍ୟା। ଜେଲ ହାଜତକୁ ଅନାୟାସରେ ପ୍ରବେଶ କରୁଛି ନିଶାଦ୍ରବ୍ୟ। ସଙ୍ଗିନ ଅପରାଧରେ ଜଡ଼ିତ ଅପରାଧୀମାନେ ହୁଗୁଳା ଭିତ୍ତିଭୂମିର ଭରପୂର ଫାଇଦା ଉଠାଉଛନ୍ତି। ଫଳରେ ଇତିହାସର ମୂକସାକ୍ଷୀ ପାଲଟିଥିବା ୧୦୦ବର୍ଷର ଏହି ପୁରୁଣା ଜେଲ ଏବେ ସମସ୍ୟାର ଗନ୍ତାଘର ପାଲଟିଛି।

ରାଜ୍ୟର ଅନ୍ୟତମ ପୁରୁଣା କାରାଗାର ମଧ୍ୟରେ ଢେଙ୍କାନାଳ ଜିଲା ଜେଲ ଅନ୍ୟତମ। ଏତେ ପୁରୁଣା ଜେଲର ଭିତ୍ତିଭୂମି ସୁଦୃଢ଼ କରିବାକୁ ଅନେକ ବ୍ୟବସ୍ଥା ଗ୍ରହଣ କରାଯିବା କଥା। ହେଲେ ଏହା ହୋଇପାରୁନାହିଁ। ଜେଲ ସୁରକ୍ଷା ଲାଗି ଖଞ୍ଜାଯାଇଥିବା ୩୨ ସିସିଟିଭି କ୍ୟାମେରା ମଧ୍ୟରୁ ୮ଟି ଅଚଳ ହୋଇଛି। ନିଶାଦ୍ରବ୍ୟର ପେଣ୍ଠସ୍ଥଳୀ ପାଲଟିଛି ଜେଲ୍ ପରିସର। ଗୁରୁତର ଅପରାଧରେ ଜଡ଼ିତ ଥିବା କଏଦୀଙ୍କ ପାଇଁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ସେମାନଙ୍କୁ ପାନ, ବିଡ଼ି, ସିଗାରେଟ୍, ଗୁଟ୍‌ଖାଠାରୁ ଆରମ୍ଭ କରି ବିଭିନ୍ନ ନିଶାଦ୍ରବ୍ୟ ଯୋଗାଇ ଦିଆଯାଉଛି। ଜେଲ ପାଚେରି ଚାରିପଟେ ପଡ଼ିଥିବା ଶତାଧିକ ଖାଲି ମଦ ବୋତଲ ଏହାର ପ୍ରମାଣ ବୋଲି ଆଲୋଚନା ହେଉଛି। ଦୋଳମଣ୍ଡପ ସାହିର ପୂର୍ଣ୍ଣଚନ୍ଦ୍ର ବେହେରା ହତ୍ୟା ମାମଲାର ମାଷ୍ଟର ମାଇଣ୍ଡ ତଥା ୱାର୍ଡର ବୈରାଗୀ ବେହେରା ଗିରଫ ହେବାପରେ ଏପରି ଅନେକ ତଥ୍ୟ ପଦାକୁ ଆସିଛି।

୧୯୧୬ରେ ପ୍ରତିଷ୍ଠା ହୋଇଥିବା ଢେଙ୍କାନାଳ ଜିଲା ଜେଲ। ସେହି ସମୟରେ ଏଠାରେ ୨୩୧ କଏଦୀ ରହିବାର ବ୍ୟବସ୍ଥା ହୋଇଥିଲା। ଏବେ ୩୩୩ କଏଦୀ ରହୁଛନ୍ତି, ଯାହା ପାଖାପାଖି ୧୦୦ ଅଧିକ। ଫଳରେ ସମସ୍ୟା ବଢ଼ିବାରେ ଲାଗିଛି। ଏକଦୀଙ୍କ ଉପରେ ନଜର ରଖିବାକୁ ଜେଲ ଚାରିପଟେ ୱାଚ୍ ଟାୱାର ନିର୍ମାଣ କରାଯାଇଛି। ହେଲେ ୱାଚ୍ ଟାୱାରଗୁଡ଼ିକରେ ତାଲା ଝୁଲୁଛି। ଏହାର ସୁଯୋଗରେ ଗତ ଡିସେମ୍ବର ୧୩ରେ ବିଚାରାଧୀନ କଏଦୀ ଶିବ ମୁଣ୍ଡା ପାଚେରି ଡେଇଁ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ଅଦ୍ୟାବଧି ତାଙ୍କର ପତ୍ତା ମିଳୁନାହିଁ। ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳର କର୍ମଚାରୀ ଜେଲରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ଭିତରୁ କେତେଜଣ ଅପରାଧୀଙ୍କ ହାତବାରିସି ପାଲଟିଥିବା ଚର୍ଚ୍ଚା ଜୋର୍ ଧରିଛି। କର୍ମଚାରୀ ଅଭାବ ସମସ୍ୟାରେ ସନ୍ତୁଳି ହେଉଛି ଜିଲା କାରାଗାର। ନିକଟରେ ଜେଲ୍ ଅଧୀକ୍ଷକଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ଅତିରିକ୍ତ ଜେଲର ଦାୟିତ୍ୱରେ ଅଛନ୍ତି। ଜେଲର କାମାକ୍ଷାନଗରକୁ ଡେପୁଟେଶନରେ ଯାଇଛନ୍ତି। ୩୬ ୱାର୍ଡର ପଦବୀରୁ ୬ଟି ଖାଲିପଡ଼ିଛି, ଯାହା ସମସ୍ୟାକୁ ବହୁଗୁଣିତ କରିଛି।

ଏ ସଂକ୍ରାନ୍ତରେ ଅଧୀକ୍ଷକଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜେଲର ସୁମାର୍ଜନୀ ପ୍ରଧାନ କୁହନ୍ତି, କର୍ମଚାରୀ ଅଭାବ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଅଧିକ ୪୫ଟି ସିସିଟିଭି କ୍ୟାମେରା ଯୋଗାଇ ଦେବାକୁ କୁହାଯାଇଛି। ଅନ୍ୟ ପ୍ରସଙ୍ଗଗୁଡ଼ିକୁ ସେ ଏଡ଼ାଇ ଯାଇଥିଲେ। ତାଙ୍କ ନଜରରେ ଏଭଳି ଘଟଣା ଘଟିନାହିଁ। ତାଙ୍କର ପ୍ରତିକ୍ରିୟା ଦେବାର ଅଧିକାର ନାହିଁ ବୋଲି କହିଥିଲେ।

### ବୁଦ୍ଧେଶ୍ୱର ପୀଠରେ ସାଢ଼େ ୩ଟାରେ ଉଠିଲା ମହାଦୀପ



**ଭୁବନ, ୨୨।୨(ଡି.ଏନ.ଏ.)**

ଭୁବନର ପ୍ରସିଦ୍ଧ ଶୈବପୀଠ ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ଶାନ୍ତିଶୃଙ୍ଖଳାର ସହ ଜାଗରଯାତ୍ରା ଶେଷ ହୋଇଛି। ଠାକୁରଙ୍କ ନୀତିକାନ୍ତି ପରେ ପ୍ରାତଃ ସାଢ଼େ ୩ଟାରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ଚଳିତ ବର୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଜାଗର ଜାଳିବା ପାଇଁ ସମସ୍ତଙ୍କ ମନରେ ଦେଖାଦେଇଥିଲା ବିପୁଳ ଉତ୍ସାହ। ପୋଲିସ, ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା, ଯୁବକସଂଘର ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ।

# ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

- ପରିବାର ଆଣିଲା ହତ୍ୟା ଅଭିଯୋଗ
- ଘଟଣାସ୍ଥଳରୁ ବାଇକ୍ ଜବତ

**ଢେଙ୍କାନାଳ ଅଫିସ, ୨୨।୨**

ଢେଙ୍କାନାଳ ସଦର ଥାନା ସପ୍ତଶଯ୍ୟା-ଶଙ୍କରପୁର ରାସ୍ତାର ପାମାଳସ୍ଥିତ ନିର୍ମାଣାଧୀନ ଏକ ପୋଲ ନିକଟରୁ ଶନିବାର ସକାଳେ ବାଇକ୍ ସହ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ପ୍ରହ୍ଲାଦ ବେହେରା (୨୭)। ତାଙ୍କ ଘର ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ତାଳବରକୋଟ ଅଞ୍ଚଳରେ। ସେ ଜଣେ ଦିନ ମଜୁରିଆ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ମୃତକଙ୍କ ଭାଇ ସୁମନ୍ତଙ୍କ ଅଭିଯୋଗକ୍ରମେ ନଂ. ୭୦/୨୦, ଦଫା ୩୦୨ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଗୋବିନ୍ଦପୁର ଏବଂ ଭାପୁର ଫାଣ୍ଡି ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଦର ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି।

ସୁମନ୍ତଙ୍କ କହିବା କଥା, ପ୍ରହ୍ଲାଦ ଶୁକ୍ରବାର ରାତି ୯ଟାରେ ବାଇକ୍ ନେଇ କଟକ ଜିଲା ତିଗିରିଆ ଥାନା ଅଧୀନ ଅଚଳକୋଟକୁ ନାଟ ଦେଖିବାକୁ ଯିବେ ବୋଲି କହି ଘରୁ ବାହାରିଥିଲେ। ପାତ୍ରଭାଗସ୍ଥିତ ନିଜ ସଢୁଙ୍କୁ ସାଙ୍ଗରେ ନେଇ ଯିବେ ବୋଲି କହିଥିଲେ। ହେଲେ ତାଙ୍କ ସଢୁ ଅରାଜି ହେବାରୁ ସେ ଏକାକୀ ଯାଇଥିଲେ। ଶନିବାର ସକାଳ ଭାଇଙ୍କ ମୃତଦେହ ପାମାଳ ଅଞ୍ଚଳରୁ ବାଇକ୍ ସହ ଉଦ୍ଧାର କରାଯାଇଥିଲା। ଭାଇଙ୍କୁ କେହି ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ ହେଉଛି। ପୋଲିସ ଏହାର ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚିତ ହୋଇପାରିବ ବୋଲି ସେ କହିଛନ୍ତି।

### ନିଖୋଜ ୪ ଭଉଣୀ ଯୋରନ୍ଦାରୁ ଠାବ

**ଢେଙ୍କାନାଳ ଅଫିସ, ୨୨।୨**

ନୂଆପଡ଼ା ଜିଲା ଲଖନା ଥାନା ଅଞ୍ଚଳରୁ ଦୁଇମାସ ତଳେ ନିଖୋଜ ହୋଇଥିବା ଗୋଟିଏ ପରିବାର ୪ ଭଉଣୀଙ୍କୁ ଶନିବାର ସନ୍ଧ୍ୟାରେ ଢେଙ୍କାନାଳ ଜିଲା ଯୋରନ୍ଦା ଅଞ୍ଚଳର ଏକ ଆଶ୍ରମରୁ ସ୍ଥାନୀୟ ଫାଣ୍ଡି ପୋଲିସ ଠାବ କରିଛି। ସମ୍ପୃକ୍ତ ୪ଜଣଙ୍କ ବୟସ ୨୭ରୁ ୩୬ ବର୍ଷ ମଧ୍ୟରେ ହେବ। ସେମାନେ କପିଳାସରେ ଜାଗର ପାଳିବା ପରେ ସେଠାରୁ ଯୋରନ୍ଦା ଆସିଥିଲେ। ଯୋରନ୍ଦାରେ ରହୁଥିବା ଜଣେ ସମ୍ପର୍କୀୟ ସେମାନଙ୍କୁ ଚିହ୍ନି ପାରି ଆଶ୍ରମରେ ରଖିବା ବ୍ୟବସ୍ଥା କରାଇବା ସହ ପରିବାରକୁ ସୂଚନା ଦେଇଥିଲେ। ଏ ନେଇ ଲଖନା ପୋଲିସକୁ ସୂଚନା ମିଳିଥିଲା। ଏହା ପରେ ୪ ଭଉଣୀଙ୍କୁ ଉଦ୍ଧାର କରିବାକୁ ସେଠାକାର ପୋଲିସ ଯୋରନ୍ଦା ଫାଣ୍ଡିର ସହାୟତା ଲୋଡ଼ିଥିଲା। ଖବର ଲେଖାଯିବା ସୁଦ୍ଧା ୪ ଭଉଣୀଙ୍କୁ ପୋଲିସ ପଚରାଉଚୁରା କରୁଛି। ସମ୍ପୃକ୍ତା ଯୁବତୀଙ୍କ ବାପାଙ୍କ ଗତ ଡିସେମ୍ବର ୨୦ରେ ମୃତ୍ୟୁ ଘଟିଥିଲା। ସେମାନେ ମୃତଦେହକୁ ଦିନଟିଏ ଗ୍ରାମରେ ରଖିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ହେଲେ ଏହାକୁ ଗ୍ରାମବାସୀ ମାନି ନ ଥିଲେ। ଓଲଟି ଜୋରଜବରଦସ୍ତ ମୃତଦେହକୁ ମଶାଣିକୁ ନେଇ ପୋଡ଼ିଦେଇଥିଲେ। ଏହି ଘଟଣା ପରେ ସମ୍ପୃକ୍ତ ୪ ଭଉଣୀ ଗାଁ ଛାଡ଼ି ପଳାଇଥିଲେ। ଦୁଇମାସ ଧରି ସେମାନେ ବିଭିନ୍ନ ସ୍ଥାନରେ ବୁଲିବା ପରେ ଶୁକ୍ରବାର କପିଳାସ ଏବଂ ସେଠାରୁ ଯୋରନ୍ଦାରେ ପହଞ୍ଚିଥିବା ପୋଲିସ କହିଛି।

# ଭୋର ୪ଟା ୩୫ରେ ଉଠିଲା ମହାଦୀପ

**ସରିଲା କପିଳାସ ଜାଗର ଯାତ୍ରା**



**ଢେଙ୍କାନାଳ ଅଫିସ, ୨୨।୨**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଆନନ୍ଦ ଉଲ୍ଲାସର ସହ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ଜାଗରଯାତ୍ରା ଶେଷ ହୋଇଛି। ପ୍ରାତଃ ୪ଟା ୩୫ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ମାନସିକଧାରୀ, ଶ୍ରଦ୍ଧାଳୁଙ୍କ ହରହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ପୀଠ ପରିସର। ଏହାପରେ ହରିହର ଭେଟ ଏବଂ ଅନ୍ୟ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ଏଥିପୂର୍ବରୁ ରାଜ ପୁରୋଧାଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶ୍ରୀ ଚନ୍ଦ୍ରଶେଖରଙ୍କ ଷୋଡ଼ଶ ଉପଚାର ବିଧିରେ ପୂଜାର୍ଚ୍ଚନା ହୋଇଥିଲା। ମହାଦେବଙ୍କ ନାଗାଭରଣ ଏବଂ ମାତା ପାର୍ବତୀଙ୍କ ରାଜରାଜେଶ୍ୱରୀ ବେଶ ଦେଖିବାକୁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ମହାଦୀପ ଉଠିବା ପରେ ଭୋର ୪ଟା ୫୦ରୁ ୫ଟା ୫୦ ଯାଏ ମହାପ୍ରଭୁ ଯୋଗୀବେଶରେ ଦର୍ଶନ ଦେଇଥିଲେ। ୬ଟା ୧୬ରେ ମାଘସ୍ନାନ କରାଯାଇ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଚଳିତବର୍ଷ ଆଇନଶୃଙ୍ଖଳା ଦୃଷ୍ଟିରୁ ୧୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

ସେହିପରି ଭୋଜଦେଇପୁରସ୍ଥିତ ଶ୍ରୀଭୋଳେଶ୍ୱର ମହାଦେବଙ୍କ ପୀଠରେ ଜାଗରଯାତ୍ରା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରଥମ ପ୍ରହରରେ ରାଜବେଶ, ଦ୍ୱିତୀୟ ପ୍ରହରରେ ହରିହର ବେଶ, ତୃତୀୟ ପ୍ରହରରେ ଯୋଗୀବେଶ ଏବଂ ଚତୁର୍ଥ ପ୍ରହରରେ ନାଗଭରଣ ବେଶରେ ଦର୍ଶନ ଦେଇଥିଲେ ମହାଦେବ। ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ ପ୍ରାତଃ ୪ଟାରେ ମହାଦୀପ ଉଠିଥିଲା। ଶିବପୁରାଣ, ଶିବ ସହସ୍ରନାମ, ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ପୀଠ ପରିସର ଉତ୍ସବ ମୁଖର ହୋଇଉଠିଥିଲା। ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମରେ ହଜାର ହଜାର ମାନସିକଧାରୀ ସାମିଲ ହୋଇଥିଲେ ବୋଲି ଟ୍ରଷ୍ଟି ଦୁର୍ଗାଚରଣ ମହାପାତ୍ର ସୂଚନା ଦେଇଛନ୍ତି।

# ପରୀକ୍ଷା ବାତିଲ ପ୍ରତିବାଦରେ ରାସ୍ତାରୋକୋ


ଆନ୍ଦୋଳନକାରୀଙ୍କ ସହ ପୋଲିସ ଆଲୋଚନା କରୁଛି।

**ଢେଙ୍କାନାଳ ଅଫିସ, ୨୨।୨**

ପରୀକ୍ଷା ବାତିଲକୁ କେନ୍ଦ୍ର କରି ଢେଙ୍କାନାଳ ସଦର ଥାନା କାଇମାଟି ହାଇସ୍କୁଲରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ପରୀକ୍ଷାର୍ଥୀମାନେ ରାସ୍ତାରୋକୋ କରିଥିଲେ।

ମୁକ୍ତ ବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ଲାଗି ଉକ୍ତ ସ୍କୁଲରେ କେନ୍ଦ୍ର ହୋଇଛି। ଶନିବାର ଓଡ଼ିଆ ବିଷୟରେ ପରୀକ୍ଷା ଥିଲା। ହେଲେ ବୋର୍ଡ ପକ୍ଷରୁ ଏହାକୁ ବାତିଲ କରାଯାଇଥିଲା। ପରୀକ୍ଷାର୍ଥୀଙ୍କୁ ପୂର୍ବରୁ ସୂଚନା ନ ଦେଇ ପରୀକ୍ଷା ବାତିଲ କରାଯାଇଥିବାରୁ ଏହାର ପ୍ରତିବାଦରେ ସେମାନେ ସାଢ଼େ ୧୧ଟାରେ ହାଇସ୍କୁଲ ସମ୍ମୁଖରେ ଢେଙ୍କାନାଳ-କାଇମାଟି ରାସ୍ତା ଅବରୋଧ କରିଥିଲେ। ଉକ୍ତ ଆନ୍ଦୋଳନରେ କେତେଜଣ ଆଶାକର୍ମୀ ମଧ୍ୟ ସାମିଲ ହୋଇଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସୂଚନା ପାଇ ଗଁଦିଆ ତହସିଲଦାର ସୁଶାନ୍ତ ମିଶ୍ର, ସଦର ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ବିଇଓ ନିତ୍ୟାନନ୍ଦ ବାରିକ, ଡିଇଓଙ୍କ କାର୍ଯ୍ୟାଳୟର ବିଜ୍ଞାନ ସହାୟକ ସୁକାନ୍ତ ସାହୁ ପ୍ରମୁଖ ପହଞ୍ଚି ପରୀକ୍ଷାର୍ଥୀଙ୍କୁ ବୁଝାଶୁଝା କରିଥିଲେ। ମାର୍ଚ୍ଚ ୨ରେ ଏହି ପରୀକ୍ଷା କରାଯିବାକୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି। ଏ ସମ୍ପର୍କରେ ପରୀକ୍ଷାର୍ଥୀଙ୍କୁ ବୁଝାଇବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ‘ଜନତାଙ୍କୁ ସର୍ବୋତ୍ତମ ସେବା ଯୋଗାଅ’


ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- ୫-ଟି, ମୋ ସରକାର କାର୍ଯ୍ୟକ୍ରମ ସମୀକ୍ଷା
- ଅଭିଯୋଗର ୧୦୦ ପ୍ରତିଶତ ସମାଧାନ କର

**ଢେଙ୍କାନାଳ ଅଫିସ, ୨୨।୨**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଜିଲାରେ କାର୍ଯ୍ୟକାରୀ ହେଉଥିବା ୫-ଟି ବ୍ୟବସ୍ଥା ଏବଂ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। ସମୀକ୍ଷା ବୈଠକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଯୋଗଦେଇ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ସର୍ବୋତ୍ତମ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟିମ୍ ୱାର୍କ ମାଧ୍ୟମରେ ଅଭିଯୋଗଗୁଡିକ ୧୦୦ ପ୍ରତିଶତ ସମାଧାନ ଲାଗି ଉଦ୍ୟମ କରିବାକୁ ସେ ଜିଲାସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

୫-ଟି ବ୍ୟବସ୍ଥାରେ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ସ୍ୱାସ୍ଥ୍ୟସେବାର ସାମଗ୍ରିକ ଉନ୍ନତି ଲାଗି ପ୍ରଚେଷ୍ଟା ଜାରି ରହିଛି। ସେହିପରି ଶ୍ରମ ବିଭାଗର ବିଭିନ୍ନ ଯୋଜନାର ସୁଫଳ ଯେପରି ସାଧାରଣରେ ଉପଲବ୍ଧ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଆଗକୁ ଖରାଦିନ। ପାନୀୟ ଜଳକଷ୍ଟ ସମସ୍ୟାର ସମାଧାନ କରିବାକୁ ମାର୍ଚ୍ଚ ୧୦ ସୁଦ୍ଧା ସମସ୍ତ ନଳକୂପଗୁଡ଼ିକର ଆବଶ୍ୟକ ମରାମତି ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚାଷୀମାନେ ସୁବିଧାରେ ଧାନ ବିକ୍ରି କରିବାକୁ ଆବଶ୍ୟକତା ଅନୁଯାୟୀ ମଣ୍ଡି ଖୋଲିବା, ହାତୀ ଉପଦ୍ରବରୁ ଧନଜୀବନକୁ ସୁରକ୍ଷିତ ରଖିବା ଦିଗରେ ପଦକ୍ଷେପ ନେବା, ଜମିଜମା ମାମଲାର ହିତାଧିକାରୀଙ୍କୁ ସର୍ବୋତ୍ତମ ସେବା ଯୋଗାଇଦେବା, ସେମାନଙ୍କୁ ହଇରାଣ ନ କରି ଆବଶ୍ୟକ ଦସ୍ତାବିଜ୍ ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରାଯାଇଛି। ଜନହିତକର କାର୍ଯ୍ୟର ସଫଳ ରୂପାୟନ ଦିଗରେ ବାଧକ ସାଜୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉପଲକ୍ଷେ ଉଦ୍ୟାନ ଓ ମତ୍ସ୍ୟ ବିଭାଗର ସମୀକ୍ଷା କରାଯାଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା।

ପାଇଖାନା ମଳକୁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ବ୍ୟବହାର କରି ଜୈବିକ ଖତ ଉତ୍ପାଦନ କରାଯାଉଛି। ସୁସ୍ଥ ପରିବେଶ ସୃଷ୍ଟି ପାଇଁ ପାଇଖାନା ବ୍ୟବହାରକାରୀ ଟାଙ୍କି ସଫା କରିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ପାଇଖାନା ଟାଙ୍କି ସଫେଇ କାର୍ଯ୍ୟ ପାଇଁ ଟ୍ରିପ୍ ପିଛା ୧୦୦୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି। ଏଥିଲାଗି ଟୋଲଫ୍ରି ନଂ. ୧୮୦୦୧୦୩୦୦୭୨ରେ ଯୋଗାଯୋଗ କରିବାକୁ ପୌର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ରଙ୍କ ସମେତ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ।



"ଭାରତରେ ଉଗ୍ରବାଦ ଓ ସମ୍ପୂର୍ଣ୍ଣ ଭାବାବେଗ ବିଚାରଧାରା ସୃଷ୍ଟି ଲାଗି ଜାତୀୟତାବାଦ ଏବଂ 'ଭାରତ ମାତା କି ଜୟ' ସ୍ଲୋଗାନର ଅପବ୍ୟବହାର କରାଯାଉଛି।
-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

# 'ଆଇନକୁ ମାନନ୍ତୁ ନାଗରିକ'

**ନୂଆଦିଲ୍ଲୀ,୨୨।୨(ପି.ଟି.)**

ଆଇନର ଶାସନ ଆଧୁନିକ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ କହିଛନ୍ତି। ଶନିବାର ସୁପ୍ରିମକୋର୍ଟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବିଚାରପତି ସମ୍ମିଳନୀରେ 'ନ୍ୟାୟପାଳିକା ଓ ପରିବର୍ତ୍ତିତ ବିଶ୍ୱ' ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ନାଗରିକମାନେ ସେମାନଙ୍କ ଆଇନଗତ କର୍ତ୍ତବ୍ୟ ନିଭାଇବା ଆବଶ୍ୟକ। ଅତ୍ୟାଧୁନିକ ସମ୍ବିଧାନର ଅତ୍ୟନ୍ତ ମୌଳିକ ବୈଶିଷ୍ଟ୍ୟ ହେଉଛି ଆଇନର ଶାସନ ଚିନ୍ତାଧାରା। ଏହା ନିଃସନ୍ଦେହ ଯେ, ଏହାର ସଫଳତା ନୂଆ ନୂଆ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାରେ ସାରା ବିଶ୍ୱରେ ବିଚାର ବ୍ୟବସ୍ଥା କିପରି କାର୍ଯ୍ୟ କରୁଛି, ତାହା ଉପରେ ନିର୍ଭର କରେ ବୋଲି ସିଜେଆଇ କହିଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଜଷ୍ଟିସ୍ ବୋବ୍‌ଡେ କହିଥିଲେ, ଆଇନଗତ ଅଧିକାର ଓ କର୍ତ୍ତବ୍ୟ ପରସ୍ପର ନିର୍ଭରଶୀଳ ବୋଲି ଆଇନରେ ବିଚାର କରାଯାଇଥାଏ। ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେଉଛି ସମ୍ବିଧାନକୁ ମାନିବା ଓ ଏହାର ବିଚାରଧାରା ଓ ଅନୁଷ୍ଠାନକୁ ସମ୍ମାନ ଦେବା। ୫୦ରୁ ଊର୍ଦ୍ଧ୍ୱ ଦେଶର ସମ୍ବିଧାନରେ ମୌଳିକ କର୍ତ୍ତବ୍ୟକୁ ନେଇ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ ଉଦ୍ଧାର କରି ଜଷ୍ଟିସ୍ ବୋବ୍‌ଡେ କହିଥିଲେ, ଅଧିକାର ସାବ୍ୟସ୍ତ କରିବା ଜଣଙ୍କର କର୍ତ୍ତବ୍ୟ ପ୍ରତି ସଚେତନତା ଉପରେ ନିର୍ଭର କରେ। ପ୍ରକୃତ ଅଧିକାର ହେଉଛି କର୍ତ୍ତବ୍ୟ ପାଳନର ଫଳାଫଳ। ସାରା ବିଶ୍ୱରେ ପ୍ରଯୁକ୍ତିର ବିକାଶ ହେବାରେ ଲାଗିଛି ଓ ତା'ର ପ୍ରଭାବ ମଧ୍ୟ ନ୍ୟାୟପାଳିକାରେ ଅନୁଭୂତ ହୋଇଛି। ଏହାକୁ ମଧ୍ୟ ଅଧିକାରର ବିପ୍ଲବ, ବୈଷୟିକ ବିପ୍ଲବ ଓ ଜନସାଂଖ୍ୟିକ କ୍ରାନ୍ତି କୁହାଯିବା ଆବଶ୍ୟକ।



ସିଜେଆଇ ଜଷ୍ଟିସ୍ ଏସ୍.ଏ.ବୋବ୍‌ଡେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଅନ୍ତର୍ଜାତୀୟ ବିଚାରପତି ସମ୍ମିଳନୀ

- ଆତଙ୍କବାଦ ଭଳି ସମସ୍ୟାର ସମାଧାନ ଦିଗରେ ନ୍ୟାୟପାଳିକା କାର୍ଯ୍ୟ କରୁ: ଜଷ୍ଟିସ୍ ରମନା
- ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ଆଣିଛି ଭାରତୀୟ ବିଚାର ବ୍ୟବସ୍ଥା: ପ୍ରଧାନମନ୍ତ୍ରୀ

ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଏନ୍.ଭି. ରମନା କହିଥିଲେ, ଆତଙ୍କବାଦ, ସାଇବର ଅପରାଧ, ପରିବେଶ ଅବକ୍ଷୟ ଭଳି ସମସ୍ୟାର ସମାଧାନ ଦିଗରେ ନ୍ୟାୟପାଳିକା କାର୍ଯ୍ୟକରିବା ଆବଶ୍ୟକ। ସେ କହିଥିଲେ, ଆତଙ୍କବାଦ ଏକ ମୁଖ୍ୟ ପ୍ରସଙ୍ଗ ଯାହା ସାରା ବିଶ୍ୱକୁ ପ୍ରଭାବିତ କରିଛି। ଜଗତୀକରଣ ବିଶ୍ୱ ଅଧିକ ନିକଟତର ହୋଇଛି। ଏଭଳି ପ୍ରସଙ୍ଗଗୁଡ଼ିକ ସାଧାରଣ ହୋଇଥିବାରୁ ଏହାର ସର୍ବସମ୍ମତ ସମାଧାନ ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଥିଲେ, ୧୩୦ କୋଟି ଦେଶବାସୀ ନିକଟରେ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକୁ ଆନ୍ତରିକତାର ସହ ଗ୍ରହଣ କରିନେଇଛନ୍ତି, ଯାହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ସୁପ୍ରିମକୋର୍ଟଙ୍କ ଐତିହାସିକ ଅଯୋଧ୍ୟା ରାୟକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏହା କହିଥିଲେ। ଲିଙ୍ଗଗତ ସମାନତା ବିନା କୌଣସି ଦେଶ କିମ୍ବା ସମାଜ ସମ୍ପୂର୍ଣ୍ଣ ବିକଶିତ ବୋଲି ଦାବି କରିପାରିବ ନାହିଁ। ସେଥିପାଇଁ ସରକାର ସମଲିଙ୍ଗୀ, ଦିବ୍ୟାଙ୍ଗ ଅଧିକାର ଓ ତିନି ତଲାକ୍ ଉପରେ ଆଇନ ଆଣିଛନ୍ତି। ସାମରିକ ସେବାରେ ମହିଳାମାନଙ୍କୁ ଅଧିକାର ଦେବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ବିକାଶ ଓ ପରିବେଶ ସୁରକ୍ଷା ଉପରେ ସନ୍ତୁଳନ ରକ୍ଷା କରିଥିବାରୁ ଭାରତୀୟ ବିଚାର ବ୍ୟବସ୍ଥାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ମାମଲା ପରିଚାଳନାରେ ପ୍ରଯୁକ୍ତି ଓ ଇଣ୍ଟରନେଟର ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ।

ସେହିପରି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ, ଆତଙ୍କବାଦୀ ଓ ଦୁର୍ନୀତିଗ୍ରସ୍ତ ଲୋକମାନଙ୍କର ଗୋପନୀୟତା ଅଧିକାର ନାହିଁ। ସେହି ଲୋକମାନଙ୍କୁ ଇଣ୍ଟରନେଟର ଦୁରୁପଯୋଗ କରିବା ଲାଗି ଅନୁମତି ଦେବା ଉଚିତ ନୁହେଁ। ଏଭଳି ବ୍ୟକ୍ତି ମାନବଜାତି ପାଇଁ ବଡ଼ ବିପଦ ବୋଲି ସେ କହିଥିଲେ। କାମରେ ଲାଗୁ ନ ଥିବା ପାଖାପାଖି ୧୫୦୦ ଆଇନକୁ ସରକାର ରଦ୍ଦ କରିଦେଇଛନ୍ତି ବୋଲି ଆଇନମନ୍ତ୍ରୀ କହିଥିଲେ। ସେହିପରି ଜଷ୍ଟିସ ଅରୁଣ ମିଶ୍ର କହିଥିଲେ, ଅନ୍ତର୍ଜାତୀୟ ସମୁଦାୟରେ ଭାରତ ଏକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର। ଅନ୍ତର୍ଜାତୀୟ ସ୍ତରରେ ମୋଦି ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଯିଏ ବିଶ୍ୱ ସ୍ତରୀୟ ଚିନ୍ତା କରିଥାନ୍ତି ଓ ତାହାକୁ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟକାରୀ କରିଥାନ୍ତି ବୋଲି ଜଷ୍ଟିସ୍ ମିଶ୍ର କହିଥିଲେ।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଆୟୋଜିତ ବିଚାରପତି ସମ୍ମିଳନୀରେ ୨୦ରୁ ଊର୍ଦ୍ଧ୍ୱ ଦେଶର ବିଚାରପତିମାନେ ଯୋଗଦେଇଥିଲେ। ସିଜେଆଇ ସମ୍ମିଳନୀର ସଫଳତା କାମନା କରିଥିଲେ।

# ବିନୟଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ,୨୨।୨(ପି.ଟି.)**



ମାନସିକ ବିକୃତି ଦର୍ଶାଇ ଚିକିତ୍ସା ପାଇଁ ଆବେଦନ କରିଥିଲେ ନିର୍ଭୟା ଦୋଷୀ

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ବିନୟ ଶର୍ମାଙ୍କ ଚିକିତ୍ସା ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ମାନସିକ ବିକୃତି ଥିବା ଦର୍ଶାଇ ବିନୟ ଚିକିତ୍ସା ପାଇଁ ଆବେଦନ କରିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଡାହାଣ ହାତ ଭାଙ୍ଗିଥିବା ସେ ଦର୍ଶାଇଥିଲେ। ମୁଣ୍ଡରେ ଆଘାତ ଯୋଗୁ ମାନସିକ ବିକୃତି ଦେଖାଦେଇଛି। ସେ ତାଙ୍କ ମାଆ ଓ ଅନ୍ୟମାନଙ୍କୁ ଚିହ୍ନିପାରୁ ନ ଥିବା ତାଙ୍କ ଓକିଲ ଦର୍ଶାଇଥିଲେ। ଏନେଇ କୋର୍ଟ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଜବାବ ମାଗିଥିଲେ। ବିନୟଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ସେ ଜାଣିଶୁଣି ମୁଣ୍ଡ ବାଡ଼େଇ ଆହତ ହୋଇଥିବା ଜେଲ୍ କର୍ତ୍ତୃପକ୍ଷ କୋର୍ଟଙ୍କୁ ଜଣାଇଥିଲେ। ପୂର୍ବରୁ ତାଙ୍କର ମାନସିକ ବିକୃତିର କୌଣସି ସୂଚନା ନ ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡିଥିବା ମାନସିକ ରୋଗ ବିଶେଷଜ୍ଞ କୋର୍ଟରେ ହାଜର ହୋଇ କହିଥିଲେ। ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରଣା ଏହା ଶୁଣିବା ପରେ ବିନୟଙ୍କ ଚିକିତ୍ସା ଆବେଦନକୁ ଖାରଜ କରିଦେଇଛନ୍ତି।

ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦେବା ପାଇଁ ପଟିଆଲା ହାଉସ୍ କୋର୍ଟ ତୃତୀୟ ଥର ପାଇଁ ଡେଥ୍ ୱାରେଣ୍ଟ ଜାରି କରିଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ ବାହାନା କରି ଅପରାଧୀ ସମୟ ଗଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

# ଆତଙ୍କବାଦକୁ ଲଗାମ ଦେଉ ପାକ୍

**ୱାଶିଂଟନ,୨୨।୨(ପି.ଟି.)**

ଭାରତ ସହ ଆଲୋଚନା ପାଇଁ ହ୍ୱାଇଟ୍ ହାଉସ୍‌ର ପରାମର୍ଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଦୁଇ ପଡୋଶୀ ଦେଶ ଭାରତ ଓ ପାକ୍ ଉତ୍ତେଜନା ହ୍ରାସ କରିବା ଉପରେ ଟ୍ରମ୍ପ ଗୁରୁତ୍ୱ ଦେଇଛନ୍ତି। ଦୁଇଦେଶ ମଧ୍ୟରେ ସଫଳ ଆଲୋଚନା ପାଇଁ ଇସ୍‌ଲାମାବାଦକୁ ନିଜ ଅଞ୍ଚଳରୁ ଆତଙ୍କବାଦୀ ଓ ଉଗ୍ରପନ୍ଥୀମାନଙ୍କୁ କାବୁ କରିବାକୁ ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଭାରତ ସରକାର ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇସ୍‌ଲାମାବାଦ ନୂଆଦିଲ୍ଲୀ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି। ଭାରତ ଗସ୍ତ ବେଳେ ଟ୍ରମ୍ପ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେବେ କି ବୋଲି ପ୍ରଶ୍ନରେ ଅଧିକାରୀ ଜଣକ ଉପରୋକ୍ତ ମତ ଦେଇଥିଲେ। ସୂଚନାଯୋଗ୍ୟ କଶ୍ମୀର ପ୍ରସଙ୍ଗରେ ସହାୟତା କରିବା ପାଇଁ ଟ୍ରମ୍ପ ଏକାଧିକ ଥର ପ୍ରସ୍ତାବ ଦେଇଛନ୍ତି। ତେବେ କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଏଥିରେ ତୃତୀୟ ପକ୍ଷର ହସ୍ତକ୍ଷେପ ଦରକାର ନାହିଁ ବୋଲି ନୂଆଦିଲ୍ଲୀ ବାରମ୍ବାର କହିଆସୁଛି।

# ଭାରତୀୟ ବିମାନକୁ ଅନୁମତି ଦେଉନି ଚାଇନା

**ଉହାନ, ୨୨।୨**

ଚାଇନାରେ କରୋନା ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଏବେସୁଦ୍ଧା ସେଠାରେ କରୋନା ମୃତ୍ୟୁସଂଖ୍ୟା ୨,୩୪୫ରେ ପହଞ୍ଚିଥିବାବେଳେ ପ୍ରାୟ ୭୬ ହଜାର ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅନେକ ଭାରତୀୟ ଚାଇନାରେ ଏବେ ବି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଭାରତୀୟ ବାୟୁସେନାର ରିଲିଫ ବିମାନକୁ ଚାଇନା ଉଦ୍ଦେଶ୍ୟମୂଳକ ଭାବେ ଅନୁମତି ଦେଉ ନ ଥିବା ଅଭିଯୋଗ କରାଯାଇଛି। ଫେବୃୟାରୀ ୧୬ରୁ ଜାପାନ, ୟୁକ୍ରେନ, ଫ୍ରାନ୍ସ ବିମାନକୁ ଚାଇନା ଅନୁମତି ଦେଇଥିବା ବେଳେ ଭାରତକୁ ଜାଣିଶୁଣି ଅବହେଳା ପ୍ରଦର୍ଶନ କରାଯାଉଛି। କରୋନା ସଂକ୍ରମିତ ଚାଇନାକୁ ଭାରତ ସହଯୋଗର ହାତ ବଢ଼ାଇ ଥିବାବେଳେ ଏପର୍ଯ୍ୟନ୍ତ ରିଲିଫ ବିମାନକୁ ଅନୁମତି ଦିଆଯାଇ ନାହିଁ। ଚାଇନା ଦୂତାବାସର ମୁଖପାତ୍ର କହିଛନ୍ତି, ଉଦ୍ଦେଶ୍ୟମୂଳକ ଭାବେ ନୁହେଁ ବରଂ ଯୋଗାଯୋଗରେ ବିଳମ୍ବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ହୁବେଇ ସ୍ଥିତି ଏବେ ଉଦ୍‌ବେଗଜନକ ରହିଛି। ଭାରତୀୟଙ୍କ ସୁରକ୍ଷା ଓ ସହାୟତା ଦାୟିତ୍ୱ ଚାଇନା ମଧ୍ୟ ନେଉଛି। କରୋନା ସଂକ୍ରମଣକୁ ରୋକିବା ଓ ନାଗରିକଙ୍କୁ ସୁରକ୍ଷିତ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ପୂର୍ବରୁ ଭାରତ ୬୫୦ ନାଗରିକଙ୍କୁ ସେଠାରୁ ଉଦ୍ଧାର କରିସାରିଛି। ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ି ଥିବାବେଳେ ସେଠାରେ ଥିବା ଅନ୍ୟ ଭାରତୀୟଙ୍କୁ ଫେରାଇ ଅଣାଯିବା ଲାଗି ପ୍ରୟାସ ଜାରି ରହିଛି।

## ସିଙ୍ଗାପୁର ନ ଯିବାକୁ ଭାରତୀୟଙ୍କୁ ପରାମର୍ଶ

**ନୂଆଦିଲ୍ଲୀ, ୨୨।୨(ପି.ଟି.):** ଚାଇନାରେ କରୋନା ଭାଇରସ୍ ଆତଙ୍କ ସୃଷ୍ଟି କରିଥିବା ବେଳେ ପଡ଼ୋଶୀ ଭାରତ ଏନେଇ ସତର୍କ ରହିଛି। କରୋନା ସଂକ୍ରମଣ ରୋକିବା ଲାଗି ଭାରତ ଏକାଧିକ ପଦକ୍ଷେପ ଗ୍ରହଣ କରିଛି। ନିହାତି ଆବଶ୍ୟକ ନ ଥିଲେ ସିଙ୍ଗାପୁର ଗସ୍ତ ବାତିଲ କରିବା ଲାଗି ଶନିବାର ସମସ୍ତ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। କରୋନା ସଂକ୍ରମଣ ବ୍ୟାପୁଥିବା ବେଳେ ବିଶ୍ୱ ଲାଗି ଏହା ଏକ ସତର୍କ ଘଣ୍ଟି ପାଲଟିଛି। ହଂକଂ, ଥାଇଲାଣ୍ଡ, ଦକ୍ଷିଣ କୋରିଆ, ନେପାଳ, ଇଣ୍ଡୋନେସିଆ, ଭିଏତ୍‌ନାମ, ମାଲେସିଆରୁ ଭାରତ ଆସୁଥିବା ବିମାନ ଯାତ୍ରୀଙ୍କୁ ବିମାନବନ୍ଦରରେ ସ୍କ୍ରିନିଂ କରାଯାଉଛି। କ୍ୟାବିନେଟ ସଚିବ ଶନିବାର ପରିସ୍ଥିତିର ସମୀକ୍ଷା କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ବେସାମରିକ ବିମାନ ଚଳାଚଳ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବଙ୍କ ସହ ସ୍ୱରାଷ୍ଟ୍ର, ବହିର୍ବ୍ୟାପାର ମନ୍ତ୍ରଣାଳୟର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ନଭେମ୍ବରରେ ବିହାର ନିର୍ବାଚନ: ନଡ୍ଡା

**ପାଟନା,୨୨।୨:** ବିହାର ବିଧାନସଭା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଶନିବାର ବିଗୁଲ ବାଜିଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆୟୋଜିତ ଏକ ସଭାରେ ନିର୍ବାଚନ ମାସ ସମ୍ପର୍କରେ ସୂଚନା ଦେଇଛନ୍ତି। ନଡ୍ଡା କହିଛନ୍ତି, ଆସନ୍ତା ନଭେମ୍ବର ମାସରେ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ସହ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ କୁମାର କ୍ଷମତା ଦଖଲ କରିବେ। ତେବେ ନିର୍ବାଚନ କମିଶନଙ୍କ ଘୋଷଣା ପୂର୍ବରୁ ଭାଜପା ନେତା କିଭଳି ନିର୍ବାଚନ କେବେ ହେବ ତାହା ଜାଣିପାରୁଛନ୍ତି, ସେ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ଏଭଳି କିଛି ଭାଜପା ନେତା ମଧ୍ୟ ନିର୍ବାଚନ ସମୟ ସମ୍ପର୍କରେ ସୂଚନା ଦେଇଥିବା ନଜିର ରହିଛି।



**OFFICE OF THE MUNICIPAL COUNCIL, PHULBANI, KANDHAMAL**

**e-Procurement Notice**

**Tender Call Notice No.361, Dated: 17.02.2020**
**BID Reference No.EO_PLB.M_04_2019-20**
**Tender ID- 2020_ORULB_60159_1 to 60159_2**

| | | |
|---|---|---|
| 1 | Name of the work | 2 number of work as in the DTCN published in the website |
| 2 | Estimated Cost | Rs.13,70,000/- to Rs.47,60,000/- |
| 3 | Period of completion | 90 days |
| 4 | Date and time of availability of bid documents | From 10.00 A.M. on 24.02.2020 to 5.00 P.M. on 02.03.2020 |
| 5 | Last date / time for receipt of bids in the portal | 5.00 P.M. on 02.03.2020 |
| 6 | Date and time of opening bid | After 3.00 P.M. on 04.03.2020 |
| 7 | Name and address of the officer inviting Bid | Executive Officer, Phulbani Municipality |

Further details can be seen from the e-procurement portal https://tendersorissa.gov.in

Sd./- Executive Officer, Phulbani Municipality

## ୩ କଲେଜ ଛାତ୍ରୀ ଜଳିଗଲେ

**ଚଣ୍ଡିଗଡ଼,୨୨।୨(ଆଇଏଏନ୍ଏସ୍):** ଚଣ୍ଡିଗଡ଼ ସେକ୍ଟର ୩୨ ଅଞ୍ଚଳରେ ଥିବା ଏକ ଭଡ଼ାଘରେ ଶନିବାର ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ଏଥିରେ ୩ କଲେଜ ଛାତ୍ରୀ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ହୋଇଥିବା ବିଶ୍ୱାସ କରାଯାଉଛି। ଉକ୍ତ ୨ ମହଲା କୋଠାରେ ୩୦ରୁ ଅଧିକ ଛାତ୍ରୀ ରହୁଥିଲେ।

## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୨।୨(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ଲଶ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀ ଦ୍ୱୟ ହେଲେ କୁଲଗାମ୍ ନିବାସୀ ନଓ୍ୱିଦ୍ ଅହମଦ ଓରଫ ଫୁର୍‌କାନ ଓ ଆକିବ୍ ୟାସିନ୍ ଭଟ୍ଟ। ଅନ୍ୟ ଏକ ଘଟଣାରେ ବାରମୁଲ୍ଲାରୁ ହିଜ୍‌ବୁଲ କମାଣ୍ଡର ଜୁନୈଦ ଫାରୁକ୍ ପଣ୍ଡିତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଗୋଟିଏ ପିସ୍ତଲ ସହ ୩୦ ରାଉଣ୍ଡ ଗୁଳି ଜବତ ହୋଇଛି।

[ଇତିହାସର ଆଇନାରେ]


### ଫେବୃୟାରୀ ୨୩ର ପ୍ରମୁଖ ଘଟଣା

୧୯୯୮ ଫେବୃୟାରୀ ୨୩ରେ ସାମୁଦ୍ରିକ ଝଡ଼ ଫ୍ଲୋରିଡାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ୪୪ ଜଣ ଏଥିରେ ମୃତ୍ୟୁବରଣ କରିଥିବା ବେଳେ ୨୬୦ ଆହତ ହୋଇଥିଲେ।

୨୦୧୨ ଫେବୃୟାରୀ ୨୩ରେ ଇରାକ୍‌ରେ ସିରିଜ୍ ବୋମାମାଡ଼ କରାଯିବାରୁ ୮୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ।

# ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗ ଉଠାଇବେ ଟ୍ରମ୍ପ୍

**ୱାଶିଂଟନ,୨୨।୨(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗ ଉଠାଇବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଭାରତର ଗଣତାନ୍ତ୍ରିକ ପରମ୍ପରା ଓ ଅନୁଷ୍ଠାନ ପ୍ରତି ଆମେରିକାର ଯଥେଷ୍ଟ ସମ୍ମାନ ରହିଛି। ଭାରତ ଏହି ମୂଲ୍ୟବୋଧ ବଜାୟ ରଖିବା ଲାଗି ଆମେରିକା ଉତ୍ସାହ ଦେବା ଜାରି ରଖିବ। ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଆମେରିକା ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା କମିଶନ ଏକ ଫ୍ୟାକ୍ଟଶିଟ୍ ପ୍ରକାଶ କରିଛି। ଭାରତ ସରକାର ଆଣିଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସେଠାରେ ଧର୍ମୀୟ ସ୍ୱାଧୀନତା ଅବକ୍ଷୟର ସୂଚନା ବୋଲି ଏଥିରେ ଉଲ୍ଲେଖ ରହିଛି। ଟ୍ରମ୍ପ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ସିଏଏ ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ପ୍ରସଙ୍ଗରେ ଆଲୋଚନା କରିବେ କି ବୋଲି ପ୍ରଶ୍ନ ହେବାରୁ ହ୍ୱାଇଟ୍ ହାଉସ୍‌ର ଜଣେ ଉଚ୍ଚ ପଦାଧିକାରୀ ଉପରୋକ୍ତ ମତ ଦେଇଛନ୍ତି। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତ ଆସିଥିବା ପଡୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ସିଏଏରେ ବ୍ୟବସ୍ଥା ରହିଛି। ଧର୍ମ ଆଧାରରେ ନାଗରିକତ୍ୱ ପ୍ରଦାନକୁ ଭାରତର ବିଭିନ୍ନ ମହଲରେ ବିରୋଧ କରାଯାଉଛି। ସାର୍ବଜନୀନ ମୂଲ୍ୟବୋଧ ଏବଂ ଆଇନର ଶାସନକୁ କାଏମ ରଖିବା ଲାଗି ଉଭୟ ଦେଶ ପ୍ରତିବଦ୍ଧ। ତେବେ ସିଏଏ ଏବଂ ଏନ୍ଆର୍‌ସିର କେତେକ ପ୍ରସଙ୍ଗକୁ ନେଇ ଆମେ ଚିନ୍ତିତ ବୋଲି ଟ୍ରମ୍ପ ପ୍ରଶାସନର ଉକ୍ତ ଅଧିକାରୀ କହିଛନ୍ତି।

## ମୌର୍ଯ୍ୟ ହୋଟେଲରେ ଟ୍ରମ୍ପଙ୍କ ରହଣି

**ନୂଆଦିଲ୍ଲୀ,୨୨।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ ଦିନିଆ ଗସ୍ତରେ ଭାରତ ଆସୁଛନ୍ତି। ତାଙ୍କ ଭାରତ ଗସ୍ତକୁ ସ୍ମୃତି ବହୁଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଉଦ୍ୟମ ଜାରି ରଖିଛନ୍ତି। ଟ୍ରମ୍ପ ଦିଲ୍ଲୀର ମୌର୍ଯ୍ୟ ହୋଟେଲରେ ରହିବେ। ଏଠାରେ ଗୋଟିଏ ରାତି ପାଇଁ ରୁମ୍ ଭଡ଼ା ୮ ଲକ୍ଷ ଟଙ୍କା ରହିଛି। ଏହି ହୋଟେଲର ପ୍ରେସିଡେନ୍ସିଆଲ ଫ୍ଲୋରର ଚାଣକ୍ୟ ସୁଟ୍‌ରେ ଟ୍ରମ୍ପ ରହିବେ।

ଗୋଟିଏ ରାତିର ରୁମ୍ ଭଡ଼ା ୮ ଲକ୍ଷ

ମୌର୍ଯ୍ୟ ହୋଟେଲର ପ୍ରେସିଡେନ୍ସିଆଲ ଫ୍ଲୋରରେ ଏହା ପୂର୍ବରୁ ରାଜା ଅବ୍ଦୁଲା, ରୁଷିଆ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁଟିନ୍, ବ୍ରୁନେଇ ସୁଲତାନ, ଟୋନୀ ବ୍ଲେୟାର, ଦଲାଇ ଲାମାଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ରହିସାରିଛନ୍ତି।

## ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**ଅହମଦାବାଦ,୨୨।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫେବୃୟାରୀ ୨୪ରେ ଭାରତ ଗସ୍ତରେ ଆସୁଛନ୍ତି। ତାଙ୍କ ପରିବାର ପାଇଁ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା କାର୍ଯ୍ୟରେ ୨୫ ହଜାରରୁ ଅଧିକ ପୋଲିସ କର୍ମୀଙ୍କୁ ମୁତୟନ କରାଯାଇଛି। ଟ୍ରମ୍ପଙ୍କ ୩୬ ଘଣ୍ଟିଆ ଗସ୍ତ କାର୍ଯ୍ୟକ୍ରମରେ ୧୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। ଟ୍ରମ୍ପ ପରିବାର ସଦସ୍ୟଙ୍କ ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ଆମେରିକା ସିକ୍ରେଟ୍ ସର୍ଭିସ୍ ହାତରେ ରହିବ। ସେହିପରି ଅନ୍ୟ ସୁରକ୍ଷା ସ୍ତରଗୁଡ଼ିକର ଦାୟିତ୍ୱରେ ଏନ୍ଏସ୍‌ଜି, ଚେତକ କମାଣ୍ଡୋ, ଅର୍ଦ୍ଧ ସାମରିକ ସୁରକ୍ଷାକର୍ମୀ, ପୋଲିସକର୍ମୀଙ୍କୁ ନିୟୋଜିତ କରାଯାଇଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
SCRIPS PMU, Janpath, Bhubaneswar -751 022 (Odisha)
OPTCL Lifeline of Odisha
E-mail: scripspmu@optcl.co.in CIN: U40102OR2004SGC007553

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ୧୩୨କେଭି ଭୂତଳ ବିଦ୍ୟୁତ୍ କେବୁଲ୍ ଲାଇନ୍ ୨୨୦/୧୩୨/୩୩କେଭି ସବ୍‌ଷ୍ଟେସନ୍, ଚନ୍ଦକା-ଖ ଠାରୁ ୧୩୨/୩୩କେଭି ସବ୍‌ଷ୍ଟେସନ୍, ମଞ୍ଚେଶ୍ୱର-ଖ ପର୍ଯ୍ୟନ୍ତ ରାସ୍ତାର ବାମ / ଡାହାଣ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଯାଇଅଛି। ଏହି କେବୁଲ୍ ଲାଇନ୍ ଇନ୍‌ଫୋସିଟି ପୋଲିସ୍ ଷ୍ଟେସନରୁ କିଟ୍ ମେଡିକାଲ୍ ଛକ (ଡାହାଣ), କିଟ୍ ମେଡିକାଲ୍ ଛକରୁ ସାଇ ଆନ୍ତର୍ଜାତୀୟ ବିଦ୍ୟାଳୟ (ବାମ), ସାଇ ଆନ୍ତର୍ଜାତୀୟ ବିଦ୍ୟାଳୟରୁ ପଟିଆ ଛକ (ବାମ), ପଟିଆ ଛକରୁ ଓମ୍‌ଫେଡ୍ ଛକ ଭାୟା ଡମଣା ଛକ (ଡାହାଣ), ଓମ୍‌ଫେଡ୍ ଛକରୁ ରେଲଓ୍ୱେ ଷ୍ଟାଡିୟମ୍ (ଡାହାଣ), ରେଲଓ୍ୱେ ଷ୍ଟାଡିୟମରୁ ରେଲଓ୍ୱେ ହସ୍ପିଟାଲ ଛକ (ବାମ), ରେଲଓ୍ୱେ ହସ୍ପିଟାଲ ଛକରୁ ବି.ଏମ୍.ସି. ଡମ୍ପୟାର୍ଡ (ଡାହାଣ), ବି.ଏମ୍.ସି. ଡମ୍ପୟାର୍ଡ (ସାମନା ରାସ୍ତା ବାମ ପାର୍ଶ୍ୱ), ମଞ୍ଚେଶ୍ୱର ରେଲଓ୍ୱେ ଷ୍ଟେସନ୍ ରାସ୍ତା (ଡାହାଣ), ମଞ୍ଚେଶ୍ୱର ରେଲଓ୍ୱେ ଷ୍ଟେସନ୍ ରାସ୍ତାରୁ ଓ.ଡି.ସି.ଏଲ୍. ଛକ (ବାମ), ଓ.ଡି.ସି.ଏଲ୍. ଛକରୁ ଇଡ୍.କୋ. ବିଲ୍ଡିଙ୍ଗ୍ ଛକ (ଡାହାଣ), ଇଡ୍.କୋ. ବିଲ୍ଡିଙ୍ଗ୍ ଛକରୁ ମଞ୍ଚେଶ୍ୱର-ଖ (ବାମ) ରାସ୍ତା ତଳ ଦେଇ ବିଛାଯାଇଅଛି ଏବଂ ମଞ୍ଚେଶ୍ୱର ରେଲଓ୍ୱେ ଷ୍ଟେସନ୍ ପାଖରେ ରେଳ ଧାରଣାକୁ ଅତିକ୍ରମ କରିଛି। ଉକ୍ତ ୧୩୨ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ କେବୁଲ୍ ଲାଇନ୍ ଆସନ୍ତା ତା.୨୫.୦୨.୨୦୨୦ ଠାରୁ ଯେକୌଣସି ମୁହୂର୍ତ୍ତରେ ସଂଯୋଗ କରାଯାଇ ବିଦ୍ୟୁତ୍ ସରବରାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ୍‌ର ଧାରା ଅନୁଯାଇ ଭୂତଳ ଲାଇନ୍ ଉପରେ କୌଣସି ଖୋଳା ଖୋଳି କାର୍ଯ୍ୟ, ଭୂତଳ କାର୍ଯ୍ୟ ଯଥା ସୁଡଙ୍ଗ କରିବା ଏବଂ ଘର ତୋଳିବା, ଗଛ ଲଗାଇବା, ଲମ୍ବା କାଠ ବା ଲୁହାଖଣ୍ଡ ଉଠାଇବା ଆଦି ନିଷେଧ, ଦଣ୍ଡନୀୟ ଓ ବିପଦଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି।

ଏଣୁ ସର୍ବସାଧାରଣଙ୍କୁ ଉପରୋକ୍ତ ସତର୍କତାକୁ ଅବଲମ୍ବନ କରି ନିଷେଧ କାର୍ଯ୍ୟଗୁଡ଼ିକୁ ନ କରିବା ପାଇଁ ଅନୁରୋଧ କରାଯାଉଛି।

ସ୍ୱା/-
ମୁଖ୍ୟ ମହାପ୍ରବନ୍ଧକ (ବିଦ୍ୟୁତ୍)

Please connect us: optcl.odisha optcl_odisha energyodisha

# କଶ୍ମୀରରେ ୨୫୦ ଆତଙ୍କବାଦୀ ସକ୍ରିୟ

**ଶ୍ରୀନଗର, ୨୨।୨(ପି.ଟି.):** କଶ୍ମୀରରେ ଏବେ ବି ଆତଙ୍କବାଦୀମାନେ ସକ୍ରିୟ ଅଛନ୍ତି। ତାଲିକାଭୁକ୍ତ ଆତଙ୍କବାଦୀଙ୍କ ସଂଖ୍ୟା କମି ୨୫୦ରେ ପହଞ୍ଚିଛି। ୨୦୨୦ରେ ଅର୍ଥାତ ଗତ ୨ ମାସ ମଧ୍ୟରେ ସୁରକ୍ଷାକର୍ମୀଙ୍କ ଏକାଧିକ ଅପରେଶନରେ ୨୫ ଆତଙ୍କବାଦୀ ପ୍ରାଣ ହରାଇଥିବା ଜମ୍ମୁ-କଶ୍ମୀର ଡିଜିପି ଦିଲ୍‌ବାଗ ସିଂ ଶନିବାର ପ୍ରକାଶ କରିଛନ୍ତି। ଚଳିତବର୍ଷ ଅନ୍ତର୍ଜାତୀୟ ସୀମା ଦେଇ ୩ ଆତଙ୍କବାଦୀ ଭାରତ ଭିତରକୁ ଅନୁପ୍ରବେଶ କରିଥିବା ସେ କହିଛନ୍ତି।

ଦୁଇ ମାସରେ ୧୨ ଅପରେଶନ: ମଲେଣି ୨୫

ସେମାନଙ୍କ ମଧ୍ୟରୁ ତ୍ରାଲ୍ ସେକ୍ଟର୍‌ରେ ଜଣେ ଜେଇଏମ୍ ଆତଙ୍କବାଦୀଙ୍କୁ ସୁରକ୍ଷାକର୍ମୀମାନେ ନିପାତ୍ କରିଛନ୍ତି। ପୂର୍ବରୁ ଅନେକ ଆତଙ୍କବାଦୀ ସୀମା ଡେଇଁ ଭାରତରେ ପ୍ରବେଶ କରିଥିବା ବେଳେ ଏବେ ସେନାର କଠୋର କାର୍ଯ୍ୟାନୁଷ୍ଠାନ ଯୋଗୁ ଏହା ଯଥେଷ୍ଟ କମିଥିବା ସେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗତ ୨ ମାସ ମଧ୍ୟରେ ପ୍ରାୟ ୧୨ ଅପରେଶନ ସେନା ପକ୍ଷରୁ କରାଯାଇ ୨୫ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିବା ସେ କହିଛନ୍ତି। ଉପତ୍ୟକାରେ ୯, ଜମ୍ମୁରେ ୪ ଆତଙ୍କବାଦୀ ଗିରଫ ହୋଇଛନ୍ତି। ଆତଙ୍କବାଦୀଙ୍କୁ ସମର୍ଥନ ଦେବା ଅଭିଯୋଗରେ ପ୍ରାୟ ୪୦ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ସୋସିଆଲ ମିଡିଆକୁ ଅପବ୍ୟବହାର କରାଯାଇ ବିଭିନ୍ନ ଧମକ ଦିଆଯାଉଛି ଓ ଏନେଇ ସୁରକ୍ଷାକର୍ମୀମାନେ ସତର୍କ ଥିବା ଡିଜିପି ସିଂ ପ୍ରକାଶ କରିଛନ୍ତି।

**ODISHA UNIVERSITY OF AGRICULTURE AND TECHNOLOGY**
BHUBANESWAR-751 003, ODISHA, INDIA
Email: cpcouat2018@gmail.com; Tel : 0674-2562360; Visit us at: www.ouat.nic.in

No. 361/CAET **TENDER NOTICE** Date: 22nd Feb. 2020

Sealed tenders are invited from reputed manufacturers/ authorized dealers having valid GST/PAN and Service Centers in India, preferably in Odisha, for supply, installation and commissioning of different items as specified in the tender document located at different Colleges/ Departments/ Projects located at Bhubaneswar as well as at different parts of Odisha under Odisha University of Agriculture and Technology (OUAT). Interested firms have to download the tender documents from the official Website of OUAT at ouat.nic.in and submit the same along with the required tender fee as specified in the tender document.

The last date for receipt of tender bids by speed post (India post) is16th March, 2020 up to 4 PM. For details of opening of bids, important information, terms and conditions, requirements, etc. please refer to the tender document available at www://ouat.nic.in.

Sd/-
Chairman,
Central Purchase Committee, 2019-20 cum–Dean, CAET, O.U.A.T, Bhubaneswar 751003

# SUNDAY classifieds




## MATRIMONIAL

### BRIDE WANTED

Widow Brahmin boy 1979 Dy. Manager BBSR 14 LPA.9776562742. D-16779

Wanted a widow/ divorcee 40+ for remarriage widower, pensioner. Contact: Whatsapp-7326037796, Mob: 9853151643. Family pension allowed. D-16772

Khandayat boy 1992/ M.Sc, Syndicate Bank Manager. "VAISNABI" 9337336614, 7008967858. D-68594

Wanted Bengali bride for Bengali groom 35yrs, 5'8", LIC agent, Medicine business. Father Retd. Govt. employee, only son. 9040005722, 9937671096. D-16770

ଭୁବନେଶ୍ୱର ସ୍ଥିତ 30,000 ଦରମା, 40 ବୟସ୍କ ବ୍ରାହ୍ମଣ Divorcee ପୁଅଙ୍କ ପାଇଁ ଝିଅ ଦରକାର, 9668488654. D-67933

Wanted fair, goodlooking bride working preferably in IT Sector for handsome karan groom, B.Tech, 29years, 5'9", 15lakhs PA, Software professional, Bangalore, 9348720963. D-68338

Handsome brahmin boy 1989 5'6", 1/1, M.Tech, U.G.C, Net qualified service, T.G.T (Computer Science DAV) N.T.F.C, Contact Swaymbar, 9861501286, 9583335399. D-60874

Kaibarta boy/31/5.6, B.Tech Govt. job in Chennai, 8-9 LPA, need a educated beautiful girl (any caste) 8594934817, 8895265673. D-16854

Brahmin boy 1994/5'8", serving MNC Bhubaneswar requires beautiful bride 8144591758. D-68595

### GROOM WANTED

ଜାତିବନ୍ଧନ ନାହିଁ। 35, 5'.3", M.A, B.Ed, ମହିଳା ବାଳ ବିକାଶ ସୁପର୍‌ଭାଇଜର, ମାସିକ ଆୟ 38,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16857

Khandayat girl M.Sc./ Railway service 26+/ SBI/PO. SUHAG: 9938199964, 9090486408. D-67292

Highschool Clerk 41 ବୟସ୍କା ବିଧବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର, 7381460016. D-67932

Now Matrimonial ads. only on Wednesday & Sunday Book 1 Get 1 FREE

automobile

### SALE

Hyundai creta, I twenty, Honda City, KUV 100, Pajero & others: 9937153557. D-16844

real estate

### SALE

Bhubaneswar AIIMS ନିକଟରେ yellowzone ଏବଂ BDA ପ୍ଲାନ ଏରିଆ ଥାଇ ଘରବାରି ପ୍ଲଟ (40x36x3) ବିକ୍ରିହେବ। 9861237472. D-67748

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

**ଭୁବନେଶ୍ୱର ହଂସପାଳଛକ ଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320.** D-68479

For sale 72 Decimal gharabari Kisan Land by the side of Chandanpur Flyover infront of Samjajpur Village. On the main road @ 3lakh per Decimal (Negotiable), Contact mobile no.- 9938138185. D-69010

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

Plot for sale at Puri near Lokanath Temple sthitiban patta plot, 30ft road, electrification sqft. 1000. Contact- 9438422888. D-69220

**ଭୁବନେଶ୍ୱର କଟଣୀଗେଟ୍ ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843.** D-68488

3BHK Duplex 35,00,000/- finishing Hanspal, low cost plot Atala-6372150338. D-68668

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

**ଭୁବନେଶ୍ୱର ବାଲକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

ମଦନପୁର Infocity-II 200' Road ପାଖରେ yellowzone boundary plot ନିଅନ୍ତୁ। 9438859527. D-68496

**5Acres sthitiban land for sale 27 lakhs @ acre. Location- 3kms from Chhatabar Chhak. 1.1acres sthitiban land near Gangua Canal. 2lakhs per guntha (brokers are not allowed). Mob: 6371297190.** D-16792

Gharabari plot sale Sundarpada near Hi-tech Plaza sqft. 910/-. 9337766961, 9439364818. D-16820

**ସୁନ୍ଦରପଦା Hitech Plaza ପାଖରେ 30'ରାସ୍ତା, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040.** D-68495

**Best location, development, communication and price ready for construction Balianta, Pahala, Nakhara (Both general and SC plot available )- 9040059669.** D-68667

1600 sqft. gharabari residential plot for sale near Rabi Talkies, Tankapani Road, Bhubaneswar. 51 lakh. 7326084916. D-69221

Well Developed 30' Road with Boundarywall plot at Bilipada Near Gudiapokhari, Bhubaneswar Call: 9937518482, 8908805482. D-68669

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

4BHK (2300Sqft.) with double parking readymade new luxurious apartment sale at prime location of Puri. Please call: 9438109040, 8144658008. D-16821

**GA freehold plot sale immediately at Surya Nagar (4000 sqft.) only buyer contact Deepak-9937329999.** D-68070

Duplex house (five bedrooms, outhouse, covered car parking) near IRC Village (no broker), 7684836369 (9-5 pm). D-65902

13500 sqft. gharabari commercial plot 4km from Phulnakhara-Niali, near Bharat Petrol Pump-8658182243. D-68069

NRI'S Bungalow for sale having area 7114sqft. and built up area 3797sqft. at Sabitri Sadan, Rameswar Patana near Mausima square, Bhubaneswar. For details Contact: 9437220545. D-67110

**ଜଙ୍କିଆ ଥାନା ସମ୍ମୁଖରେ NHକୁ ଲାଗି ଘରବାରି plot ବିକ୍ରି ହେବ। 9437041063, 9938499755.** D-16840

Gharabari plots eastfacing boundary walls Tankapaniroad Sai Mandir sqft. 1300/-, 7735738102. D-16835

30 Decimals (13000sqft.) adjacent to NH opposite Bhandaripokhari Petrol Pump 30km to Bhadrak available, 7873657633. D-16838

Own land 2600sqft. sthitiban near AIIMS for sale, Price-2700/- sqft. (negotiable), Contact-7684983099. D-16839

construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech 9040008777.** D-16719

to-let

1/2BHK for family, New forest park, lane-6, Bhubaneswar. Contact: 9437283842. D-68681

1BHK flat in Paikarapur, 2km from SUM Hospital. Contact: 8249917157. D-68670

2BHK flat main road Soubhagya Nagar Unit-8 for office/residence. 9000004523. D-16843

2BHK flat with parking at Lingipur rent family. Contact: 7894381416. D-59945

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

2BHK ground floor with two bathroom south facing car parking at Palashpalli BDA Colony near main road and bus route. Contact: 9437025913. D-16776

To let for Bank/Office/ Residence at Bapuji Nagar, Bhubaneswar, 9437205577. D-67539

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-16741

Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

healthcare

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment-9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Sai herbal spa refresh your body with smart, expert therapist. 7608062524. D-69222

Newly open full body massage by ladies, gents therapist. 8018656899 D-60872

Ayurvedic full body massage by ladies, gents therapist. 7008773793 D-60873

business

A Reputed take away restaurant specializing in variety snacks/ meals requires franchisees. Low Investment. High returns. Call-09330941217. D-16842

**Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery@3500/-per month. Pokhariput, Bhubaneswar. Contact: 9668732935.** D-67291

## LOST

ମୁଁ ଲକ୍ଷୀଧର ସେଠୀ, ପିତା- ସ୍ୱର୍ଗତ ବନମାଳୀ ସେଠୀ, ଗ୍ରାମ- ଶିଶୁପାଳଗଡ଼, ଥାନା- ଧଉଳି, ଜିଲ୍ଲା- ଖୋର୍ଦ୍ଧା, ଘୋଷଣା କରୁଅଛି କି, ମୁଁ ଧଉଳିଠାରୁ ଲିଙ୍ଗିପୁର ରୋଡ ବାଟରେ ଆସୁଥିବା ସମୟରେ ଆଧାରକାର୍ଡ, ପ୍ୟାନକାର୍ଡ, ATM କାର୍ଡ ଓ ଭୋଟର କାର୍ଡ କେଉଁଠାରେ ହଜିଯାଇଅଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ। Phone- 9437590925. D-16855

## AFFIDAVIT

By virtue of an affidavit sworn before the Executive Magistrate, Sohela I, Roji Behera @ Naik, W/o- Subrat Kumar Behera, R/o- village Kanapali, P.O.- Panimora, Dist. Bargarh declared that after marriage I have changed my surname from Naik to Behera. Henceforth I will be known as Roji Behera, W/o- Subrat Kumar Behera for all purposes. D-37395

### ତୃତୀୟ ବର୍ଷ ଜନ୍ମଦିନ ଶୁଭେଚ୍ଛା



(ପ୍ରଜ୍ଞା)

**ଦିବ୍ୟାଞ୍ଜନା**

ନୂଆପଡା, ଚିକିଟୀ ବ୍ଲକ, ଗଞ୍ଜାମ

ତୃତୀୟବର୍ଷ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଅନ୍ନପୂର୍ଣ୍ଣାଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଦୀର୍ଘ ଚଲାପଥ କାମନା କରୁଅଛୁ। ପ୍ରଭୁଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା।

-:ଶୁଭେଚ୍ଛା ସହ:-

ବାବା, ମମି, ଜେଜେ ବାପା, ଜେଜେ ମା', ଅଜା, ଆଈ ଓ ପରିବାରବର୍ଗ।

ଧ-୬୬୬୩୧

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Trends Footwear/ Odisha Hotel, Rabi talkies chakka, Lewis Road, 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty
Ph: 9337336614, 7008967858

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ମିଶ୍ର**

ପ୍ରତିଷ୍ଠାତା ସମ୍ପାଦକ, ସମ୍ରାଟ ମହାବିଦ୍ୟାଳୟ ବ୍ରହ୍ମପୁର, ଗଞ୍ଜାମ

କୃଷ୍ଣଶରଣପୁର (ଶାସନ) କୁଲାଡ଼, ଗଞ୍ଜାମ

ଆବିର୍ଭାବ: ତା. ୦୪।୦୮।୧୯୮୩

ତିରୋଧାନ: ତା. ୦୫।୦୩।୨୦୧୯

(ଫାଲ୍‌ଗୁଣ ଅମାବାସ୍ୟା)

ଆପଣଙ୍କ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କୁ ଉତ୍ତମ ଦିଗ୍‌ଦର୍ଶନ ଓ ପ୍ରେରଣା ଯୋଗାଉଛି। ପ୍ରତି ମୁହୂର୍ତ୍ତରେ ଆମେ ଆପଣଙ୍କ ଅନୁପସ୍ଥିତି ଅନୁଭବ କରୁଛୁ। ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ ଜଣାଉଛୁ।

-:ଶ୍ରଦ୍ଧାଞ୍ଜଳି ସହ:-

ଶୋକ ସନ୍ତପ୍ତ ପରିବାର, ସମ୍ରାଟ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୬୬୬୩୩

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଖଗେଶ୍ୱର ପାତ୍ର**

ପଟଣା, ରତ୍ନଗିରି, ଯାଜପୁର

ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଦିଗ୍‌ଦର୍ଶନ ଆମର ମାର୍ଗ ଦର୍ଶନ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ କରୁଛୁ।

-:ଶୋକସନ୍ତପ୍ତ:-

ପୁତ୍ର: ରମେଶ ଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ବୋହୂ, ଝିଅ ଓ ପାତ୍ର ପରିବାରବର୍ଗ।

ଧ-୧୬୮୪୧

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବୃନ୍ଦାବନ ମହାନ୍ତି**

ଆବିର୍ଭାବ:୦୧।୦୧।୧୯୨୮

ତିରୋଧାନ: ୧୩।୦୨।୨୦୨୦

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:

ତୁମର ପରିବାର ଓ ଆତ୍ମୀୟସ୍ୱଜନ

ଧ-୧୬୮୫୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏକାଦଶାହ ଉପଲକ୍ଷେ



**✓ ଅର୍ଜୁନ ମହାନ୍ତି**

ଆବିର୍ଭାବ-୨୦.୧୧.୧୯୩୪

ତିରୋଧାନ-୧୩.୦୨.୨୦୨୦


ଦୁର୍ଗାବଜାର, ଢେଙ୍କାନାଳ

ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲ । ଚାହିଁ ଚାହିଁ ୧୧ଦିନ ବିତିଗଲା। ତୁମର କର୍ତ୍ତବ୍ୟନିଷ୍ଠ, ଚାଲିଚଳନ, ତ୍ୟାଗ, ଆଦର, ସବୁଦିନ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଢେଙ୍କାନାଳ ଅଧିଷ୍ଠାତା ଦେବତା ପ୍ରଭୁ ଶ୍ରୀ ବଳରାମ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କ ଶୋକସନ୍ତପ୍ତ ପରିବାର ବର୍ଗ- ପୁତ୍ର- ବିନୋଦ, ପ୍ରଶାନ୍ତ, ବୋହୂ ରଜନୀ, ବୁବୁଲି, ସବିତା, ରୁବି, ଝିଅ-ପ୍ରଭାତୀ, ସଂଯୁକ୍ତା, ପଦ୍ମିନୀ, ଜ୍ୱାଇଁ-ପ୍ରାଣବନ୍ଧୁ, ବିଳାସ, ସ୍ମାରକ, ନାତି-ଦେବ, ପିନ୍ଟୁ, ଗୁଲୁ, ବବ୍‌ଲୁ, ମିଲା, ମୁନୁ, ଲିଲନ୍, ସୋମ୍, ଗୁଗୁଲା, ଗୁଗୁ, ନାତୁଣୀ-ପୁଷ୍ପି, ପୂଜା, ଲିଜା, ମୁନି, ମାମୁନି, ନାତୁଣୀ ବୋହୂ-ମାନୁ, ଦୀପା, ସୁରେଖା, ମାମାଲି, ଅଣନାତି, ସାଇ, ଓମ୍, ଛୋଟୁ, ଅଣନାତୁଣୀ, ଟିକି, ମିକି, ପିଙ୍କୁ, କିଟିଙ୍କ ସମେତ ଭାଇ ଦେିତାରୀ, ପୁତୁରା, ପୁତୁରା ବୋହୂ ଓ ମହାନ୍ତି ପରିବାରବର୍ଗ।

ଧ-୬୬୮୪୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କାଶୀନାଥ ରଥ**

ବୀରରାମଚନ୍ଦ୍ରପୁର, ପୁରୀ

ତିରୋଧାନ: ୦୬।୦୩।୨୦୧୯

ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ବନ୍ଧୁ ଓ ପରିବାରବର୍ଗ।

ଧ-୧୬୮୦୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

“ ବେଳେ ବେଳେ ସରଳତା ଭିତ୍ତିକ ସମାଧାନ ଟେକ୍ନୋଲୋଜିଠାରୁ ଅଧିକ ସୁବିଧା ପ୍ରଦାନ କରିଥାଏ। ଏହାକୁ ବିଚାରକୁ ନେବାକୁ ହେବ।

–ସୋନମ ୱାଙ୍ଗଚୁକ୍, ଉଦ୍ଭାବକ ଓ ଶିକ୍ଷା ସଂସ୍କାରକ



“ କିଛି ମୁଷ୍ଟିମେୟ ଗୋଷ୍ଠୀଙ୍କୁ ସହାୟତା ପରିବର୍ତ୍ତେ ଦେଶର ବାଣିଜ୍ୟିକ ପରିବେଶକୁ ସହାୟକ ହେବା ଭଳି ନୀତି ଉପରେ ସରକାର କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।

–କେ.ଭି.ସୁବ୍ରମଣ୍ୟନ, ସିଇଏ



## ସଂକ୍ଷେପରେ

### ପାନାସୋନିକ୍ ଆଣିଲା ନୂଆ କନେକ୍ଟେଡ୍ ଏସି

ଭୁବନେଶ୍ୱର,୨୨-୨

ପାନାସୋନିକ୍ ଇଣ୍ଡିଆ ପକ୍ଷରୁ ନୂତନ ଫ୍ୟୁଚରିଷ୍ଟିକ୍ ରେଞ୍ଜର କନେକ୍ଟେଡ୍ ଏୟାର କଣ୍ଡିସ୍‌ନର୍‌ର ଶୁଭାରମ୍ଭ କରାଯାଇଛି।ଏହି ଏସିର ମୂଲ୍ୟ ୩୫,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅବସରରେ ପାନାସୋନିକ୍ ଇଣ୍ଡିଆର ଏୟାର କଣ୍ଡିସନିଂ ଗ୍ରୁପ୍, ବ୍ୟବସାୟ ମୁଖ୍ୟ ଗୌରବ ଶାହ କହିଛନ୍ତି, ନୂତନ କନେକ୍ଟେଡ୍ ଏସି ରେଞ୍ଜକୁ ପାରମ୍ପରିକ ସ୍ପ୍ଲିଟ୍ ଏସି ଭଳି ସମାନ ମୂଲ୍ୟ ବର୍ଗରେ ଉପଲବ୍ଧ କରିଛୁ। କନେକ୍ଟେଡ୍ ଏସିଗୁଡିକ ପାଇଁ ରହିଥିବା ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଲାଗି ଏହ ଲଞ୍ଚ ସହ ୧୦% ବଜାର ଅଂଶ ଏବଂ ୨୦୨୦-୨୧ ଆର୍ଥିକ ବର୍ଷରେ ଏୟାର କଣ୍ଡିସନର ବର୍ଗରେ ୨୫ରୁ ୩୦% ବିକାଶ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ନୂତନ ରେଞ୍ଜର କନେକ୍ଟେଡ୍ ଏସି ଏଆଇ ସକ୍ଷମ ମିରାୟେ ଆପ୍ ସହ ସହଜତା ପ୍ରଦାନ କରିବା ସହ ଆମର ସ୍ୱତନ୍ତ୍ର ଜେଟ୍‌ଷ୍ଟ୍ରିମ୍, ଏରୋ-ୱିଙ୍ଗ୍‌ସ ଟେକ୍ନୋଲୋଜି ମାଧମରେ ଉନ୍ନତ କୁଲିଂ ସହ ଆରାମ ପ୍ରଦାନ କରୁଛି। ଜୀବାଣୁ ଓ ପିଏମ୍ ୨.୫ କୁ ନଷ୍ଟ କରୁଥିବା ନାନୋଇ-ଜି ଟେକ୍ନୋଲୋଜି ସହ ଉନ୍ନତ ସ୍ୱାସ୍ଥ୍ୟ ପ୍ରଦାନ କରୁଛି। ଏକ ସହଜ ଅଟୋ ଡାଇଗ୍ନୋସିସ୍ ଫିଚର ସହ ନୂଆ କନେକ୍ଟେଡ୍ ରେଆଗୁଆ ସମସ୍ୟାକୁ ଚିହ୍ନଟ କରି ଉପଭୋକ୍ତାଙ୍କୁ ସତର୍କ କରିଥାଏ। ଏଥିସହିତ ପାନାସୋନିକ୍ର ନୂତନ ରେଞ୍ଜର କନେକ୍ଟେଡ୍ ଏସିକୁ ଆମାଜନ୍ ଆଲେକ୍ସା ଓ ଗୁଗଲ୍ ଆସିଷ୍ଟାଣ୍ଟଭଳି ଭଏସ୍ ଆସିଷ୍ଟାଣ୍ଟ ମାଧମରେ ପରିଚାଳନା କରିହେବ।

# ଗ୍ରାହକ ସମ୍ପର୍କକୁ ତନିସ୍କର ଅଗ୍ରାଧିକାର

- ନୂଆ ବିରାସତ କଲେକ୍ସନ ଉନ୍ମୋଚିତ
- ସ୍ୱତନ୍ତ୍ର ଗ୍ରାହକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର,୨୨-୨

ଗ୍ରାହକ ସମ୍ପର୍କକୁ ତନିସ୍କ ସର୍ବଦା ଅଗ୍ରାଧିକାର ଦେଇ ଆସିଛି। ଭୁବନେଶ୍ୱର କମ୍ପାନୀ ଲାଗି ଏକ ରଣନୈତିକ ବଜାର ଭାବେ ଗୁରୁତ୍ୱ ବହନ କରୁଛି। ଗ୍ରାହକଙ୍କୁ ସର୍ବୋତ୍ତମ ଅଫର ପ୍ରଦାନ ଦ୍ୱାରା ସେମାନଙ୍କୁ ପ୍ରତି ମୂହୁର୍ତ୍ତରେ ସ୍ୱତନ୍ତ୍ର ଅନୁଭବ କରାଇବା ତନିସ୍କର ଲକ୍ଷ୍ୟ ବୋଲି କମ୍ପାନୀର କଷ୍ଟମର ଏକ୍ସପେରିଏନ୍ସ ହେଡ୍ ଅନୁପମ ଶାହା ଶନିବାର କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଗ୍ରାହକ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଗ୍ରାହକଙ୍କୁ ସର୍ବୋତ୍ତମ ତଥା ଶୁଦ୍ଧ ଗହଣା ଯୋଗାଇବା ଉପରେ ତନିସ୍କ ବିଶ୍ୱାସ କରେ। ସାରା ଦେଶରେ କମ୍ପାନୀର ଷ୍ଟୋରଗୁଡିକରେ କ୍ୟାରେଟ ମିଟର ଦ୍ୱାରା ଶୁଦ୍ଧତା ପରୀକ୍ଷଣ କରାଯାଇଥାଏ। ଏହି ଅବସରରେ ସେ ନୂଆ ବିରାସତ କଲେକ୍ସନକୁ ବଜାର ପ୍ରବେଶ କରାଇଥିଲେ।



କାର୍ଯ୍ୟକ୍ରମ ଅବସରରେ ନୂଆ କଲେକ୍ସନକୁ ଉନ୍ମୋଚନ କରାଯାଉଛି।

ଏହି କଲେକ୍ସନ ସମ୍ପର୍କରେ ସୂଚନା ଦେଇ ଶାହା କହିଛନ୍ତି, ନୂଆ କଲେକ୍ସନକୁ ରାଜସ୍ଥାନର କାରିଗରମାନେ ପ୍ରସ୍ତୁତ କରିଛନ୍ତି। ଏହାକୁ କାରିଗରମାନେ ସମ୍ପୂର୍ଣ୍ଣ ଭାବେ ହାତରେ ପ୍ରସ୍ତୁତ କରିଛନ୍ତି। ଏନାମେଲ କାରିଗରିଲାଗି ବିରାସତ କଲେକ୍ସନ ଗୁରୁତ୍ୱ ବହନ କରୁଛି। ରାଜସ୍ଥାନ ଉଦୟପୁରର ପ୍ୟାଲେସ, ହ୍ରଦପ୍ରଭୃତିର ପ୍ରେରଣାରୁ କଲେକ୍ସନକୁ ପ୍ରସ୍ତୁତ କରାଯାଇଛି। ଏହାମଧ୍ୟରେ ପିକକ୍ ନେକଲେସ, ରାଜା ମହାରାଜାଙ୍କ କଲେକ୍ସନର ଛାପ, ଆଣ୍ଟିକ ଜୁଏଲେରି, ମହଲର ଗଢଣ ଭଳି କାରିଗରିକୁ ଗ୍ରାହକ ପାଇପାରିବେ। ଇତିହାସ ଏବଂ ଭାରତୀୟ ପରମ୍ପରା ମଧ ଏଠାରେ ରହିଛି। ଗ୍ରାହକଙ୍କ ଚାହିଦା ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଗ୍ରାହକଙ୍କ ସହ ଅଧିକ ଜଡିତ ହେବା ଲକ୍ଷ୍ୟରେ ଏଭଳି ଏକ କାର୍ଯ୍ୟକ୍ରମ ରହିଛି ବୋଲି ଶାହା କହିଛନ୍ତି।

କାର୍ଯ୍ୟକ୍ରମରେ ଫ୍ରାଞ୍ଚାଇଜି ଓନର ମାନିକ ହଂସ କହିଛନ୍ତି ଯେ, ନୂଆ କଲେକ୍ସନରେ ଗ୍ରାହକମାନେ ସ୍ୱତନ୍ତ୍ର ଗହଣା ଲାଭ କରିପାରିବେ। ଏହି ଅବସରରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ମଧ ରହିଛି। ସୁନା ଗହଣାର ଗଢା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ଏବଂ ହୀରା ଗହଣା ମୂଲ୍ୟରେ ୨୦% ପର୍ଯ୍ୟନ୍ତ ରିହାତି ଗ୍ରାହକ ପାଇପାରିବେ। କାର୍ଯ୍ୟକ୍ରମରେ ରିଭା, ଅହଲ୍ୟା କଲେକ୍ସନକୁ ପ୍ରଦର୍ଶନ କରାଯାଇଥିଲା।

# ମାରୁତି ଇଗ୍ନିସ୍ ବିଏସ୍-୬ ଉନ୍ମୋଚନ




ଯାଜପୁର ଅଫିସ,୨୨।୨

ପ୍ରମୁଖ ଯାନ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଲିଃର ନେକ୍ସା ଟୁଇନ ସିଟି ସ୍କାଏ ଅଟୋମୋବାଇଲ୍ସ, ଭୁବନେଶ୍ୱର ପକ୍ଷରୁ ନୂଆ ଇଗ୍ନିସ୍ ବିଏସ୍-୬ ମଡେଲକୁ ଶନିବାର ଯାଜପୁରରୋଡ ନହକା ବାଇପାସ୍‌ଠାରେ ବଜାର ପ୍ରବେଶ କରାଯାଇଛି। ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ମୁଖ୍ୟଅତିଥି, ନେକ୍ସା ଟୁଇନ ସିଟିର ଜିଏମ୍ ଅମିତ ଶର୍ମା ଓ କର୍ପୋରେଟ ମ୍ୟାନେଜର ସ୍ମୃତିରଞ୍ଜନ ବାରିକ ସମ୍ମାନିତ ଅତିଥି ଭାବେ ମଡେଲଟିକୁ ଉନ୍ମୋଚନ କରିଥିଲେ। ଏଥିରେ ଗ୍ରାହକଙ୍କ ଲାଗି ଏକ୍ସଚେଞ୍ଜ ଅଫର ଏବଂ କର୍ପୋରେଟ ଡିସ୍କାଉଣ୍ଟ ରହିଛି। ମଡେଲଟି ଲିଟର ପିଛା ୨୧ କିମି ମାଇଲେଜ ଦେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହାର ଏକ୍ସ ଶୋ'ରୁମ୍ ଭୁବନେଶ୍ୱର ମୂଲ୍ୟ ୪. ୮୩ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଯାନଟି ଗ୍ରାହକଙ୍କୁ ଉଲ୍ଲସିତ କରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗ୍ରାହକ ଓ ଅଂଶୀଦାରଙ୍କ ତରଫରୁ ମିଳିଥିବା ସହଯୋଗ ଓ ସମର୍ଥନକୁ ନେଇ କମ୍ପାନୀ ଏହି ନୂଆ କାରକୁ ବଜାରକୁ ଛାଡିଥିବା କମ୍ପାନୀ ସୂଚନା ଦେଇଛି। ଯାଜପୁରରୋଡରେ ୨୨ ଏବଂ ୨୩ ତାରିଖ ଦୁଇଦିନ ଧରି ଆୟୋଜିତ ହେଉଥିବା କାର ମହୋତ୍ସବରେ ଉନ୍ନତ ବ୍ୟବସାୟ ନେଇ କମ୍ପାନୀ ପକ୍ଷରୁ ଆଶା ରଖାଯାଇଛି।

# ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ୨୧ତମ ମେଗା ଶୋ'ରୁମ୍

ଭୁବନେଶ୍ୱର,୨୨-୨

ପ୍ରମୁଖ ଇଲେକଟ୍ରୋନିକ୍ସ ଶୋ'ରୁମ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଏହାର ୨୧ତମ ମେଗା ଶୋ'ରୁମ ଖୋର୍ଦ୍ଧାର କଳାପଥରଠାରେ ଶୁଭାରମ୍ଭ ହୋଇଛି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ପରିଚାଳନା ନିର୍ଦ୍ଦେଶକ ରାଜେଶ କୁମାର ଗୁପ୍ତା ଏବଂ ଲୋକପ୍ରିୟ ଫର୍ନିଚର କମ୍ପାନୀ ପିଚଟ୍ରୀର ପରିଚାଳନା ନିର୍ଦ୍ଦେଶକ ଆଶିଷ ବଂଶଲ ନୂଆ ଶୋ'ରୁମକୁ ଶୁଭାରମ୍ଭ କରିଥିଲେ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ସର୍ବଦା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଶୋ'ରୁମ ପକ୍ଷରୁ ସୂଚନା ରହିଛି। ଏଠାରେ ଗ୍ରାହକମାନେ ଆକର୍ଷଣୀୟ ଅଫରର ଲାଭ ଉଠାଇ ପାରିବେ। ଉଦ୍‌ଘାଟନୀ ଅଫର ଭାବେ ପ୍ରଥମ ୧୦୦ ଗ୍ରାହକଙ୍କ ଲାଗି ଲକି ଡ୍ର ସୁବିଧା କରାଯାଇଛି। ଏହି ସମୟରେ ଗୋଟିଏ ପ୍ରଡକ୍ଟ କିଣି ଗ୍ରାହକ ୫ଟି ଅଫର ଲାଭ ନେଇ ପାରିବେ। ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଫର୍ନିଚର କ୍ରୟ ଉପରେ ୨୪ ଇଞ୍ଚ ଏଲ୍‌ଇଡି ଟିଭି, ୯୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଫର୍ନିଚର କ୍ରୟରେ ୩୨ ଇଞ୍ଚ ଏଲ୍‌ଇଡି ଟିଭି, ୧.୨୦ ଲକ୍ଷ ଟଙ୍କାର ଫର୍ନିଚର କ୍ରୟରେ ୪୦ ଇଞ୍ଚର ଟିଭି ଗ୍ରାହକ ପାଇପାରିବେ। ସେହିଭଳି ବ୍ରାଣ୍ଡେଡ ଏୟାର କଣ୍ଡିସନର କ୍ରୟରେ ୪୦% ଡିସ୍କାଉଣ୍ଟ, ଏଲ୍‌ଇଡି ଟିଭି କ୍ରୟ ଉପରେ ୫୫% ପର୍ଯ୍ୟନ୍ତ ଡିସ୍କାଉଣ୍ଟ ଏବଂ ହୋମ ଆପ୍ଲାଏନ୍ସ ଉପରେ ଆକର୍ଷଣୀୟ ରିହାତି ସୁଯୋଗ ରହିଛି। ବିବାହ ଋତୁରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ବଣ୍ଡଲ ଅଫର ୩୩,୩୦୦ ଟଙ୍କାରେ ଉପଲବ୍ଧ ହେଉଛି। ସ୍ୱଳ୍ପ ଡାଉନପେମେଣ୍ଟ, ଶୂନ ପ୍ରତିଶତ ସୁଧ, ସହଜ କିସ୍ତି ସୁବିଧା ଗ୍ରାହକଙ୍କ ଲାଗି ଉପଲବ୍ଧ । ଏହି ଅଫରର ଲାଭ ଗ୍ରାହକମାନେ ଉଠାଇବାକୁ ଏମ୍‌ଡି ରାଜେଶ ଗୁପ୍ତା ଆଶାବ୍ୟକ୍ତ କରିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦେଖି ଆଗାମୀ ଦିନରେ ବାରିପଦା, ଅନୁଗୋଳ ଏବଂ ପାରାଦୀପଠାରେ ନୂଆ ଶୋ'ରୁମ ଶୁଭାରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।



# ପିଏମ୍ କିଷାନରେ କୃଷକଙ୍କୁ ୫୦,୮୫୦ କୋଟି ଟଙ୍କା ପ୍ରଦାନ

ନୂଆଦିଲ୍ଲୀ,୨୨-୨

ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ କେନ୍ଦ୍ର ସରକାର ୫୦,୮୫୦ କୋଟି ଟଙ୍କା ପ୍ରଦାନ କରିଥିବା ଶନିବାର କହିଛନ୍ତି। ଇନପୁଟ ଖର୍ଚ୍ଚ ଏବଂ ଘର ଖର୍ଚ୍ଚ ଉଠାଇବା ଦିଗରେ ଏହା ସହାୟକ ହେବ ବୋଲି ସରକାର ମତ ରଖିଛନ୍ତି। ଫେବୃୟାରୀ ୨୪ରେ ଉକ୍ତ ଯୋଜନାକୁ ଗୋଟିଏ ବର୍ଷ ପୂରଣ ହେବାକୁ ଯାଉଛି। ଯୋଜନାର ରୂପାୟନ କିଭଳି ହୋଇଛି ତାକୁ ନେଇ କୃଷି ମନ୍ତ୍ରଣାଳୟ ପକ୍ଷରୁ ଏଭଳି ତଥ୍ୟ ପ୍ରକାଶ କରାଯାଇଛି। ଗତ ବର୍ଷ ଉକ୍ତ ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ଗୋରଖପୁରରେ ଶୁଭାରମ୍ଭ କରିଥିଲେ। ଉକ୍ତ ଯୋଜନାରେ କେନ୍ଦ୍ର ସରକାର ବାର୍ଷିକ ୩ ଟି କିସ୍ତିରେ ୬ ହଜାର ଟଙ୍କା କୃଷକଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରୁଛନ୍ତି। ଯୋଜନାରେ ୧୪ କୋଟି ହିତାଧିକାରୀ ରହିଛନ୍ତି। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ୮.୪୬ କୋଟି କୃଷକଙ୍କୁ ସୁବିଧା ପ୍ରଦାନ କରାଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

REAL ESTATE SALE

APARTMENT FOR IMMEDIATE SALE
At: Kalyani Plaza Annexe, Sundarpada, Off Jatni Road, Bhubaneswar
775 sqft 2 BHK
4th Floor with Lift
Basement Parking facility.
Only Serious Buyers need to contact:
7008053811

FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କସିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
୧% ସୁଧ |୫୦% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

DHARITRI Career appointment Every Wednesday and Saturday

BUSINESS

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ) ।
ମୋ. 9411277198

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୨ ଟ୍ରକ୍ ଧକ୍କା, ହେଲ୍‌ପର ମୃତ

କଣିହାଁ, ୨୨।୨(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳ ୧୪୯ ନମ୍ବର ରାଜପଥ ବରପାଳଠାରେ ଶୁକ୍ରବାର ବିଳମ୍ବିତ ରାତିରେ ୨ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣେ ହେଲପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୋଳ ଜିଲା ପୁରୁଣାକୋଟ ଥାନା ପୁରୁଣାଗଡ ଗ୍ରାମ ଗିରିଧିନି ସାହିର ମାନସ ରଞ୍ଜନ ପଲେଇ। ଏ ସଂକ୍ରାନ୍ତରେ ପୋଲିସ ନଂ. ୩୪/୨୦ରେ ମାମଲା ରୁଜୁ କରିବା ସହ ଟ୍ରକ୍ ଦୁଇଟିକୁ ଜବତ କରିଛି। ଥାନା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସନ୍ତୋଷ ତ୍ରିପାଠୀଙ୍କ ସୂଚନା ମୁତାବକ, ତାଳଚେର ଆଡୁ ପାଲଲହଡ଼ା ଅଞ୍ଚଳକୁ ଯାଉଥିବା ଏକ ଟ୍ରକ୍ (ନଂ. ଓଡି ୩୫ ଡି ୫୩୩୫) ରାସ୍ତାକଡରେ ଛିଡା ହୋଇଥିବା ଅନ୍ୟ ଟ୍ରକ୍(ନଂ. ଓଡ଼ି ୦୫ ଏଏନ୍ ୩୯୧୮)କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଧକ୍କା ଦେଇଥିବା ଟ୍ରକ୍‌ର ହେଲପର ମାନସଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଟ୍ରକ୍ ଦୁଇଟିକୁ ଜବତ କରିଛି। ଏଥିସହ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

### ମୃତକଙ୍କ ପରିଚୟ ମିଳିଲା

କଣିହାଁ, ୨୨।୨(ଡି.ଏନ.ଏ.)- ସମଲ ଥାନା ଶିପୁର ଗ୍ରାମଠାରେ ବୁଧବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିବା ଯୁବକଙ୍କ ପରିଚୟ ମିଳିଛି। ମୃତକ ରେଙ୍ଗାଲି ଥାନା ଅଞ୍ଚଳ କନ୍ତୁଲ ଗ୍ରାମର ଟିକନ ସାହୁ(୨୬) ବୋଲି ଜଣାପଡିଛି। ଦୁର୍ଘଟଣାରେ ତାଙ୍କ ମୁହଁ ବିକୃତ ହୋଇଯାଇଥିବାରୁ ପରିଚୟ ମିଳିପାରୁ ନ ଥିଲା। ଏଥିପାଇଁ ସମଲ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ଚିହ୍ନଟ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିବା ସହ ନଂ. ୩୩/୨୦ରେ ମାମଲା ରୁଜୁ କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ଚିହ୍ନଟ କରାଯାଇଛି। ଟିକନ ତାଙ୍କ ମାଉସୀଙ୍କ ଘରକୁ ଆସି ଶିପୁର ଗ୍ରାମରୁ ଫେରୁଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା।

### ୫ ବଖରା ଜଳିଗଲା



ବଇଣ୍ଡା,୨୨।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ମଣ୍ଡାମ ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଗଣପତି ବେହେରା ଓ ରବି ବେହେରାଙ୍କ ୫ ବଖରା ଜଳିଯାଇଛି। ଗ୍ୟାସ ଚୁଲାରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣାସ୍ଥଳରେ ବାମୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଜଳିଗଲା ଟ୍ରକ୍

କଣିହାଁ, ୨୨।୨(ଡି.ଏନ.ଏ.)- କଣିହାଁ ବ୍ଲକ ଦେଇ ଯାଇଥିବା ୫୩ ନମ୍ବର ରାଜପଥରେ ଶନିବାର ସନ୍ଧ୍ୟାରେ ଏକ ଟ୍ରକ୍ (ଓଆର୍ ୧୯ ଏ ୨୭୨୭)ନିଆଁ ଲାଗି ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣା ପଡି ନ ଥିବାବେଳେ କେହି ଏଥିରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଖବରପାଇ କଣିହାଁ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିଶମ କର୍ମଚାରୀ ରୋହିତ ବେହେରା କହିଛନ୍ତି, ୩ ଦିନ ହେଲା ବ୍ରେକ ଡାଉନ ସମସ୍ୟା ଯୋଗୁ ଟ୍ରକ୍‌ଟି ଯଦୁନାଥପୁର ଗ୍ରାମଠାରୁ କିଛି ଦୂରରେ ଛିଡା ହୋଇଥିଲା। ଟ୍ରକର ବ୍ୟାଟେରି ମାଲିକ କାଢି ନେଇଥିବାବେଳେ ଏଥିରେ ଅନ୍ୟ କୌଣସି ସାମଗ୍ରୀ ନ ଥିଲା।

### ଶୈବପୀଠରେ ଉଠିଲା ମହାଦୀପ

କଣିହାଁ, ୨୨।୨(ଡି.ଏନ.ଏ.)- କଣିହାଁ ବ୍ଲକର ବିଭିନ୍ନ ଶୈବପୀଠରେ ଜାଗର ଉତ୍ସବ ପାଳନ କରାଯାଇଛି। ରାତି ୧୧ ସୁଦ୍ଧା ବିଭିନ୍ନ ଶୈବପୀଠରୁ ମହାଦୀପ ମନ୍ଦିର ଚୂଡାକୁ ଉଠିଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ଭଜନ ସନ୍ଧ୍ୟା, ନାମ ସଂକୀର୍ତ୍ତନ ଆଦି ଆୟୋଜନ କରାଯାଇଥିଲା। ସବୁଠି ଶାନ୍ତିଶୃଙ୍ଖଳାର ସହ ପୂଜା ପାଳନ କରାଯାଇଥିବା କଣିହାଁ, ସମଲ, ରେଙ୍ଗାଲି, ଏନ୍‌ଟିପିସି ଥାନା ତରଫରୁ ସୂଚନା ଦିଆଯାଇଛି।

# ବିଜୁ ଉଦ୍ୟାନ ପାଲଟିଲା ମଣ୍ଡପ



ବିଜୁ ଉଦ୍ୟାନରେ ଭୋଜି ପାଇଁ ଭିଡ଼ାଯାଇଥିବା ଟେଣ୍ଟ।

- ସ୍ତ୍ରୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଭୋଜି ଦେଲେ ଜଣେ ବ୍ୟକ୍ତି
- ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଲେ ପୌର କର୍ମଚାରୀ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ- ନିର୍ବାହୀ ଅଧିକାରୀ

**ଅନୁଗୋଳ ଅଫିସ, ୨୨।୨**

ଅନୁଗୋଳ ହେମସୁରପଡ଼ାସ୍ଥିତ ବିଜୁ ଉଦ୍ୟାନ ଏବେ ପାଲଟିଛି ମଣ୍ଡପ। ସହରରେ ଥିବା ବିଭିନ୍ନ ମଣ୍ଡପକୁ ନ ଯାଇ ମାଗଣାରେ ଲୋକେ ଏଠି ଭୋଜିଭାତ କରୁଥିବା ଅଭିଯୋଗ ହେଉଛି। ଶନିବାର ଏଠାରେ ଏପରି ଏକ ଭୋଜିର ଆୟୋଜନ କରାଯାଇଥିବା ଅଭିଯୋଗ ପରେ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଭୋଜି ଖାଇବାକୁ ପୌରପାଳିକାର ଏକାଧିକ କର୍ମଚାରୀଙ୍କୁ ନିମନ୍ତ୍ରଣ ଦିଆଯାଇଥିଲେ ମଧ୍ୟ ଏପରି ବେଆଇନ କାର୍ଯ୍ୟକୁ କେହି ବିରୋଧ କରି ନ ଥିଲେ। ବରଂ ପୌର ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ କେତେଜଣ କର୍ମଚାରୀ ଏଥିପ୍ରତି ଆଖି ବୁଜିଦେଇଥିବା ଚର୍ଚ୍ଚା ହେଉଛି। ଏପରି ଘଟଣାକୁ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ପ୍ରକାଶ ଯେ, ହେମସୁରପଡ଼ାର ଶିଶୁଙ୍କ ଆମୋଦପ୍ରମୋଦ ପାଇଁ ଢେଙ୍କାନାଳର ପୂର୍ବତନ ଏମ୍‌ପି ତଥାଗତ ସତପଥୀଙ୍କ ସ୍ଥାନୀୟ ଆଞ୍ଚଳ ବିକାଶ ପାଣ୍ଠି (ଏମ୍‌ପି ଲାଡ୍)ରେ ବିଜୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। କିନ୍ତୁ ପୌରପାଳିକା ପକ୍ଷରୁ ରକ୍ଷଣାବେକ୍ଷଣା ତ ଦୂରର ଖୋଲାମେଲାରେ ଛାଡ଼ି ଦିଆଯାଇଥିବା ଉଦ୍ୟାନକୁ ଏବେ ମଣ୍ଡପରେ ପରିଣତ କରିଦିଆଗଲାଣି। ଶନିବାର ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଇଁ ଉଦ୍ୟାନରେ ଟେଣ୍ଟ ବନ୍ଧାଯିବା ସହ ଭୋଜିଭାତର ଆୟୋଜନ କରାଯାଇଥିଲା। ଉଦ୍ୟାନକୁ ଲାଗିଥିବା ପୌରପାଳିକା କଲୋନୀରେ ମାଳ ମାଳ ପୌର କର୍ମଚାରୀ ରହୁଥିବାବେଳେ ସେମାନଙ୍କ ପିଲା ଏଠାକୁ ଖେଳିବାକୁ ଆସୁଛନ୍ତି। କିନ୍ତୁ ସମସ୍ତେ ଦେଖୁଥିଲେ ବି କେହି ଏହାକୁ ବିରୋଧ ନ କରିବା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। କିନ୍ତୁ କଲୋନୀରେ ରହୁଥିବା କର୍ମଚାରୀମାନେ ଏ ବିଷୟରେ ଜାଣି ନ ଥିବା ସଫେଇ ଦେଇଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ କହିଛନ୍ତି, ଉଦ୍ୟାନରେ କାହାରିକୁ ଭୋଜି କରିବାକୁ ଅନୁମତି ପ୍ରଦାନ କରାଯିବାର ପ୍ରଶ୍ନ ଉଠୁନି। ପୌରପାଳିକା କର୍ମଚାରୀ ଏଥିରେ ସମ୍ପୃକ୍ତ ଥିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯିବ।

# ଅପପୁଷ୍ଟି ସଂକ୍ରାନ୍ତରେ ଜାଣିଲେ ଛାତ୍ରୀ




ଅନୁଷ୍ଠିତ ପାଠଚକ୍ରରେ ଅତିଥିମାନେ।

**ଅନୁଗୋଳ ଅଫିସ, ୨୨।୨**

ଅନୁଗୋଳ ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗ ସମ୍ମାନ ପକ୍ଷରୁ ଅଧକ୍ଷା ଡ. ସଙ୍ଗୀତା ଦାସଙ୍କ ଅଧକ୍ଷତାରେ ପୁଷ୍ଟିସାର ଓ କ୍ୟାଲୋରୀ ଜନିତ ଅପପୁଷ୍ଟି ସମ୍ପର୍କରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଧରିତ୍ରୀ ପାତ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପିକା ଡ. ପ୍ରମୋଦା କୁମାରୀ ପ୍ରଧାନ ଶରୀରରେ ପୁଷ୍ଟିସାର ଓ କ୍ୟାଲୋରୀର ଆବଶ୍ୟକତା ସହ ଏହାର ଅଭାବରେ ଅପପୁଷ୍ଟି ବିଷୟରେ ଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସ୍ନେହାଙ୍କିତା ନାୟକ, ସୁଭଦ୍ରା ବେହେରା, ସୁଚିତ୍ରା ପ୍ରଧାନ, ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ଛାତ୍ରୀମାନେ ନିଜ ପାଠଚକ୍ରର ଉପସ୍ଥାପନା କରିଥିଲେ। ଅଧ୍ୟାପିକା ନୀରଜା ସାହୁ, ସବିତା ମିଶ୍ର, ଅରୁଣା ମିଶ୍ର, ସୁଧା ମହାନ୍ତି, ଅଞ୍ଜନ କୁମାର ପ୍ରଧାନ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସସ୍ମିତା ପାଢ଼ୀ, ପ୍ରଭାତି ମିଶ୍ର, ସ୍ୱାଗତିକା ଦେହୁରୀ, ଅପରାଜିତା ପରମାଣିକ, ଗୀତାଞ୍ଜଳି ସାହୁ, ତପନ କୁମାର ବରାଳ ଓ ଜ୍ୟୋତ୍ସ୍ନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ରତ୍ନପ୍ରଭା ସାହୁ ମଞ୍ଚ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରସନ୍ନ ସ୍ମାରକୀ ବ୍ରିଜ୍ ପ୍ରତିଯୋଗିତା ଉଦ୍‌ଘାଟିତ




ଅତିଥି ପ୍ରତିଯୋଗିତା ଉଦ୍‌ଘାଟନ କରୁଛନ୍ତି।

**ଅନୁଗୋଳ ଅଫିସ, ୨୨।୨**

ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟସ୍ତରୀୟ ପ୍ରସନ୍ନ କୁମାର ପ୍ରଧାନ ମେମୋରିଆଲ ବ୍ରିଜ୍ ପ୍ରତିଯୋଗିତା ଅନୁଗୋଳ ଇନଡୋର୍ ଷ୍ଟାଡିୟମଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ବ୍ରିଜ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ରବିବାର ଶେଷ ହେବ। ମୁଖ୍ୟଅତିଥି ଭାବେ ଭାଜପାର ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ରାଜ୍ୟ ଭାଜପାର ସାଧାରଣ ସମ୍ପାଦକ କାଳନ୍ଦୀ ସାମଲ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ମହାନ୍ତି, ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ ଓ ଓଡ଼ିଶା ରାଜ୍ୟ ବ୍ରିଜ୍ ଆସୋସିଏଶନର ସମ୍ପାଦକ ତାପସ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୫ଟି ଦଳରେ ଶହେରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେଇଛନ୍ତି। ଜିଲା ବ୍ରିଜ ଆସୋସିଏଶନ ଉପସଭାପତି ମନୋରଞ୍ଜନ ଦାଶ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଦିଲୀପ କୁମାର ସିହ୍ନା ଧନ୍ୟବାଦ ଦେଇଥିଲେ।

# ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ଉପଜିଲାପାଳ

**ବଇଣ୍ଡା,୨୨।୨(ଡି.ଏନ.ଏ.)**

କିଶୋରନଗର ବ୍ଲକର ବିଭିନ୍ନ ପରୀକ୍ଷାକେନ୍ଦ୍ରଗୁଡ଼ିକୁ ଶନିବାର ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଓ କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ପରିଦର୍ଶନ କରିଛନ୍ତି। ସକାଳେ କିଶୋରନଗର ବ୍ଲକର ନାକିଚି, ଫୁଲାମ୍ବା, ବାମୁର, କିଶୋରନଗର, ରଣିଆକଟା ଆଦି ପରୀକ୍ଷାକେନ୍ଦ୍ରଗୁଡ଼ିକୁ ବୁଲି ଦେଖିଥିଲେ। ଶେଷରେ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିବାସହ ଛାତ୍ରୀଛାତ୍ରମାନେ କିଭଳି କପି ନ କରିପାରିବେ ସେ ନେଇ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ପରାମର୍ଶ ଦେଇଥିଲେ।

# କଟକକୁ ହରାଇଲା ଭୁବନେଶ୍ୱର

**ଅନୁଗୋଳ ଅଫିସ, ୨୨।୨**

### ୯ମ ସର୍ବଭାରତୀୟ ହେମସୁରପଡ଼ା କପ୍ ଫୁଟବଲ




ମ୍ୟାଚର ଏକ ଦୃଶ୍ୟ।

ଅନୁଗୋଳ ଟାଉନ ହାଇସ୍କୁଲ ପଡ଼ିଆରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ଦ୍ୱାରା ଆୟୋଜିତ ହେମସୁରପଡ଼ା ଫୁଟବଲ କପ୍‌ର ଶନିବାର ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ କଟକ ଓ ଭୁବନେଶ୍ୱର ଟିମ୍ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭୁବନେଶ୍ୱର ଦଳ ୧-୦ ଗୋଲରେ ବିଜୟଲାଭ କରିଥିଲା। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ପଡ଼ିଆ ପାଇଁ ୧୦ ଲକ୍ଷ ଟଙ୍କାରେ ପାଚେରି ନିର୍ମାଣ କରାଯିବ। ଏଥିସହ ପଡ଼ିଆର ଉନ୍ନତି ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରତାପ କୁମାର ମହାପାତ୍ର, ବ୍ୟବସାୟୀ ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରବିବାର ଅନୁଗୋଳ ମା’ ବୁଢ଼ୀ କ୍ଲବ ଓ ନୂଆପଡ଼ା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଶନିବାର ସଭା କାର୍ଯ୍ୟକୁ ସାନ୍ତନୁ କୁମାର ସ୍ୱାଇଁ ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ସୁନୀଲ କୁମାର ଦାସ, ଦିବ୍ୟରଞ୍ଜନ ଦାସ, ନିରୂପମା ସିଂହ, ମାଧବ ସାହୁ, ସୌଭାଗ୍ୟ ରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ରଶ୍ମୀରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା



ବଇଣ୍ଡା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଜାଗର ଉତ୍ସବ ପାଳନ କରାଯାଉଛି।

**ବଇଣ୍ଡା,୨୨।୨(ଡି.ଏନ.ଏ.)**

କିଶୋରନଗର ବ୍ଲକର ବିଭିନ୍ନ ଶୈବପୀଠରେ ଶୁକ୍ରବାର ଜାଗର ଯାତ୍ରା ପାଳିତ ହୋଇଯାଇଛି। ସକାଳୁ ବହୁ ଶ୍ରଦ୍ଧାଳୁ ଶିବଙ୍କ ଦର୍ଶନ ପାଇଁ ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ। ବିଶେଷ କରି ବଇଣ୍ଡା, ବଡ଼ହୁଲା, ବାଙ୍କମଠ, ଗାଁ ବଇଣ୍ଡା, ନୂଆଁଭୂଇଁ ଆଦି ଶୈବପୀଠରେ ଶିବରାତ୍ରି ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁ ଦୀପ ଜାଳିଥିଲେ। ରାତି ୧୨ଟା ପରେ ମହାଦୀପ ଉଠିଥିଲା। ଭକ୍ତଙ୍କ ସମାଗମ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସେହିପରି ବଇଣ୍ଡା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଶିବଠାକୁରଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କାର୍ଯ୍ୟାଳୟର ପରିଚାଳିକା ବିନୋଦିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ସରୋଜ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଦୁଷ୍ମନ୍ତ ଦେହୁରି, ପୂର୍ବତନ ବ୍ୟାଙ୍କ କର୍ମଚାରୀ ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# କୁରାଳ ସମାଜ ସଭାଗୃହ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୨୨।୨**

ଛେଣ୍ଡିପଦା ବ୍ଲକ ଗୋପୀନାଥପୁରସ୍ଥିତ ଟେଣ୍ଟୁଲେଇ ଗ୍ରାମଠାରେ କୁରାଳ ସମାଜର ଏକ ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ଜିଲା କମିଟି ସଭାପତି ନୀଳକଣ୍ଠ ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛେଣ୍ଡିପଦା ଜୋନ୍‌ର ସଭାପତି ଶୁକଦେବ ବେହେରା, ସମ୍ପାଦକ ରବୀନ୍ଦ୍ରନାଥ ବେହେରା, ଲୋକନାଥ ବେହେରା, ଭାସ୍କର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଭାବେ ପ୍ରମୋଦ ଚନ୍ଦ୍ର ରାଉଳ, ପ୍ରାଣବନ୍ଧୁ ମୁଦୁଲି, ମହେଶ୍ୱର ବେହେରା, ସୁଧାକର ବେହେରା, ସଦାନନ୍ଦ ବେହେରା, ବିଲଙ୍କ ବେହେରା, ନାରାୟଣ ମୁଦୁଲି ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଛେଣ୍ଡିପଦା ଜୋନର ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଜିଲା କମିଟି ସଭାପତି ଓ ସମ୍ପାଦକ ଧନ୍ୟବାଦ ଦେଇଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଆତ୍ମରକ୍ଷା ତାଲିମ ଶିବିରରେ ଭାଗ ନେଇଥିବା ଛାତ୍ରୀମାନେ।

**ବଇଣ୍ଡା,୨୨।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡ଼ା କଲେଜ ପରିସରରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଳରାମ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନେ ବିପଦ ସମୟରେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଶୁତୋଷ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ଗଡ଼ନାୟକ, ଜ୍ଞାନେନ୍ଦ୍ର ବିଶ୍ୱାଳ, କ୍ରିଷ୍ଣାରାଣୀ ସାହୁ, ବିଭୁଦେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୬୫ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପ୍ରିୟଦର୍ଶିନୀ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ଗାଁ ବୁଲିଲେ, ସମସ୍ୟା ବୁଝିଲେ ବିଧାୟକ



**ପାଲଲହଡ଼ା, ୨୨।୨(ଡି.ଏନ.ଏ.)**

ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଶନିବାର ବ୍ଲକର ଆଲୋରୀ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ଭେଟିଛନ୍ତି। ସେମାନଙ୍କ ସହ ଆଲୋଚନା କରି ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଭେଟିଆ ଗ୍ରାମ ପରିଦର୍ଶନ କରି ସେଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ପଞ୍ଚାୟତରେ ଆବାସ ଯୋଜନାର ଅଗ୍ରଗତି, ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଆଗାମୀ ଦିନରେ ପଞ୍ଚାୟତର ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି ପାଲ କହିଥିଲେ। ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ପ୍ରଦୀପ କୁମାର ପ୍ରଧାନ, ପ୍ରହ୍ଲାଦ ପ୍ରଧାନଙ୍କ ସହ ବହୁ କର୍ମୀ ଏହି ଅବସରରେ ଉପସ୍ଥିତ ଥିଲେ।

# ‘ରାଧାମୋହନଙ୍କ ସାହିତ୍ୟ କାଳଜୟୀ’

**ଅନୁଗୋଳ ଅଫିସ, ୨୨।୨**




ରାଧାମୋହନ ଗଡନାୟକଙ୍କ ପୁଣ୍ୟତିଥି ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ମାଟିର ଗୌରବ ପଦ୍ମଶ୍ରୀ କବି ରାଧାମୋହନ ଗଡ଼ନାୟକଙ୍କ ୨୦ତମ ପୁଣ୍ୟତିଥି ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଧାମୋହନ ଗଡ଼ନାୟକ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି କବି ସମାଲୋଚକ ପ୍ରଫେସର କୁମୁଦ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ଡ. ଧରଣୀଧର ନାଥ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବାବାଜୀ ଚରଣ ଗଡ଼ନାୟକ ମୁଖ୍ୟବକ୍ତା ଓ ପ୍ରଫେସର ଶାନ୍ତନୁ କୁମାର ସର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଡ଼ନାୟକଙ୍କ ସାହିତ୍ୟ କାଳଜୟୀ ବୋଲି କହିଥିଲେ। ଅଧ୍ୟାପକ ମନୋଜ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଏଥିରେ ସୂର୍ଯ୍ୟ ନାରାୟଣ ନାଥ, ପୂର୍ଣ୍ଣେନ୍ଦୁ ଭୂତିଆ, ରଞ୍ଜିତ ଦେହୁରୀ, ବିଦ୍ୟାଧର ନାୟକ ଓ ସିତାଂଶୁ ସାହୁ ପ୍ରମୁଖଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଶେଷରେ ସଂସଦର ସମ୍ପାଦକ ସୁଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର ୨୩ ଫେବୃୟାରୀ, ୨୦୨୦



"ଚଳିତ ପ୍ରଥମ କ୍ରିକେଟ ଟେଷ୍ଟରେ ରିଷଭ ପନ୍ତଙ୍କ ରନ ଆଉଟ ଭାରତୀୟ ଇନିଂସର ଟର୍ନିଂ ପଏଣ୍ଟ ।
–ଟିମ୍ ସୌଦି, ନ୍ୟୁଜିଲାଣ୍ଡ ପେସ୍ ବୋଲର



"ମହିଳା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ମ୍ୟାଚ ଜିତିବାପରେ ଆମର ଆତ୍ମବିଶ୍ୱାସ ଯଥେଷ୍ଟ ବୃଦ୍ଧି ପାଇଛି ।
–ମିଥାଲି ରାଜ, ଷ୍ଟାର ବ୍ୟାଟ୍ସଓମ୍ୟାନ



## ସଂକ୍ଷେପରେ

### ଟେଲରଙ୍କୁ ଉପହାର ୧୦୦ ୱାଇନ୍ ବୋତଲ

**ୱେଲିଂଟନ୍,୨୨।୨:** ଏଠାରେ ଚାଲିଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ଭେଟେରାନ୍ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ପାଇଁ କ୍ୟାରିୟରର ୧୦୦ତମ ଟେଷ୍ଟ। ବିଶ୍ୱର ପ୍ରଥମ ଖେଳାଳି ଭାବେ ସେ କ୍ରିକେଟର ସମସ୍ତ ଫର୍ମାଟ୍‌ରେ ୧୦୦ ମ୍ୟାଚ୍ ଖେଳିଛନ୍ତି। ଏହି ଅବସରରେ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ (ଏନ୍‌ଜେଡ୍‌ସି) ଟେଲରଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛି। ଉପହାରଟି ହେଲା ୧୦୦ ୱାଇନ ବୋତଲ। ଏହାକୁ ଶେଷ କରିବା ଲାଗି ମୋତେ ସାହାଯ୍ୟ ଦରକାର। କିନ୍ତୁ ଏହାକୁ କିଛି ଦିନ ପାଇଁ ରଖାଯାଇପାରିବ। ଏହା ଏକ ପରମ୍ପରା। ଦେଶ ପାଇଁ ୧୦୦ ଟେଷ୍ଟ ଖେଳିଥିବା ଷ୍ଟିଫେନ ଫ୍ଲେମିଂ, ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଡାନିଏଲ ଭିଟୋରିଙ୍କୁ ମଧ୍ୟ ଏଭଳି ଉପହାର ଦିଆଯାଇଥିଲା ବୋଲି ଟେଲର କହିଛନ୍ତି। ସମସ୍ତ ବୋତଲରେ ଟେଲରଙ୍କ ନାମ ଲିଖିତ ରହିଛି। କେଉଁ ଅବସରରେ ଏହା ପ୍ରଦାନ କରାଯାଉଛି, ତାହା ମଧ୍ୟ ସ୍ପଷ୍ଟ କରାଯାଇଛି। ୩୫ ବର୍ଷୀୟ ଟେଲର ଗତ ମାସରେ ୧୦୦ତମ ଟି୨୦ ଖେଳିଥିଲେ। ଦିନିକିଆ ଫର୍ମାଟ୍‌ରେ ୨୩୧ ମ୍ୟାଚ୍ ଖେଳିସାରିଛନ୍ତି।

### ଡାରେନ ସାମିଙ୍କୁ ପାକିସ୍ତାନ ନାଗରିକତ୍ୱ

**କରାଚୀ, ୨୨।୨ (ପି.ଟି.):** ଡାରେନ ସାମିଙ୍କୁ ସମ୍ମାନ ସୂଚକ ନାଗରିକତ୍ୱ ପ୍ରଦାନ କରିବା ଲାଗି ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ସାମିଙ୍କ ଯୋଗୁ ପାକିସ୍ତାନକୁ ଅନ୍ତର୍ଜାତୀୟ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିଥିବାରୁ ତାଙ୍କୁ ଏହି ସମ୍ମାନ ଦିଆଯିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶନିବାର ପ୍ରକାଶ କରିଛି। ସାମି ବର୍ତ୍ତମାନ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍) ସିଜନରେ ପେଶାୱାର ଜାଲ୍ମିର ନେତୃତ୍ୱ ନେଉଛନ୍ତି। ମାର୍ଚ୍ଚ ୨୩ରେ ରାଷ୍ଟ୍ରପତି ଆରିଫ୍ ଆଲ୍‌ଭି ତାଙ୍କୁ ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ ନିଶାନ-ଇ-ହାଇଦର ପ୍ରଦାନ କରିବେ। ସାମି ପିଏସ୍ଏଲ୍ ଆରମ୍ଭରୁ ଏହା ସହିତ ସମ୍ପୃକ୍ତ ଅଛନ୍ତି। ଦେଶକୁ ଅନ୍ତର୍ଜାତୀୟ କ୍ରିକେଟ ଫେରାଇ ଆଣିବା ଲାଗି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁରକ୍ଷା ଜନିତ କାରଣ ଦର୍ଶାଇ ୨୦୧୭ରେ ପିଏସ୍ଏଲ ଫାଇନାଲ ଖେଳିବା ଲାଗି ଅଧିକାଂଶ ବିଦେଶୀ ଖେଳାଳି ରାଜି ହୋଇ ନ ଥିଲେ। ସେତେବେଳେ ସାମି ଏଥିରେ ଖେଳିବାକୁ ରାଜି ଥିଲେ। ତାଙ୍କ ଅଧିନାୟକତ୍ୱରେ ପେଶାୱାର ଟାଇଟଲ ଜିତିଥିଲା।




# ନ୍ୟୁଜିଲାଣ୍ଡ ଅଗ୍ରଣୀ

## ପ୍ରଥମ ଟେଷ୍ଟ

**ସଂକ୍ଷିପ୍ତ ସ୍କୋର**

■ ଭାରତ ପ୍ରଥମ ଇନିଂସ: ୬୮.୧ ଓଭରରେ ୧୬୫ ଅଲଆଉଟ। (ରାହାନେ- ୪୬, ମୟଙ୍କ- ୩୪, ସାମି- ୨୧, ପନ୍ତ- ୧୯, ସୌଦି- ୪/୪୯, ଜେମିସନ- ୪/୩୯, ବୋଲ୍ଟ- ୧/୫୭)।

■ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୭୧.୧ ଓଭରରେ ୨୧୬/୫, (ୱିଲିୟମସନ- ୮୯, ଟେଲର-୪୪, ବ୍ଲଣ୍ଡେଲ- ୩୦, ନିକୋଲ୍ସ-୧୭, ୱାଟିଲିଂ- ୧୪*, ଗ୍ରାଣ୍ଡହୋମ- ୪*, ଲଥାମ-୧୧, ଈଶାନ୍ତ- ୩/୩୧, ସାମି- ୧/୬୧, ଅଶ୍ୱିନ- ୧/୬୦)।

ୱେଲିଂଟନ,୨୨।୨(ପି.ଟି.)

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ପରେ ଭାରତ ଅବଶ୍ୟ ପ୍ରତ୍ୟାବର୍ତ୍ତନ କରିଛି। ଏହା ସତ୍ତ୍ୱେ ନ୍ୟୁଜିଲାଣ୍ଡ ତା'ର ସ୍ଥିତି ଦୃଢ କରିଛି। ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୮.୧ ଓଭରରେ ୧୬୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୧.୧ ଓଭରରେ ୫ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୫୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୧୪ ଓ କଲିନ୍ ଡି ଗ୍ରାଣ୍ଡହୋମ ୪ ରନ କରି ଅପରାଜିତ ରହିଛନ୍ତି।

ଇନିଂସ ଆରମ୍ଭରୁ ନ୍ୟୁଜିଲାଣ୍ଡ ଓପନର ଟମ୍ ଲଥାମଙ୍କୁ ହରାଇଥିଲା। ଲଥାମ ୧୧ ରନ କରିଥିବାବେଳେ ଈଶାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ଟମ୍ ବ୍ଲଣ୍ଡେଲ ୩୦ ରନ କରିଥିବା ବେଳେ ବଲର ସୁଇଙ୍ଗ୍ ବୁଝି ନ ପାରି ଲାଇନ୍ ମିସ୍ କରି କ୍ଲିନ୍ ବୋଲ୍ଡ ହୋଇଥିଲେ। କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳୁଥିବା ଅଭିଜ୍ଞ ରସ୍ ଟେଲର ଶର୍ଟ ଲେଗ୍‌ରେ ଚେତେଶ୍ୱର ପୂଜାରାଙ୍କୁ କ୍ୟାଚ୍ ଦେଇ ଈଶାନ୍ତଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ୮୯ ରନ କରି ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଅଧିନାୟକ କେନ୍ ୱିଲିୟମସନ କଭରରେ ବଦଳ ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ୧୭ ରନ କରିଥିବା ବେଳେ ହେନେରୀ ନିକୋଲ୍ସ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଈଶାନ୍ତ ୩, ସାମି ଓ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୨୨/୫ରୁ ଖେଳ ଆରମ୍ଭ କରି ଭାରତ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ ୩୮ରୁ ଖେଳ ଆରମ୍ଭ କରି ୪୬ ରନକରି ଟିମ୍ ସୌଦିଙ୍କ ବଲ୍‌ରେ ଉଇକେଟକିପର ୱାଟଲିଂଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୧୦ ରନର ଖେଳ ଆରମ୍ଭ କରିଥିବା ପନ୍ତ ୧୯ ରନ କରିଥିବାବେଳେ ଅଜାଜ ପଟେଲଙ୍କ ଥ୍ରୋରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଶ୍ୱିନ ଖାତା ଖୋଲିବା ପୂର୍ବରୁ ସୌଦିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେହିପରି ଈଶାନ୍ତ କାଏଲ ଜେମିସନଙ୍କ ବଲରେ ୱାଟଲିଂଙ୍କୁ କ୍ୟାଚ୍ ଦେବା ପୂର୍ବରୁ ୫ ରନ ସଂଗ୍ରହ କରିଥିଲେ। ସାମି ୨୦ ବଲରୁ ୩ ଚୌକା ସହ ଦ୍ରୁତ ୨୧ ରନକରି ପଏଣ୍ଟ ଅଞ୍ଚଳରେ ବ୍ଲଣ୍ଡେଲଙ୍କୁ କ୍ୟାଚ୍ ଦେଇ ସୌଦିଙ୍କ ଚତୁର୍ଥ ଶିକାର ହୋଇଥିଲେ। ବୁମ୍‌ରା ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସୌଦି ଓ ଜେମିସନ ୪ଟି ଲେଖାଏ, ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଉଇକେଟ ହାସଲ କରିଥିଲେ।

### ଆଜି ଶେଷ ମ୍ୟାଚ୍ ଖେଳିବ ଓଡ଼ିଶା ଏଫ୍‌ସି



**ଭୁବନେଶ୍ୱର, ୨୨।୨(ସ୍ପୋର୍ଟସ୍ ବ୍ୟୁରୋ):** ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ରବିବାର କେରଳ ବ୍ଲାଷ୍ଟର୍ସ ଓ ଘରୋଇ ଓଡ଼ିଶା ଏଫ୍‌ସି ପରସ୍ପରକୁ ଭେଟିବେ। ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡିସାରିଥିବାରୁ ଏହି ସମ୍ମାନ ଉଭୟ ଦଳ ଲଢ଼ିବେ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଉଭୟ ଦଳ ବିଜୟୀ ହୋଇ ଅଭିଯାନ ଶେଷ କରିବା ଲକ୍ଷ୍ୟରେ ରହିଛନ୍ତି। ୧୭ଟି ମ୍ୟାଚ୍ ଖେଳି ୭ ବିଜୟ, ୩ ଡ୍ର ଓ ୭ ପରାଜୟ ସହ ୨୪ ପଏଣ୍ଟ ପାଇଁ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ସେହିପରି କେରଳ ୧୭ଟି ମ୍ୟାଚ୍ ଖେଳି ୪ ବିଜୟ, ୬ ଡ୍ର ଓ ୭ ପରାଜୟ ସହ ୧୮ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ଗତ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସି ଶୁକ୍ରବାର ପ୍ରତିପକ୍ଷ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇ ଚତୁର୍ଥ ସ୍ଥାନ ଅଧିକାର କରିବା ପରେ ଓଡ଼ିଶାର ପ୍ଲେ ଅଫ୍ ଆଶା ଧୂଳିସାତ୍ ହୋଇଥିଲା।

## ଡ୍ରିମ୍ସ ରଣ୍‌ଜୀ: ପ୍ରଥମ ଇନିଂସ ଅଗ୍ରଣୀ ନେଲା ବେଙ୍ଗଲ


**ଭୁବନେଶ୍ୱର, ୨୨।୨ (ସ୍ପୋର୍ଟସ୍ ବ୍ୟୁରୋ):** କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ବିପକ୍ଷରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ୱାର୍ଟର ଫାଇନାଲ ମୁକାବିଲାରେ ବେଙ୍ଗଲ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ୩୩୨ ରନ ଜବାବରେ ଓଡ଼ିଶା ୨୫୦ ରନରେ ସୀମିତ ରହିଛି। ଫଳରେ ୮୨ ରନର ମହତ୍ତ୍ୱପୂର୍ଣ୍ଣ ଇନିଂସ ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ବେଙ୍ଗଲ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶନିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍ ବିନିମୟରେ ୭୯ ରନ୍ ସଂଗ୍ରହ କରିଛି। ଅଭିଷେକ ରମନ ୪ ଓ ଷ୍ଟାର୍ ବ୍ୟାଟ୍ସମ୍ୟାନ ମନୋଜ ତିୱାରୀ ୩ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଦୁଇ ଓପନର୍ କୌଶିକ ଘୋଷ (୪୧) ଓ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ (୩୦) ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ଦୁଇ ପାର୍ଟଟାଇମ୍ ସ୍ପିନର ଅନୁରାଗ ଷଡ଼ଙ୍ଗୀ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ୍ ସଫଳତା ପାଇଛନ୍ତି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ ରହିଛି। କିନ୍ତୁ ଯଦି ମ୍ୟାଚ୍ ଡ୍ର ରୁହେ ତେବେ ପ୍ରଥମ ଇନିଂସ ଅଗ୍ରଣୀଭିତ୍ତିରେ ବେଙ୍ଗଲ ସେମିଫାଇନାଲ ଟିକେଟ୍ ହାସଲ କରିବ।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୫୧/୪ରୁ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶନିବାର ସକାଳେ ପ୍ରତିପକ୍ଷ ଦ୍ରୁତ ବୋଲିଂକୁ ସାମ୍ନା କରି ପାରି ନ ଥିଲା। ଦଳୀୟ ସ୍କୋରରେ ଆଉ ୯୯ ରନ ଯୋଡ଼ି ଓଡ଼ିଶା ବଳକା ୬ ଉଇକେଟ୍ ହରାଇବା ସହ ୨୫୦ ରନରେ ସୀମିତ ରହିଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି (୪୬ ରନ, ୬ ଚୌକା)ଙ୍କୁ ଛାଡ଼ି ଦେଲେ ଅନ୍ୟକୌଣସି ଓଡ଼ିଶା ବ୍ୟାଟ୍ସମ୍ୟାନ ଶନିବାର ବଡ଼ ଇନିଂସ ଖେଳି ପାରି ନ ଥିଲେ। ଦେବବ୍ରତ ପ୍ରଧାନ (୧୫), ବିପ୍ଳବ ସାମନ୍ତରାୟ (୩), ରାଜେଶ ଧୂପର (୧୦), ସୂର୍ଯ୍ୟକାନ୍ତ ପ୍ରଧାନ (୧୩), ବସନ୍ତ ମହାନ୍ତି (୫) ଓ ପଦାର୍ପଣକାରୀ କନୱର ସିଂ ଚୌହାନ (୪*) ବିଫଳ ହୋଇଥିଲେ। ବୋଲିଂରେ ୩ ବେଙ୍ଗଲ ଦ୍ରୁତ ବୋଲର ଈଶାନ ପୋରେଲ (୩/୭୨), ନୀଳକାନ୍ତ ଦାସ (୩/୪୩) ଓ ମୁକେଶ କୁମାର (୩/୫୧) ମିଳିତ ଭାବେ ଉଇକେଟ୍ ବାଣ୍ଟି ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ- ୩୩୨/୧୦। ଓଡ଼ିଶା ପ୍ରଥମ ଇନିଂସ- ୨୫୦/୧୦ (ଦେବାଶିଷ ସାମନ୍ତରାୟ ୬୮, ଶାନ୍ତନୁ ମିଶ୍ର ୬୨, ଶୁଭ୍ରାଂଶୁ ୪୬, ନୀଳକାନ୍ତ ୩/୪୩)।

## ଅଗରଙ୍କ ହ୍ୟାଟ୍ରିକ, ଅଷ୍ଟ୍ରେଲିଆର ବୃହତ୍ ବିଜୟ



ପ୍ଲେୟର ଅଫ୍ ଦି ମ୍ୟାଚ ଆଷ୍ଟନ ଅଗର।

ଜୋହାନ୍ସବର୍ଗ,୨୨।୨

ସ୍ଥାନୀୟ ୱାଣ୍ଡର୍ସ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ଆଷ୍ଟନ ଅଗର ହ୍ୟାଟ୍ରିକ ଉଇକେଟ ନେଇଛନ୍ତି। ଏଥିଯୋଗୁ ଅଷ୍ଟ୍ରେଲିଆ ୧୦୭ ରନ୍‌ର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ୫ ଉଇକେଟ ସଫଳତା ପାଇଥିବା ଅଷ୍ଟୋନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କ ମିଳିତ ଉଦ୍ୟମ ଯୋଗୁ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୬ ରନ୍ କରିଥିଲା। ଦଳ ପାଇଁ ଷ୍ଟିଭ ସ୍ମିଥ ୪୫, ଅଧିନାୟକ ଆରୋନ ଫିଞ୍ଚ ୪୨, ଆଲେକ୍ସ କାରି ୨୭ ଓ ଅଷ୍ଟୋନ ୨୦ ରନ୍ କରିଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ଡେଲ ଷ୍ଟେଇନ ଓ ତାବ୍ରିଜ ଶାମ୍‌ସି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଇନିଂସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଘରୋଇ ଦକ୍ଷିଣ ଆଫ୍ରିକା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟ୍ସମ୍ୟାନ ଉଦ୍ଧାର କରିପାରି ନ ଥିଲେ। ଇନିଂସ୍‌ର ୭ମ ଓଭର ବୋଲିଂ କରୁଥିବା ଅଗର ଚତୁର୍ଥ ବଲରେ ଡୁପ୍ଲେସିଙ୍କୁ କେନ ରିଚାର୍ଡସନ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ପରବର୍ତ୍ତୀ ବଲରେ ଆଣ୍ଡିଲେ ଫେଲୁକ୍ୱାୟୋଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ପାଭେଲିଅନ ଫେରାଇଥିଲେ। ଓଭରର ଅନ୍ତିମ ବଲରେ ଷ୍ଟେଇନଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଟି୨୦ ଫର୍ମାଟ୍‌ରେ ହ୍ୟାଟ୍ରିକ ନେବାରେ ଅଗର ଦ୍ୱିତୀୟ ଅଷ୍ଟ୍ରେଲିଆନ ବୋଲର। ତାଙ୍କ ପୂର୍ବରୁ ବ୍ରେଟ୍ ଲି ୨୦୦୭ରେ ବାଂଲାଦେଶ ବିପକ୍ଷରେ ହ୍ୟାଟ୍ରିକ୍ ନେଇଥିଲେ। ଦକ୍ଷିଣ ଆଫ୍ରିକା ୧୪.୩ ଓଭରରେ ମାତ୍ର ୮୯ ରନ୍‌ରେ ସୀମିତ ରହିଥିଲା। ଦଳ ପାଇଁ ଫାଫ ଡୁପ୍ଲେସି ୨୪, କାଗିସୋ ରବାଡା ୨୨ ଓ ପିଟେ ଭାନ ବିଜନ (୧୬)ଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ବିଜୟୀ ଦଳ ପାଇଁ ଆଷ୍ଟୋନ ୫ ଉଇକେଟ ନେଇଥିଲେ। ସେହିଭଳି ପାଟ କୁମିନ୍ସ ଓ ଆଡାମ ଝାମ୍ପା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଶୁଟ୍ ଆଉଟରେ ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

ଭୁବନେଶ୍ୱର ୨୨।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ଶୁଟ୍‌ଆଉଟ ୩-୧ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ଗୋଲରେ ବରାବର ରହିଥିଲା। ଫଳରେ ଏହି ମ୍ୟାଚରୁ ଭାରତ ୨ ଓ ଅଷ୍ଟ୍ରେଲିଆ ୧ ପଏଣ୍ଟ ପାଇଛି। ଭାରତ ଏହାକୁ ମିଶାଇ ମୋଟ ୬ ମ୍ୟାଚ ଖେଳିଥିବାବେଳେ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୨ ପରାଜୟ ସହ ୧୦ ପଏଣ୍ଟ ପାଇଛି। ସେହିପରି ଅଷ୍ଟ୍ରେଲିଆ ୬ ମ୍ୟାଚରୁ ୨ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହ ୧୦ ପଏଣ୍ଟ ପାଇଛି। ହରମନପ୍ରୀତ ସିଂ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ପୂର୍ବମ୍ୟାଚରେ ପରାଜୟରୁ ଶିକ୍ଷାଲାଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚର ପ୍ରଥମ କ୍ୱାର୍ଟରରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରି ଖେଳିଥିଲା। ତେବେ ଅଷ୍ଟ୍ରେଲିଆ ସ୍ୱାଭାବିକ ସ୍ପିଡ୍ ଗେମ୍ ଖେଳି ଭାରତ ଉପରେ ଚାପ ପକାଇଥିଲା। ଡି ଏରିଆ ମଧ୍ୟରେ ତ୍ରୁଟି ଯୋଗୁ ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆକୁ ୪ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ମ୍ୟାଚ ଆରମ୍ଭର ତତ୍କ୍ଷଣାତ ଅର୍ଥାତ୍ ୩୧ ସେକେଣ୍ଡରେ ଦଳ ପ୍ରଥମ ସୁଯୋଗ ସୃଷ୍ଟି କରିଥିଲା। ଗୋଲ କିପର ପି.ଆର. ଶ୍ରୀଜେଶଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ତାହା ସେଭ୍ ହୋଇ ଯାଇଥିଲା। ୭ମ ମିନିଟରେ ଅଷ୍ଟ୍ରେଲିଆ କ୍ରମାଗତ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ଦ୍ୱିତୀୟ ସୁଯୋଗରେ ଅଷ୍ଟ୍ରେଲିଆ ଗୋଲ କରିଥିଲେ ହେଁ ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ଭିଡିଓ ରେଫରାଲ ମାଗିଥିଲେ। ସେଥିରେ ଗୋଲ ହେବା ପୂର୍ବରୁ ବଲ୍ ଅଷ୍ଟ୍ରେଲିଆର ଆରନ ଜେଲସ୍କିଙ୍କ ଗୋଡ଼ରେ ବାଜିଥିବା ସ୍ପଷ୍ଟ ହୋଇଥିଲା। ଫଳରେ ଗୋଲଟି ନାକଚ ହୋଇ ଯାଇଥିଲା। ୧୨ତମ ମିନିଟ ପେନାଲ୍ଟି କର୍ଣ୍ଣରକୁ ମଧ୍ୟ ଶ୍ରୀଜେଶ୍ ଚମତ୍କାର ସେଭ୍ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ଭାରତ ପାଇଁ ଅଗ୍ରଣୀ ନେବାର ଭଲ ସୁଯୋଗ ମିଳିଥିଲା। ମାତ୍ର ଅଷ୍ଟ୍ରେଲିଆ ଗୋଲପୋଷ୍ଟରେ ବଡ଼ ଗ୍ୟାପ ଥିଲେ ହେଁ ଗୁର୍‌ସାହିବଜିତ ସିଂ ମାରିଥିବା ବଲଟି ବାହାରେ ଚାଲି ଯାଇଥିଲା। ଅଷ୍ଟ୍ରେଲିଆ ୧୮ ଓ ୨୩ତମ ମିନିଟରେ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ଗୋଲ ମିସ୍ ହୋଇଥିଲା। ତେବେ ସେହି ୨୩ ତମ ମିନିଟରେ ଭାରତ ଗୋଲକିପର କ୍ରିଷ୍ଣନ ବାହାଦୁର ପାଠକଙ୍କ ତ୍ରୁଟି ଯୋଗୁ ଅଷ୍ଟ୍ରେଲିଆର ଟ୍ରେଣ୍ଟ ମିଟନ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଅଷ୍ଟ୍ରେଲିଆର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ୨୫ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ରୂପିନ୍ଦରପାଲ ସିଂ ଗୋଲରେ ପରିଣତ କରି ମ୍ୟାଚକୁ ସମାନସ୍ତରକୁ ନେଇ ଆସିଥିଲେ। ଏହାର ୨ ମିନିଟ ପରେ ଅର୍ଥାତ୍ ୨୭ତମ ମିନିଟରେ ଭାରତକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ହରମନପ୍ରୀତ ସିଂ ଏହାକୁ ମିସ୍ କରିଥିଲେ। ମାତ୍ର ଅଷ୍ଟ୍ରେଲିଆ ଖେଳାଳିଙ୍କ ତ୍ରୁଟି ଯୋଗୁ ଭାରତକୁ କ୍ରମାଗତ ୨ୟ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏଥର କିନ୍ତୁ ହରମନପ୍ରୀତ ଭୁଲ ନ କରି ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୨-୧ ଗୋଲରେ ଅଗ୍ରଣୀ ନେଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅଷ୍ଟ୍ରେଲିଆ ଆକ୍ରମଣ ଆରମ୍ଭ କରିଥିଲା। ତେଣୁ ୩୧ତମ ମିନିଟରେ ହିଁ ଦଳକୁ ପେନାଲ୍ଟି କର୍ଣ୍ଣର ମିଳି ଯାଇଥିଲା। ଏହା ସେଭ୍ ହୋଇଥିଲେ ହେଁ କ୍ରମାଗତ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲା ଅଷ୍ଟ୍ରେଲିଆ। ମାତ୍ର ଏଥର ମଧ୍ୟ ଅଷ୍ଟ୍ରେଲିଆ ଖେଳାଳିମାନେ ସଫଳ ହାଇ ନ ଥିଲେ। ୩୩ତମ ମିନିଟରେ ଡି ଏରିଆ ମଧ୍ୟରେ ଜରମନପ୍ରୀତ ସିଂଙ୍କ ଷ୍ଟିକ୍ ଚେକ୍ ପାଇଁ ଭାରତକୁ ଦଣ୍ଡ ସ୍ୱରୂପ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର ଦିଆ ଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ମ୍ୟାଚକୁ ସମାନସ୍ତରକୁ ଆଣିବା ପାଇଁ ଶତ ପ୍ରତିଶତ ସୁଯୋଗ ଆସିଥିଲା। ମାତ୍ର ଭାରତକୁ ଭାଗ୍ୟଦେବୀ ସହାୟ ହୋଇଥିଲେ। ଅଷ୍ଟ୍ରେଲିଆର ଟିମ୍ ବ୍ରାଣ୍ଡ୍ ମାରିଥିବା ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା।

ଏହାପରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଆଉ ଗୋଲ ହୋଇପାରି ନ ଥିଲା। ଫଳରେ ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ପୂର୍ବତନ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ କିନ୍ତୁ ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୬ତମ ମିନିଟରେ ଭାରତୀୟ ଗୋଲକିପର ପାଠକଙ୍କ ତ୍ରୁଟି ଯୋଗୁ ଅଷ୍ଟ୍ରେଲିଆର ଆରନ ଜେଲସ୍କି ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ଏହାପରେ ଭାରତ କେତେକ ଭଲ ମୁଭ୍ ନେଇଥିଲେ ହେଁ ଫିନିଶିଂ କରିପାରି ନ ଥିଲା। ମ୍ୟାଚ ଶେଷ ହେବାପାଇଁ ୬ ମିନିଟ ଥିବାବେଳେ ରାଜ କୁମାର ପାଲ୍ ତଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଫିଜିଓଙ୍କ ସହାୟତାରେ ସେ ପଡ଼ିଆ ବାହାରକୁ ଯାଇଥିଲା। ମ୍ୟାଚ ଶେଷ ହେବାପାଇଁ ୧ ମିନିଟ ଥିବବେଳେ ନୀଳକାନ୍ତ ଶର୍ମାଙ୍କ ଶକ୍ତିଶାଳୀ ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଚମତ୍କାରଭାବେ ସେଭ୍ କରି ଦେଇଥିଲେ। ୧୨ ସେକେଣ୍ଡ ବାକିଥିବାବେଳେ ଅଷ୍ଟ୍ରେଲିଆ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ମାତ୍ର ଭାରତୀୟ ରକ୍ଷଣଭାଗ ତାହାକୁ ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ଫଳରେ ମ୍ୟାଚ ଶୁଟ୍ ଆଉଟକୁ ଯାଇଥିଲା।



ଗୋଲ୍ ସ୍କୋର କରିବା ପରେ ରୂପିନ୍ଦରପାଲ ସିଂଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ଶୁଟ୍ ଆଉଟ ରୋମାଞ୍ଚ

ଶୁଟ ଆଉଟ ପର୍ଯ୍ୟାୟରେ ପ୍ରଥମେ ଆସିଥିଲେ ଅଷ୍ଟ୍ରେଲିଆର ଡାନିଏଲ ବେଲ୍। ଭାରତୀୟ ଗୋଲକିପର ପି.ଆର୍. ଶ୍ରୀଜେଶ ଫାଉଲ କରିବାରୁ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳି ଯାଇଥିଲା। ମ୍ୟାଚ ଓସନ ଏହାକୁ ଗୋଲରେ ପରିଣତ କରି ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ଭାରତ ପକ୍ଷରୁ ପ୍ରଥମେ ଆସିଥିବା ହରମନପ୍ରୀତ ସିଂ ପ୍ରତିପକ୍ଷ ଗୋଲକିପର ଟେଲର ଲୋଭେଲଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଟିମ୍ ବ୍ରାଣ୍ଡ୍ ଦ୍ୱିତୀୟରେ ଆସିଥିବାବେଳେ ଶ୍ରୀଜେଶ ପୁଣି ଫାଉଲ କରିଥିଲେ। ତେବେ ଡାନିଏଲ ବେଲ୍ ଗୋଲପୋଷ୍ଟ ବାହାରେ ବଲ୍ ମାରି ଅଷ୍ଟ୍ରେଲିଆକୁ ନିରାଶ କରିଥିଲେ। ଭାରତ ପକ୍ଷରୁ ଦ୍ୱିତୀୟରେ ଆସିଥିବା ବିବେକ ସାଗର ପ୍ରସାଦ କିନ୍ତୁ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ତୃତୀୟରେ ଆସିଥିବା ନାଥନ ଏଫରାଉମ୍ସ ଗୋଲ କରିପାରି ନ ଥିବାବେଳେ ଭାରତ ପକ୍ଷରୁ ଲଳିତ ଉପାଧ୍ୟାୟ ତୃତୀୟ ଗୋଲ ସ୍କୋର କରି ମ୍ୟାଚ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ପରେ ଅଷ୍ଟ୍ରେଲିଆର ଜ୍ୟାକ ହାର୍ଭି ଗୋଲ ମିସ୍ କରିବାସହିତ ଭାରତୀୟ ଖେଳାଳିମାନେ ଖୁସିରେ ନାଚି ଉଠିଥିଲେ।

## ସଂକ୍ଷେପରେ

### ଶ୍ରୀମା’ ଙ୍କ ଜୟନ୍ତୀ ପାଳିତ



**ଢେଙ୍କାନାଳ ଅଫିସ, ୨୨।୨:** ଢେଙ୍କାନାଳ ସଦର ବ୍ଲକ ବାରଦା ମାତୃଭବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଦିବ୍ୟଜନନୀ ଶ୍ରୀମା’ଙ୍କ ୧୪୨ତମ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃପତାକା ଉତ୍ତୋଳନ କରିଥିଲେ। ଗଭୀର ନିଷ୍ଠା, ଆନ୍ତରିକତା ଏବଂ ସମର୍ପଣ ମନୋଭାବ ରଖିଲେ ମା’ଙ୍କ ଦିବ୍ୟକୃପା ଲାଭ କରିପାରିବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ସମାରୋହରେ ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ପରିଚାଳନା କମିଟି ସଭାପତି ମହେଶ୍ୱର ସାମଲ, ପ୍ରଧାନ ଶିକ୍ଷକ ରୂପଶ୍ରୀ ରଥ, ଅଧକ୍ଷ ଦିଲୀପ ମହାରଣା, ଅରବିନ୍ଦ ପାଠଚକ୍ରର ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକମାନେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିଜୟ ନନ୍ଦ, ବରିଷ୍ଠ ଶିକ୍ଷକ ଅଶୋକ ଦାସ, ଚନ୍ଦ୍ରମଣି ଦଳବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସ୍ୱତନ୍ତ୍ର ପାଠଚକ୍ର ସହ ମାତୃପତାକା ଅବତରଣ କରାଯାଇଥିଲା।

### ପୃଥକ୍ ଦୁର୍ଘଟଣା: ୪ ଗୁରୁତର

**କୁଆମରା, ୨୨।୨(ଡି.ଏନ.ଏ.)** ମୟୂରଭଞ୍ଜ ଜିଲା ଉଦଳା-ବୈଶିଙ୍ଗା ରାସ୍ତାର ୩ଟି ପୃଥକ ସ୍ଥାନରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଶିବରାତ୍ରି ଉପଲକ୍ଷେ ଖୁଣ୍ଟା ଥାନା ପଶୁଦା ଗ୍ରାମରୁ ୬ଜଣ ଏକ ଅଟୋ ଯୋଗେ ମାଣତ୍ରୀ ଯାଇ ସେଠାରୁ ରାତି ୧୦ଟାରେ ଫେରୁଥିବା ବେଳେ ଭୀମଦା ଫାଣ୍ଡି ବେଗୁନିଆବଣି ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଫଳରେ ସେଥିରେ ବସିଥିବା ୬ଜଣଙ୍କ ମଧ୍ୟରୁ ଜିତେନ୍ଦ୍ର ସିଂ ଓ ମନୋରଞ୍ଜନ ସିଂଙ୍କ ଅବସ୍ଥା ଗୁରୁତର ହୋଇଛି। ଅନ୍ୟମାନେ ଆହତ ହୋଇଛନ୍ତି। ବୈଶିଙ୍ଗା ଗ୍ରାମରୁ ସଞ୍ଜୀବ ବେହେରା ଓ ଜଗବନ୍ଧୁ ଦାସ ଉଭୟ ଏକ ବାଇକ ଯୋଗେ ଉଦଳାରୁ ଘରକୁ ଫେରୁଥିବା ବେଳେ କୁଆମରା ଫାଣ୍ଡି ଗଡିଆମାଳ ନିକଟରେ ଭାରସାମ୍ୟ ହରାଇ ପଡ଼ିଯିବାରୁ ଦୁହିଁଙ୍କ ଅବସ୍ଥା ଗୁରୁତର ରହିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବଡସାହି ଥାନା ତେନ୍ତୁଳି ଗାଁ ହନୁମାନ ମନ୍ଦିର ନିକଟରେ ଏକ ବାଇକ ଦୁର୍ଘଟଣା ଘଟି ବଡବିଲା ଗ୍ରାମର ସୁନାରାମ ମୁର୍ମୁ, ଶୁକୁରା ସିଂ ଓ ଶକ୍ତି ସିଂ ଆହତ ହୋଇଛନ୍ତି। ଦୁର୍ଘଟଣା ଖବରପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ସମସ୍ତ ଆହତ ଓ ଗୁରୁତରମାନଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସଞ୍ଜୀବ, ଜଗବନ୍ଧୁ, ଜିତେନ୍ଦ୍ର ଓ ମନୋରଞ୍ଜନ ୪ଜଣ ଗୁରୁତରଙ୍କ ବାରିପଦା ଓ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ୩ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଡାକ୍ତର ଜ୍ୟୋତିକୃଷ୍ଣ କାଣ୍ଟ ସୂଚନା ଦେଇଛନ୍ତି।

# ସାଇଭକ୍ତ ସମ୍ମିଳନୀ ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ, ୨୨।୨**

ଢେଙ୍କାନାଳ କପିଳାସ ପାଦଦେଶରେ ପ୍ରତିଷ୍ଠିତ ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମରେ ଚାଲିଥିବା ବାର୍ଷିକ ଉତ୍ସବ ଓ ସର୍ବଭାରତୀୟ ସାଇଭକ୍ତ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ।

ଏହି ଉପଲକ୍ଷେ ସକାଳେ ସୂର୍ଯ୍ୟପୂଜା, ଧୁନିପୂଜା, ଦ୍ୱାରପାଳ ପୂଜା ପରେ କାକଡ ଆରତି ଅନୁଷ୍ଠିତ ହୋଇଥିଲା। ଏହାପରେ ଶ୍ରୀସାଇବାବାଙ୍କ ମହାସ୍ନାନ, ସିଙ୍ଗାର, ରାଜଧିରାଜ ବେଶ ସହ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୮ଟାରେ ସାଇ ସତଚରିତ ପାରାୟଣ ପାଠ କରାଯାଇଥିଲା। ମଧ୍ୟାହ୍ନ ସାଢ଼େ ୧୨ଟାରୁ ମନ୍ଦିର ପରିସରରେ ଥିବା ନୂଆ ଆନନ୍ଦ ବଜାର ସମେତ ପୀଠ ପରିସରରେ ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଅମୃତସରର ସନ୍ଥ ନିରଙ୍କାରୀ ବାବା ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ କରିଥିଲେ। ଏହି ଅବସରରେ ୩ଦିନ ଧରି ଚାଲିଥିବା ଅତିରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ଆରତି ପରେ ଚଉଡ଼ି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଟ୍ରଷ୍ଟ ମୁଖ୍ୟ ଦ୍ୱାରିକା ମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ବାର୍ଷିକ ଉତ୍ସବରେ ସାମିଲ ହୋଇଥିବା ସନ୍ଥ ନିରଙ୍କାରୀ ବାବା।

**ସାମୂହିକ ପ୍ରସାଦ ସେବନରେ ଭାଗନେଲେ ୧୫ ହଜାର ଶ୍ରଦ୍ଧାଳୁ**

# ମହନୀୟତା ଓଡ଼ିଆ ଭାଷାକୁ ଦେଇଛି ଶାସ୍ତ୍ରୀୟ ମାନ୍ୟତା

**ପରଜଙ୍ଗ, ୨୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧକ୍ଷ ପ୍ରଫେସର ସାମଲ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ କିଶୋର ଚନ୍ଦ୍ର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡ଼ିଆ ଭାଷାର ମହନୀୟତା ହିଁ ଏହାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛି। ଏଥିପାଇଁ ଆମ ପୂର୍ବସୂରୀଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଛି। ଏବେକାର ସମୟରେ ଯୁବପିଢ଼ି ମାତୃଭାଷାଠାରୁ ବିମୁଖ ହେଉଛନ୍ତି, ଯାହା ଶୁଭଙ୍କର ନୁହେଁ। ସମସ୍ତେ ଓଡ଼ିଶା ଭାଷାକୁ ଅନ୍ତରରୁ ଭଲ ପାଇଲେ ଶାସ୍ତ୍ରୀୟ ମାନ୍ୟତାର ପ୍ରକୃତ ମୂଲ୍ୟବୋଧକୁ ବିଶ୍ୱ ହୃଦୟଙ୍ଗମ କରିବ ବୋଲି ସେ ମତ ରଖିଥିଲେ। ଇଂଲିଶ ଅଧାପକ ପ୍ରବୋଧ ରଥ, ଅଧାପକ ପ୍ରସନ୍ନ ସାହୁ ଓଡ଼ିଆ ଭାଷାର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ଅଞ୍ଜନ ମହାରଣା, ବିଶିକେଶନ କର୍ଣ୍ଣ, ସମୀର ମୁକୁଟ, ପ୍ରବୋଧ ଦୀପ, ରାଜକିଶୋର ସାହୁ, ଅଧାପିକା ପ୍ରାଚୀପ୍ରଭା ସାଏନ୍ତ, ଦେବୀକୃପା ଦଳବେହେରା, ଜ୍ୟୋତିର୍ମୟୀ ପରିଡ଼ା, ଶୁଭଶ୍ରୀ କର, ନୀରୋଦ ଦାସ ପ୍ରମୁଖ ସମସ୍ତ ଅଧାପିକାଅଧାପକ ଏବଂ କର୍ମଚାରୀ ଆଲୋଚନାରେ ଭାଗ ନେଇଥିଲେ।



କାର୍ଯ୍ୟକ୍ରମରେ ଅଧାପିକା, ଅଧାପକ ଏବଂ ଛାତ୍ରୀଛାତ୍ରମାନେ।

# ସମସ୍ତଙ୍କୁ ଆତ୍ମା, ପରମାତ୍ମା ଜ୍ଞାନ ଆବଶ୍ୟକ



**ଢେଙ୍କାନାଳ ଅଫିସ, ୨୨।୨**

ଢେଙ୍କାନାଳସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ମହାଶିବରାତ୍ରି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା ପରମାତ୍ମା ଶିବଙ୍କ ପତାକା ଉତ୍ତୋଳନ କରିଥିଲେ। ସମାଜର କଲ୍ୟାଣ ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ମାଉଣ୍ଟଆବୁସ୍ଥିତ ଅନ୍ତର୍ଜାତୀୟ ମୁଖ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶ ଅନୁଯାୟୀ ପତାକା ତଳେ ସଭିଏ ଶପଥପାଠ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ଖାଉଟି ସୁରକ୍ଷା ଫୋରମ୍ ସଭାପତି ଦୁର୍ଗାଚରଣ ମିଶ୍ର ଯୋଗଦେଇ କହିଲେ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଂସ୍ଥା ମହିଳା ସଶକ୍ତୀଦିଗରେ ଗୁରୁତ୍ୱ ଦେଇଆସୁଛି। ସମସ୍ତ ପାଖରେ ଆତ୍ମା, ପରମାତ୍ମାର ଜ୍ଞାନ ରହିବା ଆବଶ୍ୟକ। ଏଥିଲାଗି ବୟସର କୌଣସି ସୀମା ନାହିଁ ବୋଲି ସେ ମତ ରଖିଥିଲେ। ଜିଲା କାରାଗାର ଅଧୀକ୍ଷକ ବୀରେନ ସାହୁ ଆଧାତ୍ମିକ ଜ୍ଞାନ ଏବଂ ରାଜଯୋଗ ମାଧ୍ୟମରେ ଜେଲ ଅନ୍ତେବାସୀଙ୍କ ମାନସିକତାର ପରିବର୍ତ୍ତନ ହୋଇପାରିଛି ବୋଲି କହିଥିଲେ। ବେଣୁଧର, ସନ୍ତୋଷ, ଉପମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାନ୍ଧିଜୀ ସତ୍ୟ, ଅହିଂସାର ପ୍ରତୀକ

**ଢେଙ୍କାନାଳ ଅଫିସ, ୨୨।୨**

ଜାତିର ପିତା ମହାତ୍ମା ଗାନ୍ଧୀ ଥିଲେ ସତ୍ୟ ଏବଂ ଅହିଂସାର ପ୍ରତୀକ। ଅହିଂସା ମାର୍ଗ ଆପଣାଇ ସେ ଦେଶକୁ ବିଦେଶୀ ଶାସନରୁ ମୁକ୍ତ କରିଥିଲେ। ଯେତେବେଳେ ଅହିଂସା କଥା ଉଠିବ ସେତେବେଳେ ଗାନ୍ଧିଜୀ ମନେପଡ଼ିବେ ବୋଲି କହିଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ତରଣୀସେନ ଗଡ଼ନାୟକ। ଗାନ୍ଧିଜୀଙ୍କ ୧୫୦ବର୍ଷ ଜୟନ୍ତୀ ପାଳନ ଉପଲକ୍ଷେ ଶନିବାର ଅନୁଷ୍ଠାନ ପରିସରରେ ଆୟୋଜିତ ‘ସତ୍ୟ ଏବଂ ଅହିଂସା’ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ନିଜ ଅଭିଭାଷଣରେ ଏହା କହିଥିଲେ।

ମୁଖ୍ୟବକ୍ତା ଇତିହାସ ଅଧାପିକା ମମତା ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରି କହିଲେ, ଗାନ୍ଧିଜୀଙ୍କ ଜୀବନଯାପନ ଶୈଳୀ ବେଶ୍ ନିରାଡ଼ମ୍ବର ଥିଲା। ନିଷ୍ଠା, ସମୟାନୁବର୍ତ୍ତିତା ଭଳି ଗୁଣାବଳୀ ତାଙ୍କୁ ଅମର କରିଛି ବୋଲି ସେ କହିଥିଲେ। ପଦାର୍ଥବିଜ୍ଞାନ ଅଧାପକ ବିଷ୍ଣୁ ପ୍ରସାଦ ସାହୁ, ଦର୍ଶନ ବିଭାଗ ଅଧାପକ ବିଷ୍ଣୁ ପ୍ରସାଦ ରଥ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଏବଂ ଅଧାପିକାଅଧାପକ ଯୋଗ ଦେଇଥିଲେ।



ଆଲୋଚନାଚକ୍ରରେ ଛାତ୍ରୀଛାତ୍ରମାନେ।

# ନିଜକୁ ସୁରକ୍ଷିତ ରଖିବାକୁ ଆତ୍ମବିଶ୍ୱାସ ବେଶି ଜରୁରୀ

**କାମାକ୍ଷାନଗର, ୨୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପଣ୍ଡୁଆସ୍ଥିତ ପାରିମାଳ କଲେଜରେ ୧୨ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୦୦ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅଧାପକ ରବୀନ୍ଦ୍ର ନାୟକ, ମଧୁସୂଦନ ମହାରଣା, ସୁରେଶ ଚନ୍ଦ୍ର ମହାପାତ୍ର, ଡା. ପ୍ରଫୁଲ୍ଲ କୁମାର ପାଣି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଦେଇଥିଲେ। ନିଜର ସୁରକ୍ଷା ଲାଗି ଆତ୍ମରକ୍ଷା କୌଶଳ ଅପେକ୍ଷା ଆତ୍ମବିଶ୍ୱାସ ବେଶି ଉପଯୋଗୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିବିରକୁ ଓଡ଼ିଆ ଅଧାପକ ଦେବରାଜ ବେହେରା ପରିଚାଳନା କରିଥିଲେ।



ଶିବିରରେ ଭାଗ ନେଇଥିବା ଶିବିରାର୍ଥୀମାନେ।










# ପାଚେରିରୁ ଖସିପଡ଼ି ଅଭିଭାବକଙ୍କ ନାକ ଫାଟିଲା

## କପି ଦେବାକୁ ଉଦ୍ୟମ ବେଳେ ଗୋଡ଼ାଇଲା ପୋଲିସ

**ପରଜଙ୍ଗ, ୨୨।୨(ଡି.ଏନ.ଏ.)**

ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଗଡ଼ପଳାଶୁଣୀ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ କପି ଦେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୋଡ଼ାଇବାରୁ ପାଚେରି ଉପରୁ ଖସିପଡ଼ି ଜଣେ ଅଭିଭାବକ ଗୁରୁତର ହୋଇଛନ୍ତି। ତାଙ୍କ ନାକରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

ପୋଲିସ କହିଛି, ଗଡ଼ପଳାଶୁଣୀ କେନ୍ଦ୍ରରେ ଶନିବାର ମାଟ୍ରିକ ପରୀକ୍ଷା ଚାଲିଥିଲା। ସମ୍ପୃକ୍ତ ଅଭିଭାବକଙ୍କ ଝିଅ ପରୀକ୍ଷା ଦେଉଥିବାବେଳେ ସେ ପାଚେରି ଉପରେ ଚଢ଼ି କପି ଦେବାକୁ ଉଦ୍ୟମ କରୁଥିଲେ। ତେବେ ସେଠାରେ ନିୟୋଜିତ ଏପିଆର୍ କନଷ୍ଟେବଳ ଏହାକୁ ପ୍ରଶ୍ରୟ ଦେଇ ନ ଥିଲେ। କପି ଯୋଗାଇବାରେ ବିଫଳ ହେବାରୁ ସମ୍ପୃକ୍ତ ଅଭିଭାବକ ପୋଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ କନଷ୍ଟେବଳ ଜଣଙ୍କ ତାଙ୍କୁ ଗୋଡ଼ାଇଥିଲେ। ଅଭିଭାବକ ପାଚେରି ଉପରୁ ଡେଇଁପଡ଼ିବା ବେଳକୁ ମୁହଁ ମାଡ଼ି ତଳେ ପଡ଼ିଯାଇଥିଲେ। ଏଥିରେ ତାଙ୍କ ନାକ ଫାଟିଯାଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି।

ତେବେ ପୋଲିସ ପାହାରେ ପିଟିଦେବାରୁ ଅଭିଭାବକ ଜଣକ ପାଚେରିରୁ ପଡ଼ିଯାଇଥିବା କହିଛନ୍ତି। ହେଲେ ସେ ପୋଲିସ ବିରୋଧରେ କୌଣସି ଅଭିଯୋଗ କରିବେ ନାହିଁ ବୋଲି କହିଛନ୍ତି। ଏ ନେଇ ଥାନାଧିକାରୀ ସନ୍ତୋଷ ପ୍ରଧାନ କୁହନ୍ତି, ଅଭିଭାବକ ଜଣକ ପାଚେରିରୁ ଡେଇଁ ପଡ଼ିବା ପରେ ପଡ଼ିଯାଇଥିଲେ। ତେଣୁ ତାଙ୍କ ନାକରେ ଆଘାତ ଲାଗିଛି। ତାଙ୍କର ଚିକିତ୍ସା କରାଯାଇଛି। କାର୍ଯ୍ୟାନୁଷ୍ଠାନ ଭୟରେ ସେ ପୋଲିସ ବିରୋଧରେ ମାଡ଼ ମାରିଥିବା ଅଭିଯୋଗ ଆଣିଛନ୍ତି।

ଅନ୍ୟପଟେ ପରୀକ୍ଷାରେ କପିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ପରୀକ୍ଷା ଶେଷ ହେବାକୁ ଅଧ ଘଣ୍ଟା ବାକି ଥିବା ବେଳେ କେତେଜଣ ଅଭିଭାବକ ପାଚେରି ଡେଇଁ କପି ଦେବାକୁ ଉଦ୍ୟମ କରିଥିଲେ। ପୋଲିସ କପି ଯୋଗାଉଥିବା ବ୍ୟକ୍ତିଙ୍କୁ ଘଉଡ଼ାଇଦେଇଥିଲା। ପ୍ରଶାସନିକ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହୁଏ ସେଥିଲାଗି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ